# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-307 ◆WEDNESDAY ◆06 MAY 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୩୦୭ ◆ବୁଧବାର ◆୦୬ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




'କ୍ୱିନ୍ ୨' ସୁଟିଂ ଆରମ୍ଭ କଲେ କଙ୍ଗନା

▶ପୃଷ୍ଠା ୧୧ ଦେଖନ୍ତୁ...

## ୟୁପି-ବିହାରରେ ପ୍ରକୃତିର ତାଣ୍ଡବ: ଝଡ଼, ବଜ୍ରପାତରେ ୩୧ ମୃତ

■ ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଉତ୍ତର-ପଶ୍ଚିମ ରାଜସ୍ଥାନରେ ସୃଷ୍ଟି ବାତ୍ୟା ସଦୃଶ ପରିସ୍ଥିତି ଏବଂ ଦକ୍ଷିଣ-ପୂର୍ବ ଉତ୍ତରପ୍ରଦେଶରୁ ତାମିଲନାଡୁ ପର୍ଯ୍ୟନ୍ତ ଲମ୍ବିଥିବା ଟ୍ରଫ୍ ଲାଇନ୍ ପ୍ରଭାବରେ ସାରା ଦେଶର ପାଣିପାଗରେ ବଡ଼ ଧରଣର ପରିବର୍ତ୍ତନ ଦେଖାଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତରପ୍ରଦେଶ ଏବଂ ବିହାରରେ ପ୍ରବଳ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁଁ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ରାଜ୍ୟର ୨୨ଟି ଜିଲ୍ଲାରେ ଭୀଷଣ ଝଡ଼ବର୍ଷା ହୋଇଛି। ବଜ୍ରପାତ ଯୋଗୁଁ ୭ ଜଣ ଶିଶୁଙ୍କ ସମେତ ମୋଟ ୨୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ମହିଳା ଗୁରୁତର ଭାବେ ପୋଡ଼ି ଯାଇଛନ୍ତି। ଆଜି ମଧ୍ୟ ୧୮ ଟି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଝଡ଼ ଓ ବର୍ଷା ଯୋଗୁଁ ୮ ଜଣଙ୍କର ପ୍ରାଣହାନି ଘଟିଛି। ପିଲିଭିତରେ ଏକ ଇଟା ଭାଟିର ୧୦୦ ଫୁଟ ଉଚ୍ଚର ଚିମିନି ଭୁଶୁଡ଼ି ପଡ଼ିବା ଭଳି ଅଘଟଣ ସାମ୍ନାକୁ ଆସିଛି। ମଙ୍ଗଳବାର ଦ୍ୱିପ୍ରହରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ କୁଆପଥର ବୃଷ୍ଟି ହୋଇଛି। ହରିୟାଣାରେ ପ୍ରବଳ ପବନ ଯୋଗୁଁ ପ୍ରାୟ ୧୫ ହଜାରରୁ ଅଧିକ ଗଛ ଉପୁଡ଼ି ପଡ଼ିଥିବାର ଖବର ମିଳିଛି। ହିମାଚଳ ପ୍ରଦେଶର ସୋଲାନରେ ତାପମାତ୍ରା ରେକର୍ଡ ସ୍ତରକୁ ଖସି ଆସିଛି। ମେ ମାସରେ ଏଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ରାଜସ୍ଥାନରେ ତାପମାତ୍ରା ପ୍ରାୟ ୮ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ପାଣିପାଗ ବିଭାଗ ଅନୁଯାୟୀ, ଦେଶର ଏକ ବଡ଼ ଭାଗରେ ଏହି ପରିବର୍ତ୍ତନ ରାଜସ୍ଥାନରେ ସୃଷ୍ଟି ଚକ୍ରବାତ ପ୍ରକ୍ରିୟା ଯୋଗୁଁ ହୋଇଛି। ଏହାର ପ୍ରଭାବ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଭାରତରେ ଦେଖିବାକୁ ମିଳୁଛି। ମେ ମାସର ପ୍ରବଳ ଖରା ସମୟରେ ଏଭଳି ଅଦିନିଆ ଝଡ଼ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି।

## ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ: ୨୧ ମୃତ, ୬୧ ଆହତ

■ ବେଜିଂ, ୫।୫ (ଏଜେନ୍ସି): ଚୀନର ହୁନାନ ପ୍ରଦେଶର ଏକ ବାଣ କାରଖାନାରେ ଗତକାଲି ଅପରାହ୍ନରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ଦୁର୍ଘଟଣାରେ ୨୧ ଜଣ ପ୍ରାଣ ହରାଇଥିବା ବେଳେ ୬୧ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୪ଟା ୪୦ ମିନିଟ ସମୟରେ ହୁନାନର ରାଜଧାନୀ ଚାଙ୍ଗଶା ସହରରେ ଥିବା 'ହୁଆଶେଙ୍ଗ' ବାଣ କାରଖାନାରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ କାରଖାନାର କୋଠାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳୁଛି ଯେ, ସମ୍ପୂର୍ଣ୍ଣ ଅଞ୍ଚଳ କଳା ଧୂଆଁରେ ଆଚ୍ଛାଦିତ ହୋଇଯାଇଛି ଏବଂ ଚାରିଆଡେ କୋଠାର ଭଙ୍ଗା ଅଂଶ ବିଛାଡ଼ି ହୋଇ ପଡ଼ିଛି। ଦୁର୍ଘଟଣା ପରେ ତୁରନ୍ତ ପ୍ରାୟ ୫୦୦ ଅଗ୍ନିଶମ କର୍ମଚାରୀ, ଉଦ୍ଧାରକାରୀ ଦଳ ଏବଂ ସ୍ୱାସ୍ଥ୍ୟକର୍ମୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ମୃତ୍ୟୁସଂଖ୍ୟା ଆଗକୁ ଆହୁରି ବଢ଼ିବାର ଆଶଙ୍କା ରହିଛି। ଏହି ମର୍ମନ୍ତୁଦ ଘଟଣା ପରେ ରାଷ୍ଟ୍ରପତି ସି ଜିନପିଙ୍ଗ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଏହି ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ବିସ୍ଫୋରଣର ପ୍ରକୃତ କାରଣ ଖୋଜି ବାହାର କରିବା ପାଇଁ ତୁରନ୍ତ ତଦନ୍ତ କରାଯିବ ଓ ଦେଶର ସମସ୍ତ ଶିଳ୍ପାଞ୍ଚଳରେ ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ।

# ଇସ୍ତଫା ଦେବାକୁ ମନାକଲେ ମମତା

## ଟିଏମ୍‌ସିକୁ ହରାଇବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା



**୯୦ ଲକ୍ଷ ଭୋଟରଙ୍କ ନାମ କଟିବା ହେଉଛି ପ୍ରମାଣ**

■ କଲିକତା, ୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିପୁଳ ବିଜୟ ସାତ୍ତ୍ୱେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ନିଜର ପରାଜୟ ସ୍ୱୀକାର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି। କେବଳ ଏତିକି ନୁହେଁ, ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମଧ୍ୟ ମନା କରିଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଦଳ ନୈତିକ ରୂପେ ବିଜୟୀ ହୋଇଛି। ତାଙ୍କୁ ହରାଇବା ଲାଗି ନିର୍ବାଚନ କମିସନଙ୍କ ସହ ମିଶି ବିଜେପି ବଡ଼ ଧରଣର ଷଡ଼ଯନ୍ତ୍ର କରିଥିଲା। ଭୋଟ ଗ୍ରହଣ ଏବଂ ଗଣତି ବେଳେ ବ୍ୟାପକ ଜାଲିଆତି କରାଯାଇଛି। ତାଙ୍କ ଠାରୁ ଅତିକମରେ ଶହେଟି ଆସନକୁ ଲୁଟି ନିଆଯାଇଛି। ଏହା ବେଆଇନ ଏବଂ ଅସାମ୍ବିଧାନିକ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ▶ପୃଷ୍ଠା-୭

## ବଙ୍ଗର ମଙ୍ଗ ଧରିପାରନ୍ତି ମହିଳା

### ଶୁଭେନ୍ଦୁ, ଦିଲ୍ଲୀପ ହୋଇପାରନ୍ତି ଉପ-ମୁଖ୍ୟମନ୍ତ୍ରୀ

**୭ରେ ତାମିଲନାଡୁ, ୯ରେ ପଶ୍ଚିମବଙ୍ଗରେ ଶପଥ ଉତ୍ସବ**

■ କୋଲକାତା/ଚେନ୍ନାଇ, ୫।୫ (ଏଜେନ୍ସି): ୫ଟି ରାଜ୍ୟ ଓ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବାପରେ ଏବେ ନୂଆ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ୯ ତାରିଖରେ ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ବାର୍ଷିକୀ ଅବସରରେ ଭାରତୀୟ ଜନତା ପାର୍ଟିର ନୂଆ ସରକାର ଶପଥ ଗ୍ରହଣ କରିବ। ବିଜେପି ରାଜ୍ୟ ସଭାପତି ସମିକ ଭଟ୍ଟାଚାର୍ଯ୍ୟଙ୍କ ସୂଚନା ଅନୁସାରେ, ମଇ ୯ ତାରିଖ ଦିନ ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ଶପଥ ନେବେ। ତେବେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ ତାହାକୁ ନେଇ ବିଚାରବିମର୍ଶ ଆରମ୍ଭ ହୋଇଯାଇଛି। ନବନିର୍ବାଚିତ ବିଜେପି ବିଧାୟକମାନଙ୍କ ସହିତ ଏସଂପର୍କରେ ବିଚାରବିମର୍ଶ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଦାୟିତ୍ୱ ଦିଆଯାଇଛି। ନିର୍ବାଚନରେ ବିଜେପି ପକ୍ଷରୁ କାହାରିକୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପିତ କରାଯାଇନଥିଲା। ତେଣୁ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ରାଜ୍ୟ ନେତା, ବିଧାୟକମାନଙ୍କ ସହିତ ବିଚାରବିମର୍ଶ କରି ଦଳୀୟ ହାଇକମାଣ୍ଡ ସ୍ଥିର କରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେପିକୁ ୨୦୭ ଆସନ ▶ପୃଷ୍ଠା-୭

## ପଶ୍ଚିମ ବଙ୍ଗ ପାଇଁ ମୋହନ ମାଝୀ ସହ ପର୍ଯ୍ୟବେକ୍ଷକ ନିଯୁକ୍ତ



■ ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ଏବଂ ଆସାମରେ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେପି ନୂତନ ସରକାର ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛି। ମଙ୍ଗଳବାର ଦଳ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଶ୍ଚିମବଙ୍ଗ ପାଇଁ ଏବଂ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଆସାମ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ପଶ୍ଚିମବଙ୍ଗ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ଶ୍ରୀ ମାଝୀଙ୍କୁ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନିଙ୍କୁ ଆସାମ ପାଇଁ ସହ-ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗରେ ବିଜେପି ତୃଣମୂଳ କଂଗ୍ରେସକୁ କ୍ଷମତାରୁ ହଟାଇ ଏକ ଐତିହାସିକ ବିଜୟ ହାସଲ କରିଛି। ଅପରପକ୍ଷରେ, ଆସାମରେ ଦଳ କ୍ରମାଗତ ତୃତୀୟ ଥର ପାଇଁ ନିଜର ଗଡ଼ ରକ୍ଷା କରିବାରେ ସଫଳ ହୋଇଛି। ନୂତନ ଭାବେ ନିଯୁକ୍ତ ହୋଇଥିବା ଏହି ପର୍ଯ୍ୟବେକ୍ଷକମାନେ ▶ପୃଷ୍ଠା-୭

## ଜୁନ ପହିଲାରୁ ଦକ୍ଷିଣତଟ ରେଳବାଇ

### ପୂର୍ବତଟ ରେଳବାଇର ଅଙ୍ଗଚ୍ଛେଦନ

■ ଭୁବନେଶ୍ୱର, ୫।୫ (ସମିସ): ବହୁ ପୂର୍ବରୁ ଦକ୍ଷିଣତଟ ରେଳବାଇକୁ କେନ୍ଦ୍ର ସରକାର ଅନୁମୋଦନ କରି ସାରିଛନ୍ତି, ମାତ୍ର ଆସନ୍ତା ଜୁନ୍ ୧ ତାରିଖରୁ ଏହା ବିଧିବଦ୍ଧ କାର୍ଯ୍ୟକ୍ଷମ ହେବ। ପୂର୍ବରୁ ପୂର୍ବତଟ ରେଳବାଇକୁ ଖଣ୍ଡଖଣ୍ଡ କରି ୱାଲଟିୟରକୁ ଦକ୍ଷିଣତଟ ରେଳବାଇରେ ଅନ୍ତର୍ଭୁକ୍ତ କରାଯାଇଛି। ରାୟଗଡ଼ା ଡ଼ିଭିଜନ ନାମରେ ଓଡିଶାବାସୀଙ୍କୁ ଏକ ଏକ ଲଲିପପ୍ ଧରାଇ ଥିବା କେନ୍ଦ୍ର ସରକାର ଏବେ ପୁଣି ଛଳ କରିଛନ୍ତି। ନୂତନ ଗଠିତ ରାୟଗଡ଼ା ଡ଼ିଭିଜନରେ ୬୯୬ କିଲୋମିଟର ରେଳପଥ ଥିବା କୁହାଯାଉଥିଲେ ହେଁ ଏହା ଭିତରେ ଅନେକ ଅଞ୍ଚଳକୁ ୱାଲଟିୟର ଡ଼ିଭିଜନରେ ଅନ୍ତର୍ଭୁକ୍ତ ରଖାଯାଇଛି। ଅନୁରୂପ ଭାବରେ ଖୋର୍ଦ୍ଧାରୋଡ୍ ଡ଼ିଭିଜନ ଅଧୀନସ୍ଥ ପଲାସା-ଇଚ୍ଛାପୁର ୫୩ କିଲୋମିଟର ରେଳପଥକୁ ମଧ୍ୟ ଦକ୍ଷିଣତଟ ରେଳବାଇର ବିଶାଖାପାଟଣା ଡ଼ିଭିଜନରେ ସାମିଲ କରାଯାଇଛି। ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ବିଜ୍ଞପ୍ତି ଅନୁସାରେ ଦକ୍ଷିଣତଟ ରେଳବାଇରେ ଗୁଣ୍ଟାକାଲ, ଗୁଣ୍ଟୁର, ବିଜୟୱାଡ଼ା ଡ଼ିଭିଜନ ସହ ପୂର୍ବତଟ ରେଳବାଇର ବିଶାଖାପାଟଣା ଡ଼ିଭିଜନକୁ ସାମିଲ କରାଯାଇଛି। ପୂର୍ବତଟ ରେଳବାଇରେ ସମ୍ବଲପୁର, ନବ ଘୋଷିତ ରାୟଗଡ଼ା ଡ଼ିଭିଜନ ସହ ଖୋର୍ଦ୍ଧାରୋଡ୍ ଡ଼ିଭିଜନର ଖଣ୍ଡିତ ଅଞ୍ଚଳ ରହିଛି । ଅନ୍ୟପକ୍ଷରେ ଦକ୍ଷିଣ କେନ୍ଦ୍ର ରେଳବାଇରେ ହାଇଦ୍ରାବାଦ, ନାନ୍ଦେଦ ଡ଼ିଭିଜନ ସହ ପୂନର୍ଗଠିତ ସିକନ୍ଦରାବାଦ ଡ଼ିଭିଜନକୁ ରଖାଯାଇଛି। ବିଡ଼ମ୍ବନା ହେଉଛି ଓଡ଼ିଶାର ନୂଆପଡ଼ା ଜଙ୍କସନରୁ ପାରଳାଖେମୁଣ୍ଡି ୩୯ କିଲୋମିଟରକୁ ଖୋର୍ଦ୍ଧାରୋଡ଼ ଡ଼ିଭିଜନର ପଲାସା-ଇଚ୍ଛାପୁରମ୍ ୫୩ କିଲୋମିଟର ଅଞ୍ଚଳକୁ ବିଶାଖାପାଟଣା ଡ଼ିଭିଜନ ଓ ଦକ୍ଷିଣତଟ ରେଳବାଇରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ପୂର୍ବରୁ ପୂର୍ବତଟ ରେଳବାଇ ଜୋନ୍‌ର ୱାଲଟିୟର ଡ଼ିଭିଜନର କୋରାପୁଟ-ସିଙ୍ଗାପୁର, କୋଟାଭଲାସା-କିରଣ୍ଡୁଲ, କେନେରୁ-ଥେରୁବାଲି, ଗୁଣୁପୁର-ପାରଳାଖେମୁଣଡି ରେଳପଥର ମୋଟ ୬୯୬ କିଲୋମିଟରକୁ ରାୟଗଡ଼ା ଡ଼ିଭିଜନରେ ସ୍ଥାନୀତ କରାଯାଇଛି ।

ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଦକ୍ଷିଣତଟ ରେଳ ଜୋନ ଗଠନ ଦ୍ୱାରା ଓଡ଼ିଶାର କୌଣସି କ୍ଷତି ହେବ ନାହିଁ, ରାଜସ୍ୱ ହାନି ଘଟିବ ନାହିଁ ବୋଲି ରେଳମନ୍ତ୍ରୀ ବାରମ୍ବାର କହୁଛନ୍ତି। ମାତ୍ର ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଓଡ଼ିଶାକୁ କେନ୍ଦ୍ର ସରକାର ଉପହାସ କରିଥିବା ଅଭିଯୋଗ ▶ପୃଷ୍ଠା-୭

## ଅହମ୍ମଦାବାଦରେ ଓଡ଼ିଶା ନିବେଶକ ସମ୍ମେଳନ

# ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ପ୍ରଦର୍ଶନ କଲେ ମୁଖ୍ୟମନ୍ତ୍ରୀ



**୨୬ ଶିଳ୍ପ ପ୍ରତିନିଧିଙ୍କ ସହ 'ୱାନ୍-ଟୁ-ୱାନ୍' ବୈଠକ**

■ ଭୁବନେଶ୍ୱର, ୫।୫ (ସମିସ): ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦ୍ରୁତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି। ଏହା ସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି ବୋଲି ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ନିଜର ଅଭିଭାଷଣ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। 'ପୂର୍ବୋଦୟ' ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି। ଏହି ଅବସରରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ। ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ। ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ରୋଡ୍-ଶୋ ଅବସରରେ ବସ୍ତ୍ର ଓ ▶ପୃଷ୍ଠା-୭

## ବିଜେଡିର ପଞ୍ଚାୟତ ପ୍ରସ୍ତୁତି

# ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲାରେ ନୂଆ ସଭାପତି

- ୬ ଜିଲ୍ଲାରେ ନୂଆ କାର୍ଯ୍ୟକାରୀ ସଭାପତିଙ୍କ ନିଯୁକ୍ତି
- ୫ ସାଂଗଠନିକ ଜିଲ୍ଲାରେ ଯୁବ ଓ ଛାତ୍ର ସଭାପତି
- ରାଜ୍ୟ ପଦାଧିକାରୀ ଭାବେ ୮୯ ଜଣଙ୍କୁ ଦାୟିତ୍ୱ
- ରାଜ୍ୟ ଉପସଭାପତି ହେଲେ ରଘୁନାଥ ମହାନ୍ତି

■ ଭୁବନେଶ୍ୱର, ୫।୫ (ସମିସ): ଆଉ ୮ ମାସ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ। ଏହା ପୂର୍ବରୁ ଦଳର ସାଂଗଠନିକ ପୁନର୍ବିନ୍ୟାସ ଆରମ୍ଭ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ବିଭିନ୍ନ ଜିଲ୍ଲା ଓ ରାଜ୍ୟସ୍ତରରେ ଦଳକୁ ଅଧିକ ସଙ୍ଗଠିତ କରିବା ପାଇଁ ନବୀନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି କ୍ରମରେ ମଙ୍ଗଳବାର ୨ଟି ଜିଲ୍ଲାରେ ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତି ଏବଂ ୬ଟି ଜିଲ୍ଲାରେ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସେହିପରି ୫ ସାଂଗଠନିକ ଜିଲ୍ଲାରେ ନୂତନ ଭାବେ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳର ସଭାପତିଙ୍କ ନିଯୁକ୍ତି ସହ ରାଜ୍ୟ ପଦାଧିକାରୀ ଭାବେ ୮୯ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳକୁ ନିକଟରେ ପ୍ରତ୍ୟାବର୍ତ୍ତନ କରିଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ରାଜ୍ୟ ଉପସଭାପତି ରୂପେ ନବୀନ ନିଯୁକ୍ତି ଦେଇଛନ୍ତି। ସେହିପରି ୫ ବରିଷ୍ଠ ସାଧାରଣ ସମ୍ପାଦକ, ୨୭ ସାଧାରଣ ସମ୍ପାଦକ, ୪୫ ସମ୍ପାଦକ ଓ ୧୧ ଯୁଗ୍ମ ସମ୍ପାଦକଙ୍କୁ ମଧ୍ୟ ଆଜି ନିଯୁକ୍ତି ଦିଆଯାଇଛି। ଏ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ଭାବେ ରାଜେନ୍ଦ୍ର କୁମାର ସାହୁ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ମନ୍ମଥ ରାଉତରାୟଙ୍କୁ ନିଯୁକ୍ତି ଦିଆଯାଇଛି। ବାଲେଶ୍ୱରରେ ସଭାପତି ଭାବେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ କାର୍ଯ୍ୟକାରୀ ସଭାପତି ଭାବେ ଗୌତମ ବୁଦ୍ଧ ଦାସଙ୍କୁ ନୂଆ ନିଯୁକ୍ତି ମିଳିଛି। ଅନୁଗୋଳ ▶ପୃଷ୍ଠା-୭

## ଝିଅକୁ ପ୍ରେମ ନିବେଦନ କରିବାରୁ ପ୍ରେମିକକୁ ହତ୍ୟା

# ଘରୁ ଟେକିନେଲେ; ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ

**ଯୁବତୀଙ୍କ ବାପା ଓ ସଂପର୍କୀୟ ଭାଇ ଗିରଫ**

■ ସିମୁଳିଆ, ୫।୫ (ସମିସ): ଝିଅକୁ ପ୍ରେମ ନିବେଦନ କରିବାରୁ ଯୁବକଙ୍କୁ ପିଟିପିଟି ମାରିଦେଲେ ଝିଅର ପରିବାରଲୋକ। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ସୁଦର୍ଶନ ସୂତାରଙ୍କ ପୁଅ ସୁବାସ ସୂତାର (୪୦)। ପୁଲିସ ସୁବାସଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଝିଅର ବାପା ଭଗବାନ କର ଓ ତାଙ୍କ ଭଣଜା ରଞ୍ଜନ କୁମାର ଦାସଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, କାଞ୍ଚପଡ଼ା ପଞ୍ଚାୟତ ବୀରବ୍ରହ୍ମପୁର ଗ୍ରାମର ଭଗବାନ କରଙ୍କ ଝିଅକୁ ସୁବାସ ମୋବାଇଲରେ ପ୍ରେମ ନିବେଦନ କରିଥିଲେ। ଭଗବାନ ଏ ସଂପର୍କରେ ଜାଣିବା ପରେ ରାଗି ନିଆଁବାଣ ହୋଇଯାଇଥିଲେ। ଭଣଜା ରଞ୍ଜନ ସହ ସେ ସୁବାସଙ୍କ ଘରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ସାଙ୍ଗରେ ଟେକି ନେଇଯାଇଥିଲେ। ଦୁହେଁ ସୁବାସଙ୍କୁ ବୀରବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡ଼ି ପକ୍କା ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ସୁବାସ ଗୁରୁତର ହୋଇପଡ଼ିବା ପରେ ସେମାନେ ସେଠାରୁ ପଳାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରୁ ସୁବାସଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁବାସଙ୍କ ଭିଣୋଇ ଭବେଶ ନାୟକଙ୍କ ▶ପୃଷ୍ଠା-୭

## ମତ୍ସ୍ୟ ଓ ପଶୁ ପାଳନ ବିଭାଗରେ ଦୁର୍ନୀତିର ଗନ୍ଧ

# ନୂତନ ପଦ ସୃଷ୍ଟି: ବାବୁଙ୍କ ଭାଗ ୨ କୋଟି !

■ ଭୁବନେଶ୍ୱର, ୫।୫ (ସମିସ): ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଭିତରୁ ଆସିଛି ସାଂଘାତିକ ଖବର। ବ୍ଲକ୍ ମତ୍ସ୍ୟ ଅଧିକାରୀ (ବିଏଫ୍‌ଓ) ନୂତନ ପଦ ସୃଷ୍ଟି କରି ଏ ବାବଦରେ ବିପୁଳ ଚାନ୍ଦା ଆଦାୟ ପାଇଁ ଷଡ଼ଯନ୍ତ୍ର ହୋଇଛି । ବିଭାଗର ଜଣେ ଉଚ୍ଚ ଅଧିକାରୀଙ୍କୁ ୨ କୋଟି ଟଙ୍କା ଏଥିପାଇଁ ପ୍ରଦାନ କରି ନୂତନ ପଦ ସୃଷ୍ଟି ନାମରେ ରାଜକୋଷକୁ ଲୁଟିବାକୁ ପୁରା ନକ୍ସା ପ୍ରସ୍ତୁତ ହୋଇଛି ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଅଧୀନରେ ଗୋଟିଏ ବ୍ଲକ୍‌ରେ ଜଣେ ଲେଖାଏଁ ସହକାରୀ ମତ୍ସ୍ୟ ଅଧିକାରୀ (ଏଏଫ୍‌ଓ) ଏସ୍‌ଏଫ୍‌ଟିଏ ଓ ଜେଏଫ୍‌ଟିଏ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏଏଫ୍‌ଓ ବ୍ଲକ୍ ସ୍ତରରେ ସର୍ବୋଚ୍ଚ ଅଧିକାରୀ ହୋଇଥିବାବେଳେ ଏବେ ଏହାକୁ ବ୍ଲକ୍ ମତ୍ସ୍ୟ ଅଧିକାରୀ ପଦକୁ ରୂପାନ୍ତର କରାଯିବାକୁ ଯୋଜନା କରାଯାଇଛି। ଏହି ପଦରେ ମତ୍ସ୍ୟ ପାଳନ ପାଠ୍ୟକ୍ରମ ଶେଷ କରିଥିବା ଯୋଗ୍ୟ ନବାଗତଙ୍କ ପରିବର୍ତ୍ତେ

### ନିଯୁକ୍ତି ଓ ପଦୋନ୍ନତି ପାଇଁ ୫୦,୦୦୦ ଲେଖାଏଁ ଆଦାୟ

### ବିଏଫ୍‌ଓ ପଦରେ ନିଯୁକ୍ତି ପାଇଁ ଷଡ଼ଯନ୍ତ୍ର କରିଛନ୍ତି ଏଏଫ୍‌ଓ

ଏଏଫ୍‌ଓ ପଦରେ କାର୍ଯ୍ୟରତ ଅଧିକାରୀଙ୍କୁ ପଦୋନ୍ନତି ଦେବାକୁ ଯୋଜନା କରାଯାଇଛି। ଏହା କରାଗଲେ ଏଏଫ୍‌ଓମାନେ ପ୍ରଥମଶ୍ରେଣୀ କନିଷ୍ଠ ବର୍ଗ ଅଧିକାରୀଙ୍କ ମାନ୍ୟତା ପାଇବେ ଓ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ପରି ଲେବଲ ୧୨ ବର୍ଗୀକୃତ ଦରମା ପାଇବେ।

ରାଜ୍ୟରେ ମାଛ ଚାଷ ପାଇଁ ଜମିର ପରିମାଣ ସୀମିତ ଥିବାବେଳେ ବହୁ ବର୍ଷଧରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ କ୍ରମାଗତ ଭାବେ ନୂତନ ଯୋଜନା ପାଇଁ ଜମି ମିଳୁନାହିଁ। ଏପରି ସ୍ଥିତିରେ ନୂତନ ପଦ ସୃଷ୍ଟି କାହା ସ୍ୱାର୍ଥରେ ବୋଲି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂତନ ପଦ ସୃଷ୍ଟି କରିବାକୁ ମନ୍ତ୍ରୀଙ୍କ ଅନୁମୋଦନ ଆବଶ୍ୟକ ଥିବାରୁ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଅର୍ଦ୍ଧସତ୍ୟ ସୂଚନା ଦେଇଥିବା କୁହାଯାଉଛି। ପୂର୍ବରୁ ଯୋଜନା ଗୁଡ଼ିକର ସ୍ୱଳ୍ପ ଟାର୍ଗେଟ୍ ରହୁଥିବାବେଳେ ୨୦୨୫-୨୬ ବର୍ଷରେ ଅଚାନକ ଟାର୍ଗେଟ୍‌କୁ ବଢ଼ାଇ ଦିଆଯାଇଛି ଏବଂ ଏହାକୁ ପୂରଣ କରିବା ପାଇଁ ନୂତନ ପଦର ଆବଶ୍ୟକତା ଥିବା ମନ୍ତ୍ରୀଙ୍କୁ କୁହାଯାଇଛି। କୌତୂହଳର କଥା ହେଉଛି, ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ପୁଣି ୨୦୨୬-୨୭ ରେ ମାଛ ଚାଷ ଲକ୍ଷ୍ୟକୁ ହ୍ରାସ କରାଯାଇଛି। ପୁରୀ ଜିଲ୍ଲାରେ ପୂର୍ବରୁ ୨ଶହ ହେକ୍ଟର ଜମିରେ ମାଛ ଚାଷ ଲକ୍ଷ୍ୟ ରହିଥିଲା, ୨୦୨୫-୨୬ ଆର୍ଥିକ ବର୍ଷରେ ଏହାକୁ ବୃଦ୍ଧି କରାଯାଇ ୧୨ଶହ ହେକ୍ଟର କରାଗଲା, ମାତ୍ର ଚଳିତ ଆର୍ଥିକ ବର୍ଷରେ ଏହାକୁ ପୁନର୍ବାର ୧୯୫ ହେକ୍ଟରକୁ ହ୍ରାସ କରାଯିବା ଭାତ ହାଣ୍ଡିରୁ ଗୋଟିଏ ଉଦାହରଣ ବୋଲି ▶ପୃଷ୍ଠା-୭

# ପାୱାର ବ୍ୟାଙ୍କରେ ଲାଗିଲା ନିଆଁ; ଇଣ୍ଡିଗୋ ବିମାନରେ ଆତଙ୍କ

**ଚଣ୍ଡିଗଡ,୫।୫(ଏଜେନ୍ସି):** ହାଇଦ୍ରାବାଦରୁ ଚଣ୍ଡିଗଡ଼ ଅଭିମୁଖେ ଆସୁଥିବା ଇଣ୍ଡିଗୋ ବିମାନ ୬ଇ ୧୦୮ (୬ଇ ୧୦୮) ର ଅବତରଣ ପରେ ଆଜି ଏକ ବଡ଼ ବିପତ୍ତି ଟଳିଯାଇଛି। ବିମାନଟି ରନ୍‌ୱେରେ ଅବତରଣ କରିବା ପରେ ଜଣେ ଯାତ୍ରୀଙ୍କ ବ୍ୟାଗରୁ ହଠାତ୍ ଧୂଆଁ ବାହାରିବା ସହ ସେଥିରେ ଥିବା ଏକ ପାୱାର ବ୍ୟାଙ୍କରେ ନିଆଁ ଲାଗିଯାଇଥିଲା। ଏହାକୁ ଦେଖି ବିମାନ କର୍ତ୍ତୃପକ୍ଷ ତୁରନ୍ତ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରି ଟର୍ମିନାଲକୁ ପଠାଇଛନ୍ତି। ସୂଚନା ଅନୁସାରେ, ବିମାନଟି ସୁରକ୍ଷିତ ଭାବେ ଚଣ୍ଡିଗଡ଼ରେ ଅବତରଣ କରିସାରିଥିଲା ଏବଂ ଯାତ୍ରୀମାନେ ଓହ୍ଲାଇବା ପାଇଁ ଅପେକ୍ଷା କରିଥିଲେ। ସେହି ସମୟରେ ଜଣେ ଯାତ୍ରୀଙ୍କ ବ୍ୟକ୍ତିଗତ ବ୍ୟାଗରେ ଥିବା ପାୱାର ବ୍ୟାଙ୍କଟି ହଠାତ୍ ଜଳିବାକୁ ଲାଗିଥିଲା। ବିମାନ କର୍ମଚାରୀମାନେ ତୁରନ୍ତ ସତର୍କତା ଅବଲମ୍ବନ କରି ଯାତ୍ରୀଙ୍କୁ ଜରୁରୀକାଳୀନ ଭାବେ ବାହାର କରିଥିଲେ।

ଇଣ୍ଡିଗୋ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି ଯେ, '୫ ମଇ ୨୦୨୬ରେ ହାଇଦ୍ରାବାଦରୁ ଚଣ୍ଡିଗଡ଼ ଆସିଥିବା ବିମାନଟି ଅବତରଣ କରି ଛିଡ଼ା ହୋଇଥିବା ବେଳେ ଜଣେ ଯାତ୍ରୀଙ୍କ ବ୍ୟକ୍ତିଗତ ଇଲେକ୍‌ଟ୍ରୋନିକ୍ ଉପକରଣରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଯାତ୍ରୀମାନଙ୍କୁ ସେଠାରୁ ବାହାର କରାଯାଇଛି ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି।' ସମସ୍ତ ଯାତ୍ରୀଙ୍କୁ ବିମାନବନ୍ଦରର ଟର୍ମିନାଲକୁ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କ ସୁବିଧା ପାଇଁ କମ୍ପାନୀର ଏକ ଟିମ୍ ନିୟୋଜିତ ଅଛନ୍ତି। ବିମାନଟିର ବୈଷୟିକ ଯାଞ୍ଚ ପାଇଁ ଏହାକୁ ଏବେ କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି। ସମସ୍ତ ଯାଞ୍ଚ ପରେ ହିଁ ଏହା ପୁନର୍ବାର ଉଡ଼ାଣ ଭରିବ ବୋଲି ଜଣାପଡ଼ିଛି। ବିମାନ ଯାତ୍ରା ସମୟରେ ପାୱାର ବ୍ୟାଙ୍କ ବା ବ୍ୟାଟେରୀ ଚାଳିତ ଉପକରଣଗୁଡ଼ିକ କେତେ ବିପଜ୍ଜନକ ହୋଇପାରେ, ଏହି ଘଟଣା ତାହାର ଏକ ବଡ଼ ଉଦାହରଣ। ଇଣ୍ଡିଗୋ କର୍ମଚାରୀଙ୍କ ତତ୍ପରତା ଯୋଗୁଁ ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ରୋକାଯାଇ ପାରିଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ମଧ୍ୟ ଜାରି ରହିଛି।

# ହଜ୍ ପାଇଁ ସାଉଦି ଆରବର କଡ଼ା ନିୟମ
## ବିନା ଅନୁମତିରେ ପ୍ରବେଶ କଲେ ଜରିମାନା ଓ ୧୦ ବର୍ଷ ବାସନ୍ଦ

**ରିୟାଦ,୫।୫(ଏଜେନ୍ସି):** ୨୦୨୬ (ହିଜ୍ରୀ ୧୪୪୭) ହଜ୍ ଯାତ୍ରାକୁ ଅଧିକ ସୁରକ୍ଷିତ ଓ ବ୍ୟବସ୍ଥିତ କରିବା ପାଇଁ ସୌଦି ଆରବ ସରକାର ନୂଆ ନିୟମାବଳୀ ଘୋଷଣା କରିଛନ୍ତି। ବିନା ଅନୁମତିପତ୍ର ବା ପରମିଟ୍‌ରେ ହଜ୍ କରିବାକୁ ଚେଷ୍ଟା କଲେ ଏବେ ଭାରୀ ଜରିମାନା ସହ ଦେଶାନ୍ତର ଭଳି କଠୋର ଦଣ୍ଡ ମିଳିବ। ବିନା ଅନୁମତିରେ ହଜ୍ କରୁଥିବା ବ୍ୟକ୍ତିଙ୍କୁ ୨୦,୦୦୦ ସୌଦି ରିୟାଲ୍ (ଏସ୍‌ଏଆର) ଜୋରିମାନା ଦେବାକୁ ପଡ଼ିବ। ଏଥିସହ ବିଦେଶୀ ନାଗରିକଙ୍କୁ ଦେଶରୁ ବାହାର କରିଦିଆଯିବା ସହ ସୌଦି ଆରବରେ ପ୍ରବେଶ କରିବା ଉପରେ ୧୦ ବର୍ଷ ପାଇଁ ପ୍ରତିବନ୍ଧକ ଲଗାଯିବ। ଅନଧିକୃତ ଯାତ୍ରୀଙ୍କୁ ପରିବହନ କରୁଥିବା ବା ଆଶ୍ରୟ ଦେଉଥିବା ବ୍ୟକ୍ତି କିମ୍ବା ସଂସ୍ଥାକୁ ୧ ଲକ୍ଷ ରିୟାଲ୍ ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଏପରିକି ସେହି କାର୍ଯ୍ୟରେ ବ୍ୟବହୃତ ଗାଡ଼ିକୁ ମଧ୍ୟ ଜବତ କରାଯିବ। ଅତ୍ୟଧିକ ଗହଳି ନିୟନ୍ତ୍ରଣ ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ଗତବର୍ଷ ଗହଳି ଓ ଗରମ ଯୋଗୁଁ ଅନେକ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ଏଥର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ହଜ୍ ସମୟରେ ଉମ୍ରା ଅନୁମତିକୁ ସାମୟିକ ଭାବେ ବନ୍ଦ କରାଯାଇଛି। ସମସ୍ତ ଯାତ୍ରୀଙ୍କୁ 'ନୁସୁକ୍' ପ୍ଲାଟଫର୍ମ ମାଧ୍ୟମରେ ବୈଧ ପରମିଟ୍ ହାସଲ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସୌଦି ଆରବର 'ବିନା ପରମିଟ୍‌ରେ ହଜ୍ ନାହିଁ' ଅଭିଯାନ ଯାତ୍ରୀମାନଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ। ସରକାର ସମସ୍ତ ପର୍ଯ୍ୟଟକ ଓ ନିବାସୀଙ୍କୁ ଏହି ନିୟମ ମାନିବାକୁ ଅନୁରୋଧ କରିଛନ୍ତି, ନଚେତ୍ ସେମାନଙ୍କୁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ।

# ବିଜୟ ଦିବସ ପୂର୍ବରୁ ରୁଷ-ୟୁକ୍ରେନର ପୃଥକ ଯୁଦ୍ଧବିରତି ଘୋଷଣା

**କିଭ୍/ମସ୍କୋ,୫।୫(ଏଜେନ୍ସି):** ଆସନ୍ତା ମଇ ୯ ତାରିଖରେ ରୁଷରେ ପାଳନ ହେବାକୁ ଥିବା 'ବିଜୟ ଦିବସ' (ଭିକ୍ଟ୍ରି ଡେ) ପୂର୍ବରୁ ରୁଷ ଏବଂ ୟୁକ୍ରେନ ପକ୍ଷରୁ ପୃଥକ ପୃଥକ ଭାବେ ଯୁଦ୍ଧବିରତି ଘୋଷଣା କରାଯାଇଛି। ତେବେ ଉଭୟ ଦେଶର ଏହି ଅସ୍ଥାୟୀ ଶାନ୍ତି ପ୍ରକ୍ରିୟାର ସମୟସୀମା ଭିନ୍ନ ରହିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ମଇ ୫-୬ ମଧ୍ୟରାତ୍ରିରୁ ଯୁଦ୍ଧବିରତି ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ କୌଣସି ବି ଜୟନ୍ତୀ ପାଳନ ଅପେକ୍ଷା ମଣିଷ ଜୀବନର ମୂଲ୍ୟ ବହୁତ ଅଧିକ। ଅନ୍ୟପଟେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିର୍ଦ୍ଦେଶ କ୍ରମେ ମଇ ୮ ଏବଂ ୯ ତାରିଖରେ ଯୁଦ୍ଧବିରତି ପାଳନ କରାଯିବ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜି ଜର୍ମାନୀ ଉପରେ ସୋଭିଏତ୍ ବିଜୟର ୮୧ତମ ବାର୍ଷିକୀ ଅବସରରେ ଏହି ନିଷ୍ପତ୍ତି ନିଆଯାଇଛି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ, ଯଦି ୟୁକ୍ରେନ୍ ପକ୍ଷରୁ 'ବିଜୟଦିବସ' ପାଳନରେ କୌଣସି ବାଧା ସୃଷ୍ଟି କରାଯାଏ, ତେବେ ରୁଷ ସେନା କିଭ୍ ସହର ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ମାଡ଼ କରିବ। ଜେଲେନସ୍କି ରୁଷର ଏହି ପଦକ୍ଷେପକୁ ସମାଲୋଚନା କରି କହିଛନ୍ତି ଯେ, ରୁଷ ନେତାମାନେ ଯୁଦ୍ଧ ଶେଷ କରିବା ପାଇଁ ପ୍ରକୃତ ପଦକ୍ଷେପ ନେବାର ସମୟ ଆସିଛି। ଯଦିଓ ଉଭୟ ପକ୍ଷ ଯୁଦ୍ଧବିରତି ଘୋଷଣା କରିଛନ୍ତି, କିନ୍ତୁ ଏହା ମଧ୍ୟରେ ତିକ୍ତତା କମିବାର ନାଁ ନେଉନାହିଁ। ବିଜୟ ଦିବସ ପାଳନ ଅବସରରେ ଏହି ଅସ୍ଥାୟୀ ଯୁଦ୍ଧବିରତି କେତେଦୂର ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଲା।

# ଏସ୍‌ଆଇଆର ଯୋଗୁଁ ହାରିଲା ଟିଏମ୍‌ସି



**୯୦ ଲକ୍ଷରୁ ଅଧିକ ଭୋଟର କଟିବା ମହଙ୍ଗା ପଡ଼ିଲା**

**ଯେଉଁଠି ଅଧିକ ଭୋଟର କଟିଛନ୍ତି ସେଠି ଟିଏମ୍‌ସି ହାରିଛି**

**କଲିକତା,୫।୫(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏଥର ଏକ ବଡ଼ ଓଲଟପାଲଟ ତଥା ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୧୫ ବର୍ଷର ମମତା ବାନାର୍ଜୀଙ୍କ ଶାସନର ଅନ୍ତ ଘଟାଇ ଭାରତୀୟ ଜନତା ପାର୍ଟି (ବିଜେପି) କ୍ଷମତା ଦଖଲ କରିଛି। ତେବେ ଏହି ନିର୍ବାଚନ ପୂର୍ବରୁ ହୋଇଥିବା ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟରେ ପ୍ରାୟ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ତାଲିକାରୁ କଟିବା ତୃଣମୂଳ କଂଗ୍ରେସ ପାଇଁ ମହଙ୍ଗା ପଡ଼ିଥିବା କୁହାଯାଉଛି।

ନିର୍ବାଚନ କମିସନଙ୍କ ଦ୍ୱାରା କରାଯାଇଥିବା ଏହି ପ୍ରକ୍ରିୟାରେ ନକଲି ଏବଂ ମୃତ ଭୋଟରଙ୍କ ନାମ ହଟାଇବା ପାଇଁ ଅଭିଯାନ ଚଲାଯାଇଥିଲା। ସରକାରୀ ତଥ୍ୟ ଅନୁସାରେ, ପ୍ରାୟ ୯୦,୮୩,୩୪୫ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା। ତୃଣମୂଳ କଂଗ୍ରେସ ଏହାକୁ ନେଇ ପୂର୍ବରୁ ଅଭିଯୋଗ କରିଥିଲା ଯେ, ଏହା ଏକ ପକ୍ଷପାତିତାମୂଳକ ପଦକ୍ଷେପ ଏବଂ ଏହା ଦ୍ୱାରା ସେମାନଙ୍କର ଭୋଟ୍ ବ୍ୟାଙ୍କ୍ ପ୍ରଭାବିତ ହେବ। ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଯେଉଁ ସବୁ ଆସନରେ ସର୍ବାଧିକ ଭୋଟରଙ୍କ ନାମ କଟାଯାଇଥିଲା, ସେଠାରେ ବିଜେପି ଅଧିକ ସଫଳତା ପାଇଛି। ୧୪୭ଟି ଆସନରେ, ଯେଉଁଠାରେ ୨୫,୦୦୦ରୁ ଅଧିକ ନାମ କଟାଯାଇଥିଲା, ସେଥିମଧ୍ୟରୁ ବିଜେପି ୯୫ଟି ଆସନ ଜିତିଥିବା ବେଳେ ତୃଣମୂଳ କଂଗ୍ରେସ ମାତ୍ର ୫୧ଟି ଆସନରେ ସୀମିତ ରହିଛି। ୧୫,୦୦୦ରୁ ୨୫,୦୦୦ ମଧ୍ୟରେ ଭୋଟର କଟିଥିବା ୬୭ଟି ଆସନରୁ ବିଜେପି ୪୭ଟି ଏବଂ ତୃଣମୂଳ ୧୯ଟି ଆସନ ଜିତିଛି। ୫,୦୦୦ରୁ କମ୍ ଭୋଟର କଟିଥିବା ସମସ୍ତ ୧୩ଟି ଯାକ ଆସନରେ ବିଜେପି ବିଜୟୀ ହୋଇଛି। ମୁର୍ଶିଦାବାଦ ଜିଲ୍ଲାରେ ସର୍ବାଧିକ ୪.୫୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଥିଲା। ୨୦୨୧ରେ ଏହି ଜିଲ୍ଲାର ୨୨ଟି ଆସନରୁ ୨୦ଟି ଜିତିଥିବା ତୃଣମୂଳ କଂଗ୍ରେସ ଏଥର ମାତ୍ର ୯ଟି ଆସନ ପାଇଛି। ସେହିପରି ଉତ୍ତର ୨୪ ପ୍ରଗଣାରେ ମଧ୍ୟ ଶାସକ ଦଳର ଆସନ ସଂଖ୍ୟା ୨୮ରୁ ୮କୁ ଖସି ଆସିଛି। ନିର୍ବାଚନ କମିଶନଙ୍କ ଅନୁସାରେ, ଏହା ଏକ ସାଧାରଣ ପ୍ରକ୍ରିୟା ଥିଲା। ଭାରତ-ବାଂଲାଦେଶ ସୀମାନ୍ତରେ ଥିବା ଏହି ରାଜ୍ୟରେ ଭୋଟର ତାଲିକାକୁ ସ୍ୱଚ୍ଛ କରିବା ପାଇଁ ଏହିଭଳି ପଦକ୍ଷେପ ନିଆଯାଇଥିଲା। ଗତ ନଭେମ୍ବରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଫେବୃଆରୀ ମାସରେ ଚୂଡ଼ାନ୍ତ ହୋଇଥିଲା।

# ଫେଲ୍ ମାରିଲେ ମମତାଙ୍କ ୨୨ ଜଣ ମନ୍ତ୍ରୀ

**ନୂଆଦିଲ୍ଲୀ,୫।୫(ଏଜେନ୍ସି):** ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶାସକ ତୃଣମୂଳ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ରାଜ୍ୟର ଜନସାଧାରଣ ଶାସନ ବିରୋଧୀ ହାୱା ଯୋଗୁଁ ମମତା ବାନାର୍ଜୀଙ୍କ ମନ୍ତ୍ରୀମଣ୍ଡଳର ୬୩ ପ୍ରତିଶତ ସଦସ୍ୟଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ନିଜ ଗଡ଼ ଭବାନୀପୁରରୁ ପରାଜିତ ହୋଇଛନ୍ତି। ନିର୍ବାଚନ ଲଢ଼ିଥିବା ୩୫ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୨୨ ଜଣ ପରାଜୟର ସ୍ୱାଦ ଚାଖିଛନ୍ତି। ଏଥିରେ ଶିକ୍ଷା, ପରିବହନ, ଶିଳ୍ପ, ଗୃହ ଏବଂ ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀମାନେ ସାମିଲ ଅଛନ୍ତି। ପ୍ରମୁଖ ପରାଜିତ ଚେହେରାମାନେ ହେଲେ, ମମତା ବାନାର୍ଜୀ (ମୁଖ୍ୟମନ୍ତ୍ରୀ) - ଭବାନୀପୁର, ଅରୂପ ବିଶ୍ୱାସ (ଆବାସ ଓ ଶକ୍ତି ମନ୍ତ୍ରୀ) - ଟଲିଗଞ୍ଜ, ବ୍ରାତ୍ୟ ବସୁ (ଶିକ୍ଷା ମନ୍ତ୍ରୀ) - ଦମ୍ ଦମ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ (ଅର୍ଥ ମନ୍ତ୍ରୀ) - ଉତ୍ତର ଦମ୍ ଦମ୍, ଶଶୀ ପାଞ୍ଜା (ଶିଳ୍ପ ଓ ମହିଳା ବିକାଶ ମନ୍ତ୍ରୀ) - ଶ୍ୟାମପୁକୁ। ଶିଳ୍ପ ମନ୍ତ୍ରୀ ଶଶୀ ପାଞ୍ଜା ପ୍ରାୟ ୧୪,୬୦୦ରୁ ଅଧିକ ଭୋଟ୍‌ରେ ହାରିଥିବା ବେଳେ ପଞ୍ଚାୟତ ମନ୍ତ୍ରୀ ପ୍ରଦୀପ ମଜୁମଦାର ୩୦,୯୦୦ରୁ ଅଧିକ ଭୋଟ୍ ବ୍ୟବଧାନରେ ବିଜେପି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି। ଏହି ବିପୁଳ ପରାଜୟ କେବଳ ପ୍ରାର୍ଥୀଙ୍କ ବିରୋଧରେ ନୁହେଁ, ବରଂ ତୃଣମୂଳ କଂଗ୍ରେସର ସାମଗ୍ରିକ ଶାସନ ପ୍ରଣାଳୀକୁ ଜନସାଧାରଣ ଅଗ୍ରାହ୍ୟ କରିଥିବା ଦର୍ଶାଉଛି। ଉତ୍ତର ବଙ୍ଗରୁ ଦକ୍ଷିଣ ବଙ୍ଗ ପର୍ଯ୍ୟନ୍ତ ପ୍ରାୟ ସବୁଠି ପ୍ରଭାବଶାଳୀ ମନ୍ତ୍ରୀମାନେ ପରାସ୍ତ ହୋଇଛନ୍ତି।

# ପଶ୍ଚିମବଙ୍ଗ ରାଜନୀତିର ନୂଆ ନାୟକ ଶୁଭେନ୍ଦୁ ଅଧିକାରୀ



**କୋଲକାତା,୫।୫(ଏଜେନ୍ସି):** ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି। ଯେଉଁ ଦୁର୍ଗକୁ ଭେଦ କରିବା ବିଜେପି ପାଇଁ ଅସମ୍ଭବ ମନେ ହେଉଥିଲା, ଶୁଭେନ୍ଦୁ ଅଧିକାରୀ ସେହି ଗଡ଼କୁ ଜିତି ନିଜକୁ ବିଜେପିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ପ୍ରମାଣିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ 'ଭବାନୀପୁର'ରେ ପରାସ୍ତ କରି ଶୁଭେନ୍ଦୁ ଏବେ ବେଙ୍ଗଲ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଶୁଭେନ୍ଦୁ ଅଧିକାରୀ କେବଳ ଜଣେ ସାଧାରଣ ନେତା ନୁହନ୍ତି, ବରଂ ଜଣେ 'ଜିଆଣ୍ଟ କିଲର' (ବଡ଼ ନେତାଙ୍କୁ ପରାସ୍ତ କରୁଥିବା ବ୍ୟକ୍ତି)। ୨୦୨୧ ନିର୍ବାଚନରେ ସେ ମମତା ବାନାର୍ଜୀଙ୍କୁ ନନ୍ଦିଗ୍ରାମରେ ପରାସ୍ତ କରିଥିଲେ। କିନ୍ତୁ ଏଥର ସେ ମମତାଙ୍କ ନିଜ ଘର କୁହାଯାଉଥିବା ଭବାନୀପୁରରେ ତାଙ୍କୁ ୧୫,୦୦୦ରୁ ଅଧିକ ଭୋଟରେ ପରାସ୍ତ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଦିନେ ମମତା ବାନାର୍ଜୀଙ୍କ ପ୍ରତିଟି ଆନ୍ଦୋଳନରେ ଶୁଭେନ୍ଦୁ ମୁଖ୍ୟ ସାରଥୀ ସାଜିଥିଲେ। ନନ୍ଦିଗ୍ରାମ ଭୂମି ଆନ୍ଦୋଳନରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତୃଣମୂଳ କଂଗ୍ରେସରେ ଅଭିଷେକ ବାନାର୍ଜୀଙ୍କ ପ୍ରଭାବ ବଢ଼ିବା ପରେ ଶୁଭେନ୍ଦୁ ନିଜକୁ ଅବହେଳିତ ମନେ କରିଥିଲେ। ଶେଷରେ ୨୦୨୦ରେ ସେ ବିଜେପିରେ ଯୋଗ ଦେଇଥିଲେ। ବିଜେପିରେ ଯୋଗ ଦେବା ପରେ ସେ କେବଳ ଜଣେ ନେତା ହୋଇ ରହିନାହାନ୍ତି, ବରଂ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ଅତ୍ୟନ୍ତ ମଜବୁତ କରିଛନ୍ତି।

ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ସବୁଠାରୁ ଅଧିକ। ୧୫ ବର୍ଷର ତୃଣମୂଳ ଶାସନକୁ ଶେଷ କରିବାରେ ତାଙ୍କର ଅବଦାନକୁ ବିଜେପି କେନ୍ଦ୍ରୀୟ ନେତୃତ୍ୱ ବେଶ୍ ଗୁରୁତ୍ୱ ଦେଉଛନ୍ତି। ବିଜୟ ପରେ ଶୁଭେନ୍ଦୁ କେବଳ ବେଙ୍ଗଲରେ ସୀମିତ ନାହାନ୍ତି। ସେ ଦେଶର ଅନ୍ୟ ବିରୋଧୀ ନେତାଙ୍କୁ ମଧ୍ୟ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ,"ମମତା ବାନାର୍ଜୀ, ତେଜସ୍ୱୀ ଯାଦବ, ରାହୁଲ ଗାନ୍ଧୀ ଶେଷ ହୋଇଗଲେଣି, ଏବେ ଅଖିଳେଶଙ୍କ ଯାଦବ ପାଳି।' ଉତ୍ତର ପ୍ରଦେଶରେ ହେବାକୁ ଥିବା ଆଗାମୀ ନିର୍ବାଚନ ପୂର୍ବରୁ ଶୁଭେନ୍ଦୁଙ୍କ ଏହି ବୟାନ ବିରୋଧୀ ଶିବିରରେ ହଇଚଇ ସୃଷ୍ଟି କରିଛି। ପଶ୍ଚିମବଙ୍ଗରେ ବିଜେପିର ଏହି ଐତିହାସିକ ବିଜୟ ଶୁଭେନ୍ଦୁ ଅଧିକାରୀଙ୍କୁ ଜଣେ ଜାତୀୟ ସ୍ତରର ନେତା ଭାବେ ଉଭା କରିଛି। ମମତାଙ୍କ ଗଡ଼ରେ ତାଙ୍କର ଏହି ବିଜୟ ଭାରତୀୟ ରାଜନୀତିରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି।

# କାମବାଲୀରୁ ବିଧାୟିକା କଳିତା ମାଝି



**କୋଲକାତା,୫।୫(ଏଜେନ୍ସି):** ଆର୍ଥିକ ଅଭାବ ଓ ଦାରିଦ୍ର୍ୟକୁ ପଛରେ ପକାଇ ଜଣେ ସାଧାରଣ ଗୃହ ପରିଚାରିକା ଏବେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲ୍ଲାର ଆଉସଗ୍ରାମ ଆସନରୁ ବିଜେପି ପ୍ରାର୍ଥୀ କଳିତା ମାଝୀ ଏହି ଅସାଧାରଣ ସଫଳତା ହାସଲ କରିଛନ୍ତି। କଳିତା ମାଝୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଶ୍ୟାମା ପ୍ରସନ୍ନ ଲାହୋରୀଙ୍କୁ ୧୨,୫୩୫ ଭୋଟ୍‌ରେ ପରାସ୍ତ କରିଛନ୍ତି। ସେ ମୋଟ ୧ ଲକ୍ଷରୁ ଅଧିକ ଭୋଟ୍ ପାଇଛନ୍ତି। ମାତ୍ର ୨,୫୦୦ ଟଙ୍କା ମାସିକ ଦରମାରେ ପର ଘରେ କାମ କରୁଥିବା କଳିତାଙ୍କ ଜୀବନ ଅତ୍ୟନ୍ତ କଷ୍ଟକର ଥିଲା। ତାଙ୍କ ସ୍ୱାମୀ ଜଣେ ପ୍ଲମ୍ବର ଭାବେ କାର୍ଯ୍ୟ କରନ୍ତି। ଆର୍ଥିକ ସଙ୍କଟ ଯୋଗୁଁ ସେ ନିଜର ପାଠପଢ଼ା ମଧ୍ୟ ସମ୍ପୂର୍ଣ୍ଣ କରିପାରିନଥିଲେ। ଗତ ୧୦ ବର୍ଷ ହେବ ସେ ଜଣେ ସାଧାରଣ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ୨୦୨୧ ନିର୍ବାଚନରେ ସେ ପରାଜିତ ହୋଇଥିଲେ ସୁଦ୍ଧା ଦଳ ତାଙ୍କ ଉପରେ ପୁଣି ଭରସା ପ୍ରକଟ କରିଥିଲା। ନିର୍ବାଚନ ସତ୍ୟପାଠ ଅନୁସାରେ କଳିତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୧.୬୧ ଲକ୍ଷ ଟଙ୍କା। ଏଥିରେ ବ୍ୟାଙ୍କ ଜମା ଓ ନଗଦ ଟଙ୍କା ଅନ୍ତର୍ଭୁକ୍ତ। କଳିତା ମାଝୀଙ୍କ ଏହି ବିଜୟ ସାଧାରଣ ଜନତାଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି। ଜଣେ ଗରିବ ଶ୍ରେଣୀର ମହିଳା ନିଜର ନିଷ୍ଠା ଓ ପରିଶ୍ରମ ବଳରେ ସର୍ବୋଚ୍ଚ ଗଣତାନ୍ତ୍ରିକ ଅନୁଷ୍ଠାନରେ ପହଞ୍ଚିବା ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି।

# ମାତ୍ର ୧ ଭୋଟ୍‌ରେ ଜିତିଲେ ଟିଭିକେ ପ୍ରାର୍ଥୀ

**ଚେନ୍ନାଇ,୫।୫(ଏଜେନ୍ସି):** ତାମିଲନାଡୁ ରାଜନୀତିରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଲୋକପ୍ରିୟ ଅଭିନେତା ବିଜୟଙ୍କ ନୂତନ ଦଳ 'ତାମିଲଗା ଭେଟ୍ରି କାଝାଗମ୍' (ଟିଭିକେ) ନିଜର ପ୍ରଥମ ନିର୍ବାଚନରେ ହିଁ ଶାସକ ଡିଏମକେ ଦଳକୁ ଶକ୍ତ ଧକ୍କା ଦେଇଛି। ବିଶେଷ କରି ତିରୁପତ୍ତୁର ଆସନରେ ଟିଭିକେ ପ୍ରାର୍ଥୀ ମାତ୍ର ଗୋଟିଏ ଭୋଟ୍ ବ୍ୟବଧାନରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ପରାସ୍ତ କରିଛନ୍ତି। ତିରୁପତ୍ତୁର ଆସନରେ ଟିଭିକେ ପ୍ରାର୍ଥୀ ଶ୍ରୀନିବାସ ସେଥୁପତି ଆର. ମୋଟ ୮୩,୩୭୫ ଭୋଟ୍ ପାଇ ଶାସକ ଦଳର ସମବାୟ ମନ୍ତ୍ରୀ କେ.ଆର. ପେରିୟାକାରୁପ୍ପନଙ୍କୁ ମାତ୍ର ୧ ଭୋଟ୍‌ରେ ପରାସ୍ତ କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି। ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍ ମଧ୍ୟ ନିଜ ଆସନରୁ ଟିଭିକେ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି। ଡିଏମକେର ଗଡ଼ କୁହାଯାଉଥିବା ଚେନ୍ନାଇରେ ମଧ୍ୟ ବିଜୟଙ୍କ ଦଳ ସଫଳତା ପାଇଛି। ଟିଭିକେ ନିଜର ପ୍ରଥମ ନିର୍ବାଚନରେ ୧୦୮ଟି ଆସନ ଜିତିଥିବାବେଳେ ଡିଏମକେ ମାତ୍ର ୭୪ଟି ଆସନକୁ ଖସି ଆସିଛି। ଏଆଇଏଡିଏମକେ ୪୭ଟି ଆସନ ହାସଲ କରିଛି। ତାମିଲନାଡୁରେ ଚଳିତ ବର୍ଷ ୮୫.୧% ରୁ ଅଧିକ ଭୋଟ୍ ମତଦାନ ହୋଇଥିଲା, ଯାହା ଏକ ଐତିହାସିକ ରେକର୍ଡ।

# ଆସାମରେ ବଦରୁଦ୍ଦିନ ଆଜମଲଙ୍କ ବିପର୍ଯ୍ୟୟ

**ଗୁଆହାଟୀ,୫।୫(ଏଜେନ୍ସି):** ଆସାମ ରାଜନୀତିରେ ମୁସଲମାନ ସଂଖ୍ୟାଲଘୁଙ୍କ ପ୍ରମୁଖ ସ୍ୱର କୁହାଯାଉଥିବା ବଦରୁଦ୍ଦିନ ଅଜମଲଙ୍କ ଦଳ ଏଆଇୟୁଡିଏଫ୍ ଚଳିତ ବିଧାନସଭା ନିର୍ବାଚନରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏକଦା ୧୬ଟି ଆସନ ଜିତିଥିବା ଏହି ଦଳ ଏବେ ମାତ୍ର ୨ଟି ଆସନରେ ସୀମିତ ହୋଇଯାଇଛି। ୨୦୨୪ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିବା ଅଜମଲ ହୋଜାଇ ଜିଲ୍ଲାର ବିନ୍ନାକାନ୍ଦି ଆସନରୁ ବିଜୟୀ ହୋଇଥିବା ବେଳେ, ଦଳର ଅନ୍ୟତମ ପ୍ରାର୍ଥୀ ମଜିବୁର ରହମାନ ଦଲଗାଓଁ ଆସନ ବଜାୟ ରଖିଛନ୍ତି। ଏହା ବ୍ୟତୀତ ବାକି ସମସ୍ତ ସ୍ଥାନରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ମୁସଲମାନ ବହୁଳ ଅଞ୍ଚଳରେ ୯୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲେ ସୁଦ୍ଧା, ଏହି ଭୋଟ୍ ଏଆଇୟୁଡିଏଫ୍ ବଦଳରେ କଂଗ୍ରେସ ଖାତାକୁ ଯାଇଛି। ଧୁବ୍ରୀ, ମାଙ୍କାଚର ଏବଂ ସାମଗୁରି ଭଳି ଆସନରେ କଂଗ୍ରେସ ନିର୍ଣ୍ଣାୟକ ବିଜୟ ହାସଲ କରିଛି। ରାଜନୈତିକ ସମୀକ୍ଷକଙ୍କ ଅନୁସାରେ, ପରିବାରବାଦ ଏବଂ ଭୁଲ୍ ପ୍ରାର୍ଥୀ ଚୟନ ଯୋଗୁଁ ଦଳର ଏହି ଅବସ୍ଥା ହୋଇଛି। ଏଥିସହ କଂଗ୍ରେସ ସହ ମେଣ୍ଟ ନ ହେବା ମଧ୍ୟ ଦଳକୁ ମହଙ୍ଗା ପଡ଼ିଛି। ୨୦୦୫ରେ ଗଠିତ ଏହି ଦଳ ପାଇଁ ଏବେ ନିଜର ଅସ୍ତିତ୍ୱ ରକ୍ଷା କରିବା କଷ୍ଟକର ହୋଇପଡ଼ିଛି। ସଂସଦରେ କୌଣସି ସଦସ୍ୟ ନଥିବା ବେଳେ ବିଧାନସଭାରେ ମଧ୍ୟ ଦଳର ଶକ୍ତି ହ୍ରାସ ପାଇଛି। ବଦରୁଦ୍ଦିନ ଅଜମଲଙ୍କ ଦଳ ଏବେ ଆସାମ ରାଜନୀତିରେ ନିଜର ପ୍ରାସଙ୍ଗିକତା ହରାଉଥିବା ପରି ମନେହେଉଛି। ଭୋଟରମାନେ ଆଞ୍ଚଳିକ ଦଳ ଅପେକ୍ଷା କଂଗ୍ରେସ ଭଳି ଜାତୀୟ ବିକଳ୍ପକୁ ଆପଣେଇ ନେଇଛନ୍ତି।

# ମଧ୍ୟପ୍ରାଚ୍ୟରେ ପୁଣି ଗର୍ଜିଲା କ୍ଷେପଣାସ୍ତ୍ର ଓ ଡ୍ରୋନ

**● ୟୁଏଇ ବନ୍ଦର ଉପରେ ଇରାନର ଆକ୍ରମଣ**

**● ୩ ଭାରତୀୟ ଆହତ, ନିନ୍ଦା କଲେ ମୋଦୀ**

**ନୂଆଦିଲ୍ଲୀ,୫।୫(ଏଜେନ୍ସି):** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ର ଫୁଜୈରା ତୈଳ ଶିଳ୍ପାଞ୍ଚଳ ଉପରେ ଇରାନ ପକ୍ଷରୁ ହୋଇଥିବା ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି। ଏହି ଆକ୍ରମଣରେ ତିନିଜଣ ଭାରତୀୟ ନାଗରିକ ଆହତ ହୋଇଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ "ଅଗ୍ରହଣୀୟ' ବୋଲି ଅଭିହିତ କରିଛି। ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଏହି ଆକ୍ରମଣ ବିଶ୍ୱ ଶାନ୍ତି ପ୍ରତି ବିପଦ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ, ସାଧାରଣ ନାଗରିକ ଏବଂ ଭିତ୍ତିଭୂମିକୁ ଟାର୍ଗେଟ୍ କରିବା କୌଣସି ପରିସ୍ଥିତିରେ ଗ୍ରହଣଯୋଗ୍ୟ ନୁହେଁ। ଭାରତ ଏହି ସଙ୍କଟ ସମୟରେ ୟୁଏଇ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛି ଏବଂ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ପାଇଁ ଆହ୍ୱାନ ଦେଇଛି। ବିଶ୍ୱ ଶକ୍ତି ସୁରକ୍ଷା ପାଇଁ 'ହର୍ମୁଜ ପ୍ରଣାଳୀ' ଦେଇ ଜଳପଥ ପରିବହନ ସୁରକ୍ଷିତ ରହିବା ଏକାନ୍ତ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଇରାନ ପକ୍ଷରୁ ୧୫ଟି ମିସାଇଲ୍ ଏବଂ ୪ଟି ଡ୍ରୋନ୍ ମାଡ଼ କରାଯାଇଥିଲା। ଏଥିମଧ୍ୟରୁ ଏକ ଡ୍ରୋନ୍ ଫୁଜୈରାର ସବୁଠାରୁ ବଡ଼ ତୈଳ କେନ୍ଦ୍ରରେ ନିଆଁ ଲଗାଇ ଦେଇଥିଲା, ଯେଉଁଠାରେ କାର୍ଯ୍ୟରତ ୩ ଜଣ ଭାରତୀୟ ଆହତ ହୋଇଥିଲେ। ବ୍ରିଟିଶ ସେନା ମଧ୍ୟ ଦୁଇଟି ମାଲବାହୀ ଜାହାଜରେ ନିଆଁ ଲାଗିଥିବା ସୂଚନା ଦେଇଛି। ଇରାନ ଏହି ଆକ୍ରମଣକୁ ସିଧାସଳଖ ସ୍ୱୀକାର କରିନାହିଁ। ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆମେରିକା ଏବଂ ୟୁଏଇ ନିଜ ପାଇଁ ବିପଦ ସୃଷ୍ଟି କରିବା ଉଚିତ ନୁହେଁ। ଅପରପକ୍ଷରେ, ଇରାନର ସରକାରୀ ଗଣମାଧ୍ୟମ ଏହାକୁ ଆମେରିକାର ସାମରିକ ପଦକ୍ଷେପର ପରିଣାମ ବୋଲି ବର୍ଣ୍ଣନା କରିଛି। ଆମେରିକା ପକ୍ଷରୁ ଜାହାଜଗୁଡ଼ିକୁ ସୁରକ୍ଷା ଦେଇ ପାର କରାଇବା ପାଇଁ ଚେଷ୍ଟା କରାଯାଉଥିବା ବେଳେ ଇରାନ ଏହାକୁ ଯୁଦ୍ଧବିରତିର ଉଲ୍ଲଙ୍ଘନ ବୋଲି କହୁଛି। ମଧ୍ୟ-ପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସବୁବେଳେ କୂଟନୈତିକ ଆଲୋଚନା ଉପରେ ଗୁରୁତ୍ୱ ଦେଇ ଆସିଛି। ଭାରତୀୟ ନାଗରିକମାନେ ଏହି ବିବାଦରେ ଆହତ ହେବା ପରେ ଭାରତର ଆଭିମୁଖ୍ୟ ଅଧିକ କଠୋର ହୋଇଛି। ଆନ୍ତର୍ଜାତୀୟ ନିୟମ ଅନୁସାରେ ସାମୁଦ୍ରିକ ପରିବହନ ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ଏବେ ବିଶ୍ୱ ସମୁଦାୟ ପାଇଁ ଏକ ବଡ଼ ଆହ୍ୱାନ।

# ଭାରତର ରନ୍ଧନ ଗ୍ୟାସ୍ ପାଇଁ ହର୍ମୁଜ ମୁକ୍ତ ରଖିବ ଆମେରିକା

**ୱାଶିଂଟନ,୫।୫(ଏଜେନ୍ସି):** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ଫ୍ରିଡମ୍' ଯୋଜନାକୁ ଏକ 'ମାନବୀୟ ପ୍ରୟାସ' ବୋଲି କରିଛନ୍ତି। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ହର୍ମୁଜରେ ଅଟକି ରହିଥିବା ଜାହାଜଗୁଡ଼ିକୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଆମେରିକା ପଦକ୍ଷେପ ନେବ, ଯାହାଫଳରେ ଭାରତ ଭଳି ଦେଶକୁ ରନ୍ଧନ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ। ବେସେଣ୍ଟ କହିଛନ୍ତି , ଏହି ଜଳପଥ ଦେଇ କେବଳ ତେଲ ନୁହେଁ, ବରଂ ସାର, ଖାଦ୍ୟ ଏବଂ ଭାରତର ୧୦୦ କୋଟିରୁ ଅଧିକ ଜନସାଧାରଣ ବ୍ୟବହାର କରୁଥିବା ରନ୍ଧନ ଗ୍ୟାସ୍ ପରିବହନ ହୋଇଥାଏ। ଏହାକୁ ସୁରକ୍ଷିତ ରଖିବା ବିଶ୍ୱ ଯୋଗାଣ ଶୃଙ୍ଖଳ ପାଇଁ ଅତ୍ୟନ୍ତ ଜରୁରୀ। ଆମେରିକା ଅଭିଯୋଗ କରିଛି ଯେ ଇରାନ ଏହି ଆନ୍ତର୍ଜାତୀୟ ଜଳପଥକୁ ବନ୍ଦ କରିବାକୁ ଚେଷ୍ଟା କରୁଛି। ଇରାନର ନୌସେନା ଏବେ ଏକ 'ଲୁଟେରା ଦଳ'ରେ ପରିଣତ ହୋଇଛି ଏବଂ ସେମାନଙ୍କ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ବେସେଣ୍ଟ ଦାବି କରିଛନ୍ତି। ଆମେରିକା ଅଭିଯୋଗ କରିଛି ଯେ ଚୀନ୍ ଇରାନରୁ ୯୦% ତେଲ କିଣି ଆତଙ୍କବାଦକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଛି।

# ନାସାର ଉଡ଼ନ୍ତା ପରୀକ୍ଷାଗାର



**ଭର୍ଜିନିଆ,୫।୫(ଏଜେନ୍ସି):** ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଏକ ପୁରୁଣା ଯାତ୍ରୀବାହୀ ବିମାନ ବୋଇଂ ୭୭୭କୁ ଏକ ଅତ୍ୟାଧୁନିକ ଉଡ଼ନ୍ତା ପରୀକ୍ଷାଗାରରେ ପରିଣତ କରିଛି। ଏହି ବିମାନଟି ନିକଟରେ ଟେକ୍ସାସରୁ ନିଜର ସମସ୍ତ ରୂପାନ୍ତରଣ ପ୍ରକ୍ରିୟା ଶେଷ କରି ଭର୍ଜିନିଆସ୍ଥିତ ଲାଙ୍ଗଲି ରିସର୍ଚ୍ଚ ସେଣ୍ଟରକୁ ଫେରିଛି। ବିମାନଟିର ବାହ୍ୟ ଓ ଆଭ୍ୟନ୍ତରୀଣ ସଂରଚନାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ବୈଜ୍ଞାନିକ ଉପକରଣ ଖଞ୍ଜିବା ପାଇଁ ଏହାର ବଡିରେ ହଜାର ହଜାର କଣା କରାଯିବା ସହ ସ୍ୱତନ୍ତ୍ର ସେନ୍ସର, ଇନଫ୍ରାରେଡ୍ ଇମେଜିଙ୍ଗ୍ ସିଷ୍ଟମ୍ ଏବଂ ଲାଇଡାର୍ ଭଳି ଯନ୍ତ୍ରପାତି ଲଗାଯାଇଛି। ପୂର୍ବରୁ ବ୍ୟବହୃତ ହେଉଥିବା ଡିସି-୮ ବିମାନ ଅବସର ନେବା ପରେ ନାସା ଏହି ବଡ଼ ବିମାନକୁ ବାଛିଛି। ଏହା ଏକାସାଙ୍ଗରେ ୫୦ରୁ ୧୦୦ ଜଣ ବୈଜ୍ଞାନିକ ଏବଂ ପ୍ରାୟ ୩୪,୦୦୦ କିଲୋଗ୍ରାମର ବୈଜ୍ଞାନିକ ଉପକରଣ ବହନ କରିପାରିବ। ଏହି ବିମାନଟି କ୍ରମାଗତ ଭାବେ ୧୮ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହି ଗବେଷଣା କରିପାରିବ। ଏହା ଦ୍ୱାରା ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳୀୟ ଗତିବିଧି ଏବଂ ପାଣିପାଗ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିପାରିବେ। ୨୦୨୭ ଜାନୁଆରୀ ମାସରେ ଏହି ବିମାନଟି ନିଜର ପ୍ରଥମ ବୈଜ୍ଞାନିକ ମିଶନ ନର୍ଚର' ଆରମ୍ଭ କରିବ। ଏହି ମିଶନରେ ଉତ୍ତର ଆମେରିକା, ଗ୍ରୀନଲ୍ୟାଣ୍ଡ ଏବଂ ଆର୍କଟିକ ଅଞ୍ଚଳରେ ପ୍ରବଳ ଶୀତ ଓ ବରଫପାତ ସମ୍ପର୍କରେ ଅଧ୍ୟୟନ କରାଯିବ। ନାସାର ଏହି ନୂତନ ପଦକ୍ଷେପ ବାୟୁମଣ୍ଡଳୀୟ ବିଜ୍ଞାନ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ। ଏହି ଉଡ଼ନ୍ତା ପରୀକ୍ଷାଗାର ସାହାଯ୍ୟରେ ପୃଥିବୀର ଜଳବାୟୁ ସମସ୍ୟାଗୁଡ଼ିକୁ ବୁଝିବା ଏବଂ ସଠିକ୍ ପୂର୍ବାନୁମାନ କରିବା ଅଧିକ ସହଜ ହେବ।

**ବୋଇଂ ୭୭୭ ଏବେ ବୈଜ୍ଞାନିକଙ୍କ ପାଇଁ ଶକ୍ତିଶାଳୀ ଲାବୋରେଟୋରୀ**

# ଆମେରିକୀୟ 'ଫ୍ଲାଇଙ୍ଗ୍ ଗ୍ୟାସ୍ ଷ୍ଟେସନ୍' ନିଖୋଜ



**ୱାଶିଂଟନ,୫।୫(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ବାୟୁସେନାର ଏକ ଗୁରୁତ୍ୱପୂର୍ଣ୍ଣ ବିମାନ 'ବୋଇଂ କଉ-୧୩୫ ଷ୍ଟ୍ରାଟୋଟାଙ୍କର୍' କାତାର ଆକାଶରେ ନିଖୋଜ ହୋଇଯାଇଛି। ନିଖୋଜ ହେବା ପୂର୍ବରୁ ବିମାନଟି ଏକ ଜରୁରୀକାଳୀନ ସଙ୍କେତ ପ୍ରଦାନ କରିଥିଲା। ଫ୍ଲାଇଟ୍-ଟ୍ରାକିଂ ଡାଟା ଅନୁସାରେ, ବିମାନଟି ପାରସ୍ୟ ଉପସାଗର ଉପରେ ଉଡୁଥିବା ସମୟରେ "୭୭୦୦" କୋଡ୍ ସହ ଏକ ବିପଦ ସଙ୍କେତ ଜାରି କରିଥିଲା। ଏହା ସଂଯୁକ୍ତ ଆରବ ଏମିରେଟ୍ସରୁ ଉଡ଼ାଣ ଆରମ୍ଭ କରିଥିଲା।ସଙ୍କେତ ହରାଇବା ପୂର୍ବରୁ ବିମାନଟି କିଛି ସମୟ ପାଇଁ ଆକାଶରେ ଗୋଲାକାର ଭାବେ ବୁଲୁଥିବାର ଦେଖାଯାଇଥିଲା। ଏହାପରେ କାତାର ନିକଟରେ ଏହାର ରାଡାର ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। ବିମାନଟି କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନିଖୋଜ ହେଲା କିମ୍ବା ଶତ୍ରୁପକ୍ଷର ଆକ୍ରମଣର ଶିକାର ହେଲା, ସେ ନେଇ ଆମେରିକା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏହି ବିମାନକୁ 'ଫ୍ଲାଇଙ୍ଗ୍ ଗ୍ୟାସ୍ ଷ୍ଟେସନ୍' କୁହାଯାଏ, କାରଣ ଏହା ଆକାଶ ମାର୍ଗରେ ଅନ୍ୟ ଯୁଦ୍ଧ ବିମାନ ଗୁଡ଼ିକୁ ଇନ୍ଧନ ଯୋଗାଇଥାଏ। ଏଥିସହ ଏହା ଯାତ୍ରୀ ଓ ମାଲ୍ ପରିବହନ ପାଇଁ ମଧ୍ୟ ବ୍ୟବହୃତ ହୁଏ। ଗତ ମାର୍ଚ୍ଚ ମାସରେ ମଧ୍ୟ ଇରାକରେ ଏହିପରି ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବର୍ତ୍ତମାନର ଏହି ଘଟଣା ଆମେରିକୀୟ ବାୟୁସେନା ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ବିମାନ ଓ ଏହାର କର୍ମଚାରୀଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଜାରି ହେଲା ଜରୁରୀକାଳୀନ ସଙ୍କେତ**

## ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟରେ ଦୁର୍ଘଟଣା

# ବିଷାକ୍ତ ଗ୍ୟାସ୍ ଲିକ୍‌ରୁ ୩ ଶ୍ରମିକ ମୃତ



ଅନୁଗୋଳ/ହିନ୍ଦୋଳ, ୫।୫(ସମିସ): ଅନୁଗୋଳ ନିଶା ଥାନା ଅନ୍ତର୍ଗତ ଶ୍ରୀ ମେଟାଲିକ୍ସ ସ୍ପଞ୍ଜ ଆଇରନ୍ ପ୍ଲାଣ୍ଟରେ ଗତକାଲି ବିଳମ୍ବିତ ରାତିରେ ଏକ ବଡ଼ଧରଣର ଦୁର୍ଘଟଣା ଘଟି ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ସୁନ୍ଦରଗଡ଼ ଜିଲ୍ଲା ତିନିଗୁଡ଼ା ଗାଁର ଶ୍ରୀଧର ବୋଗେନ୍, ମଣ୍ଟୁ କୁମାର ଏବଂ ରାଜଗାଙ୍ଗପୁରର ମଙ୍ଗଳ ମାଝୀ।

**ଘଟଣା ଚାପିଦେବାକୁ ଉଦ୍ୟମ**

ସୂଚନାନୁସାରେ, ପ୍ଲାଣ୍ଟର ଡିଆର୍‌ଆଇ ୟୁନିଟ୍‌ରେ କାମ ଚାଲିଥିବା ବେଳେ ବିଷାକ୍ତ ଗ୍ୟାସ୍ ଲିକ୍ ଯୋଗୁଁ ଏହି ଅଘଟଣ ଘଟିଥିବା ଆଶଙ୍କା କରାଯାଉଛି। ପ୍ଲାଣ୍ଟ କର୍ତ୍ତୃପକ୍ଷ ଘଟଣାକୁ ଲୁଚାଇବା ପାଇଁ ଶବଗୁଡ଼ିକୁ ସ୍ଥାନୀୟ ଡାକ୍ତରଖାନା ନ ନେଇ ୪୦ କିମି ଦୂର ହିନ୍ଦୋଳକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି। ଆଜି ସକାଳେ ଖବର ପ୍ରଚାରିତ ହେବା ପରେ ପୁଲିସ ପ୍ଲାଣ୍ଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାର ପହଞ୍ଚି ସାରିଥିଲେ ମଧ୍ୟ ସମନ୍ୱୟ ଅଭାବରୁ ଶବ ବ୍ୟବଚ୍ଛେଦରେ ବିଳମ୍ବ ହୋଇଛି। ଏହି ସ୍ପର୍ଶକାତର ଘଟଣାରେ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ସନ୍ଦେହ ନେଲା ଜୀବନ

# ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ଝାରସୁଗୁଡ଼ା, ୫।୫(ସମିସ): ସନ୍ଦେହ ପୁଣି ଜଣଙ୍କ ଜୀବନ ନେଇଛି। ପରପୁରୁଷ ସହ ସଂପର୍କ ଥିବା ସନ୍ଦେହ କରି ସ୍ତ୍ରୀକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଛି ସ୍ୱାମୀ। ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ବାଗଡ଼ିହି ଫାଣ୍ଡି ଅନ୍ତର୍ଗତ ଦେଓପାନ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଦେଓପାନ ଗ୍ରାମର ମନୋଜ ଛତ୍ରିଆ ତାଙ୍କ ପତ୍ନୀ ସୁଷମା ଛତ୍ରିଆ (୨୮)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂହ ଓ ଲଇକେରା ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହ ହତ୍ୟାରେ ବ୍ୟବହୃତ ଠେଙ୍ଗା ଓ ଫୁଙ୍କନଳୀକୁ ଜବତ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ମନୋଜ ଛତ୍ରିଆକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ସୁଷମାଙ୍କ ଅନ୍ୟ ପୁରୁଷଙ୍କ ସହ ସଂପର୍କ ଥିବା ନେଇ ମନୋଜ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ପ୍ରାୟ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହେଉଥିଲା। ଗତ ରାତିରେ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଉଭୟଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମନୋଜ ଏକ ଠେଙ୍ଗା ଓ ଫୁଙ୍କନଳୀରେ ସୁଷମାକୁ ନିସ୍ତୁକ ମାଡ଼ ମାରିଥିଲେ। ପଡ଼ୋଶୀମାନେ ସୁଷମାଙ୍କୁ ଝାରସୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଶ୍ରୀ ମେହେର କହିଛନ୍ତି।

# ସାରଳା ପୀଠରେ 'ବନ୍ଦୀ' ବଡ଼ଠାକୁର!

## ୧୦ ବର୍ଷ ହେବ ତାଳଧ୍ୱଜ ରଥଚକ ଥିବା ମନ୍ଦିରରେ ଝୁଲୁଛି ତାଲା

ପୁରୀ, ୫।୫ (ସମିସ): ଦାରୁବ୍ରହ୍ମ ଲୀଳାର ପବିତ୍ର ସ୍ମୃତିକୁ ବହନ କରୁଥିବା ମା' ସାରଳାଙ୍କ ପୀଠରେ ବଡ଼ଠାକୁର ବଳଭଦ୍ର ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏକପ୍ରକାର 'ବନ୍ଦୀ' ଅବସ୍ଥାରେ ଅଛନ୍ତି। ତାଳଧ୍ୱଜ ରଥଚକ ରଖାଯାଇଥିବା ସ୍ମୃତି ମନ୍ଦିରରେ ଦୀର୍ଘବର୍ଷ ଧରି ତାଲା ଝୁଲୁଛି। ମନ୍ଦିର ଉପରେ ଗଛ ଉଠିଲାଣି। ଗୁମୁଟ ଉପରେ ଥିବା ଦଶାବତାର ମୂର୍ତ୍ତି ମଧ୍ୟରୁ କେତେକ ହଜିଗଲେଣି। ତେବେ ମହାପ୍ରଭୁଙ୍କ ଦାରୁସ୍ଥଳ ପ୍ରତି ଏପରି ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଗନ୍ନାଥପ୍ରେମୀ ଭକ୍ତ ଓ ବୁଦ୍ଧିଜୀବୀ।

୨୦୧୫ ଥିଲା ମହାପ୍ରଭୁଙ୍କ ନବକଳେବର ବର୍ଷ। କାକଟପୁର ମା' ମଙ୍ଗଳାଙ୍କ ସ୍ୱପ୍ନାଦେଶ ଅନୁସାରେ କନକପୁରସ୍ଥିତ ମା' ସାରଳାଙ୍କ ମନ୍ଦିର ନିକଟରୁ ବଡ଼ଠାକୁର ବଳଭଦ୍ରଙ୍କ ଦାରୁ ଚିହ୍ନଟ ହୋଇଥିଲା। ଝଙ୍କଡ଼ବାସିନୀ ମା' ସାରଳା ମାଟିର ଦାରୁ ପୁରୀ ଆସି ଦାରୁବ୍ରହ୍ମ ହେବା ଘଟଣା ସମଗ୍ର ଓଡ଼ିଶା ପାଇଁ ଥିଲା ଗୌରବର ବିଷୟ ଥିଲା। ଏହି ଐତିହାସିକ ଘଟଣାର ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସହଯୋଗରେ ଦାରୁ ଅଣାଯାଇଥିବା ସ୍ଥଳରେ ଏକ ସ୍ମୃତି ମନ୍ଦିର ନିର୍ମାଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା, ଶ୍ରଦ୍ଧାଳୁ ଆସିଲେ ଏହିଠାରୁ ବଡ଼ଠାକୁରଙ୍କ ଦାରୁ ଯାଇଥିଲା ବୋଲି ମନେ ପକାଇବେ। ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ର ପୁରୀରୁ ତାଳଧ୍ୱଜ ରଥର ଏକ ପବିତ୍ର ଚକ ଆଣି ସେହି ମନ୍ଦିରରେ ସ୍ଥାପନ କରାଯାଇଥିଲା। 'ରଥ କହେ ମୁଁ ଦେବତା, ଚକ କହେ ମୁଁ ଦେବତା' ଏହି ଲୋକକଥାକୁ ବିଶ୍ୱାସ କରି ସେଦିନ କନକପୁର ସମେତ ସମଗ୍ର ଅଞ୍ଚଳ ଭାବ ଭକ୍ତିରେ ଭିଜି ଯାଇଥିଲା। ମା' ସାରଳା ଏବଂ ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ବାଣୀକ୍ଷେତ୍ର ଜଗତ୍‌ସିଂହପୁର। କିନ୍ତୁ ଦୁର୍ଭାଗ୍ୟର ବିଷୟ, ମନ୍ଦିର ପ୍ରତିଷ୍ଠା ପରେ ସେଥିରେ ପଡ଼ିଥିବା ତାଲା ଆଜି ଯାଏଁ ଖୋଲିନାହିଁ। ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ମନ୍ଦିର ବନ୍ଦ। ନା ନୀତିକାନ୍ତି ହେଉଛି, ନା ପୂଜାର୍ଚ୍ଚନା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ, ମନ୍ଦିର ଭିତରେ ନିଜ ତାଳଧ୍ୱଜ ରଥଚକକୁ ଜଗି ବସିଛନ୍ତି ବଡଠାକୁର ଶ୍ରୀବଳଭଦ୍ର। ଆମେ କିନ୍ତୁ ତାଙ୍କୁ ଦର୍ଶନ କରିପାରୁନୁ। ଏହା ହିଁ ଅଞ୍ଚଳବାସୀ ଏବଂ ବାହାରୁ ଯାଉଥିବା ଶ୍ରଦ୍ଧାଳୁଙ୍କ ମନରେ କ୍ଷୋଭ।

ଆଗାମୀ ନବକଳେବର ୨୦୩୪ମସିହାରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି। ଜଗନ୍ନାଥ ସଂସ୍କୃତି ଅନୁସାରେ, ଯେଉଁବର୍ଷ ଦୁଇଟି ଆଷାଢ଼ ମାସ (ଯୁଗ୍ମ ଆଷାଢ଼) ପଡ଼େ, ସେହିବର୍ଷ ନବକଳେବର ଅନୁଷ୍ଠିତ ହୋଇଥାଏ। ତେଣୁ, ଆଗାମୀ ନବକଳେବରକୁ ମାତ୍ର ଆଠବର୍ଷ ଥିବା ବେଳେ ପୂର୍ବ ନବକଳେବର ଦାରୁସ୍ଥଳର ଏପରି ଦୁରବସ୍ଥା ଓ ବଡ଼ଠାକୁରଙ୍କ ପ୍ରତି ଅସମ୍ମାନକୁ ନେଇ ଭକ୍ତ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି।

ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାପତି ଡ. ବଦ୍ରି ମିଶ୍ର ଓ ସୁନାବେଶ ଭଜନ



ସମାରୋହର ସମ୍ପାଦକ ମନୋଜ ଦଇତାପତି ତୁରନ୍ତ ମନ୍ଦିରରୁ ତାଲା ଖୋଲି ନିୟମିତ ପୂଜାର୍ଚ୍ଚନା ଆରମ୍ଭ କରିବାକୁ ଦାବି କରିଛନ୍ତି। ନିକଟରେ ଉଭୟ ମା' ଶାରଳାଙ୍କ ଦର୍ଶନ ପାଇଁ ଯାଇଥିଲେ। ସେଠାରେ କିଛି ପୂଜକ ସେମାନଙ୍କୁ ବନ୍ଦ ପଡ଼ିଥିବା ମନ୍ଦିର ବିଷୟରେ କହିବା ସହ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଯଦି ବି କୌଣସି କାରଣ ପାଇଁ ଏହା ବନ୍ଦ ରହିଛି, ତେବେ ପ୍ରଶାସନ ଏ ଦିଗରେ ତତ୍ପରତା ପ୍ରକାଶ କରିବା ଦରକାର। ଶ୍ରୀମନ୍ଦିର ପ୍ରଶାସନ ବି ଏଥିରେ ହସ୍ତକ୍ଷେପ କରିବା ଉଚିତ ବୋଲି ସେମାନେ କହିଥିଲେ।

ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ରାଜ୍ୟ ସଭାପତି ଶ୍ରୀ ମିଶ୍ର କହିଛନ୍ତି, 'ତାଳଧ୍ୱଜ ରଥଚକ ନିଜେ ବଡ଼ଠାକୁରଙ୍କ ପ୍ରତୀକ। ତାଙ୍କ ପ୍ରତି ଏପରି ଅସମ୍ମାନ ସମଗ୍ର ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ, ଶ୍ରୀମନ୍ଦିର ପରିଚାଳନା କମିଟିର ସଂସ୍କୃତି ସବ୍ କମିଟି ରହିଛି। ଏହି କମିଟିର ପ୍ରମୁଖ ଦାୟିତ୍ୱ ହେଉଛି ଜଗନ୍ନାଥ ସଂସ୍କୃତି, ପରମ୍ପରା, ନୀତିକାନ୍ତି ଏବଂ ଧାର୍ମିକ ବିଧିବିଧାନର ସଠିକ୍ ପାଳନ କିପରି ହେବ, ତାହା ବଢ଼ିବା। ତେଣୁ ଏହି ସବ୍-କମିଟି ତୁରନ୍ତ ଏହି ମନ୍ଦିର ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦେବା ଆବଶ୍ୟକ। ସଂସ୍କୃତି ମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ଏଥିରେ ହସ୍ତକ୍ଷେପ କରି ଭକ୍ତମାନଙ୍କ ପାଇଁ ମନ୍ଦିର ଖୋଲିବା ଦରକାର। ଏନେଇ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଗୁରୁତ୍ୱପୂର୍ଣ୍ଣ ହେଉଛି, ଦାରୁସ୍ଥଳ କେବଳ ଏକ ସ୍ଥାନ ନୁହେଁ, ଏହା କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ହେଲେ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ବଡ଼ଠାକୁରଙ୍କ ଦାରୁସ୍ଥଳରେ ନିର୍ମିତ ସ୍ମୃତି ମନ୍ଦିରରେ ତାଲା ପଡ଼ିବା ଦୁର୍ଭାଗ୍ୟଜନକ। ଏହି ମନ୍ଦିରର ତାଲା କେବେ ଖୋଲୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ ତଳେ ପେଟ୍ରୋଲ ପମ୍ପକୁ ଅନୁମତି

# ଉଦ୍‌ବେଗ ପ୍ରକାଶ କଲେ ହାଇକୋର୍ଟ

କଟକ,୫।୫(ସମିସ): ଏକ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ତଳେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ଅନୁମତି ଦିଆଯିବା ଘଟଣାକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହା ଜୀବନ ଓ ସମ୍ପତ୍ତି ପ୍ରତି ଏକ ବଡ଼ ବିପଦ ବୋଲି ଅଦାଲତ ଦର୍ଶାଇଛନ୍ତି। ହାଇକୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସମ୍ଭାବ୍ୟ ବିପଦର ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଯାଞ୍ଚ କରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ**

ଆସନ୍ତା ମେ' ୨୦, ୨୦୨୬ ସୁଦ୍ଧା ଏହି ଯାଞ୍ଚ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ଅଦାଲତ। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଞ୍ଚଳର ଅନ୍ନପୂର୍ଣ୍ଣା ମୁଦୁଲି ଓ ଅନ୍ୟ ୪ଜଣ ବାସିନ୍ଦାଙ୍କ ଦ୍ୱାରା ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

"ପେଟ୍ରୋଲ ଓ ଡିଜେଲ ଅତ୍ୟନ୍ତ ଜ୍ୱଳନଶୀଳ ପଦାର୍ଥ। ଯଦି କୌଣସି କାରଣରୁ ସର୍ଟସର୍କିଟ୍ ହୁଏ, ଏହା କେବଳ ସମ୍ପତ୍ତି ନୁହେଁ, ବରଂ ଜୀବନହାନିର ବଡ଼ କାରଣ ହୋଇପାରେ" ବୋଲି ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ତାରିଖ ଦିନ ଅନୁଷ୍ଠିତ ହେବ।

ପ୍ରକାଶଥାଉକି, କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଅଞ୍ଚଳରେ ଏଭଳି ବିପଦକୁ ଆମନ୍ତ୍ରଣ କରି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ ତଳେ ପେଟ୍ରୋଲ ପମ୍ପକୁ ଅନୁମତି ପ୍ରଦାନକୁ ବିରୋଧ କରି ଆବେଦନକାରୀ ଗ୍ରାମବାସିନ୍ଦା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରୀ ଓକିଲ ହାଇକୋର୍ଟଙ୍କୁ ଜଣାଇଥିଲେ ଯେ କର୍ତ୍ତୃପକ୍ଷ ଏହି ଅଭିଯୋଗକୁ ଅଣଦେଖା କରିବେ ନାହିଁ ଏବଂ ଏହାର ତଦନ୍ତ କରାଯିବ। ସେ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ କୋର୍ଟଙ୍କ ନିକଟରୁ ସମୟ ମାଗିଥିଲେ।

■ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ଦୁଇ ଅଭିଯୁକ୍ତଙ୍କ ଅନ୍ତରୀଣ ଜାମିନ ଆବେଦନ ଖାରଜ କଲେ ହାଇକୋର୍ଟ

କଟକ, ୫।୫ (ସମିସ): ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆରବି)ର ଏସ୍‌ଆଇ ପଦ ପାଇଁ ନିଯୁକ୍ତି ପରୀକ୍ଷା କେଳେଙ୍କାରୀରେ ଗିରଫ ଦୁଇଜଣ ଅଭିଯୁକ୍ତଙ୍କ ଅନ୍ତରୀଣ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ନିମାଇଁ ଚରଣ ସାହୁ ଓ ଅମିତ ଭାରତୀଙ୍କ ତରଫରୁ ରୁଜୁ ଅନ୍ତରୀଣ ଜାମିନ୍ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ପତ୍ନୀଙ୍କ ଚିକିତ୍ସା କରାଇବା ପାଇଁ ନିମାଇଁ ଓ ମାତାଙ୍କ ଚିକିତ୍ସା ପାଇଁ ଅମିତ ହାଇକୋର୍ଟରେ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ମାମଲା ଶୁଣାଣି ବେଳେ ହାଇକୋର୍ଟ ଅବଗତ ହୋଇଥିଲେ ଯେ ଆବେଦନକାରୀ ନିମାଇଁଙ୍କ ବାପା ଜଣେ ଗ୍ରୋସରି ଦୋକାନୀ ଏବଂ ତାଙ୍କର ଦୁଇ ଜଣ ଭାଇ ମଧ୍ୟ ଅଛନ୍ତି। ତେଣୁ, ନିମାଇଁଙ୍କ ଅନୁପସ୍ଥିତିରେ ମଧ୍ୟ ତାଙ୍କ ପରିବାରଲୋକେ ସ୍ତ୍ରୀଙ୍କ ଚିକିତ୍ସା କରାଇପାରିବେ ବୋଲି ଅଦାଲତ କହିଛନ୍ତି। ସେହିଭଳି, ଅମିତଙ୍କ ପତ୍ନୀ ଜଣେ ଜିଲ୍ଲା ପରିଷଦ ସଦସ୍ୟା ଓ ତାଙ୍କର ସାବାଳକ ପୁତ୍ର ଥିବାରୁ ମାତାଙ୍କ ଚିକିତ୍ସା କରାଇବାରେ ଅସୁବିଧା ନାହିଁ ବୋଲି ଅଦାଲତ କହିବା ସହ ଆବେଦନକୁ ଅଗ୍ରାହ୍ୟ କରିଛନ୍ତି। ଅନ୍ୟପକ୍ଷରେ, ଏହି କେଳେଙ୍କାରୀ ଘଟଣାର ପ୍ରମୁଖ ଅଭିଯୁକ୍ତ ମୁନା ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତାକାଲିକୁ ଘୁଞ୍ଚିଛି। ସୂଚନାଥାଉକି, ସ୍ୱାସ୍ଥ୍ୟଗତ କାରଣ ପାଇଁ ଆବେଦନକାରୀଙ୍କୁ ଫେବ୍ରୁଆରି ୧୧ରେ ୧୫ଦିନ ଅନ୍ତରୀଣ ଜାମିନ ହାଇକୋର୍ଟ ମଞ୍ଜୁର କରିଥିଲେ।

■ ରାଜ୍ୟସଭା ନିର୍ବାଚନରେ ଅନିୟମିତତା

# ୧୧ ତାରିଖରେ ସିଇଓଙ୍କ ସହ ବିଜେଡିର ବୈଠକ

ଭୁବନେଶ୍ୱର,୫।୫(ସମିସ): ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେପିର ଦୁଇ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଉପାସନା ମହାପାତ୍ରଙ୍କୁ ଭୋଟଦାନ ସମୟରେ ଦ୍ୱିତୀୟ ବାଲାଟ ବ୍ୟବହାର ପ୍ରସଙ୍ଗରେ ୧୧ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବ ବିଜେଡି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ଓ ପୋଲିଂ ଏଜେଣ୍ଟ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପମୁଖ୍ୟ ସଚେତକ ଓ ଦଳର ଅଧିକୃତ ଏଜେଣ୍ଟ ପ୍ରତାପ ଦେବ, ବିଧାୟକ ଓ କାଉଣ୍ଟିଂ ଏଜେଣ୍ଟ ଡ. ଅରୁଣ କୁମାର ସାହୁ, ସାଂସଦ ଓ କାଉଣ୍ଟିଂ ଏଜେଣ୍ଟ ତଥା ମାମଲାର ଆବେଦକ ଡ. ସସ୍ମିତ ପାତ୍ର ଏହି ଅବସରରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଡ. ସସ୍ମିତ ପାତ୍ର ଆୟୋଗଙ୍କ ନିକଟରେ ଏନେଇ ଅଭିଯୋଗ ଦାଖଲ କରିଥିଲେ। ଏହାପରେ ଭାରତ ନିର୍ବାଚନ ଆୟୋଗର ଅନୁ ସଚିବ ରାଜେନ୍ଦ୍ର କୁମାର ସିଂହ ଗତ ୨୯ ତାରିଖରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖି ବିଜେଡି ପ୍ରତିନିଧି ଦଳ ସହିତ ଏହି ବିଷୟରେ ତ୍ୱରିତ ଆଲୋଚନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ୧୧ ତାରିଖରେ ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ସମୟ ଦେଇଥିବା ଜଣାପଡ଼ିଛି ।

**ଯୌତୁକ ଆଣିବାକୁ ଚାପ ପକାଉଥିଲେ ଦ୍ୱିତୀୟ ସ୍ୱାମୀ**

# ବାପା-ମା'ଙ୍କ ଆଖି ଆଗରେ ଝିଅର ଆତ୍ମଦାହ

ଭଦ୍ରକ/ବାସୁଦେବପୁର, ୫।୫(ସମିସ): ବାପା-ମାଆଙ୍କ ଆଗରେ ଦେହରେ ନିଆଁ ଲଗାଇଦେଲା ବିବାହିତ ଝିଅ। ବାପଘରୁ ଯୌତୁକ ଆଣିବା ପାଇଁ ଦ୍ୱିତୀୟ ସ୍ୱାମୀ ଅତ୍ୟଧିକ ଚାପ ପକାଉଥିବାରୁ ଏଥିରେ ଅତିଷ୍ଠ ହୋଇ ମହିଳାଜଣଙ୍କ ଏପରି ଚରମ ପଦକ୍ଷେପ ନେଇଛନ୍ତି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ପଦୁଆଁ ପଞ୍ଚାୟତର ପଦୁଆଁ ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ଗୁରୁତର ମହିଳାଜଣଙ୍କ ହେଲେ, ଗାଁର ଗଜେନ୍ଦ୍ର ସାହୁଙ୍କ ଝିଅ ପ୍ରତିମା। ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ପ୍ରତିମା ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳର ତୁଡ଼ିଗଡ଼ିଆର ହରିହରି ସାହୁଙ୍କୁ ବିବାହ କରିଥିଲେ। ବିବାହ ପରେ ସେମାନଙ୍କର ଏକ ଝିଅ ଜନ୍ମ ହୋଇଥିଲା। ତେବେ ପତି-ପତ୍ନୀଙ୍କ ମଧ୍ୟରେ ମନାନ୍ତର ହେବାରୁ ଥାନାରେ ମାମଲା ପରେ ପ୍ରତିମା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ପ୍ରତିମା ନିଜ



ବାପ ଘରେ ରହୁଥିଲେ। ଏହି ସମୟରେ ପ୍ରତିମା ପଦୁଆଁର ବବୁଲୁ ବାରିକଙ୍କ ପ୍ରେମରେ ପଡ଼ିଥିଲେ। ତେବେ ହରିହର ସାହୁଙ୍କୁ ଛାଡ଼ପତ୍ର ନଦେଇ ବବୁଲଙ୍କୁ ଦ୍ୱିତୀୟ ବିବାହ କରି ତାଙ୍କ ଘରେ ପ୍ରାୟ ୧ବର୍ଷ ହେବ ରହି ଆସୁଥିଲେ। ଏବେ ବବୁଲ ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବେଳେ ଆଜି ବବୁଲ୍ ପ୍ରତିମାଙ୍କୁ କିରାସିନି ଓ ଦିଆସିଲି ଦେଇ ବାପଘରକୁ ପଠାଇ ଦେଇଥିଲେ। ବାପା ଟଙ୍କା ନ ଦେଲେ କିରାସିନ ଢାଳି ହୋଇ ନିଆଁ ଲଗାଇ ମରିବୁ ବୋଲି କହିଥିଲେ ବୋଲି ଅଭିଯୋଗ ହୋଇଛି। ଦ୍ୱିତୀୟ

**କିରାସିନି, ଦିଆସିଲି ଦେଇ ବାପଘରକୁ ପଠାଇଥିଲେ ସ୍ୱାମୀ**

ସ୍ୱାମୀର ନିର୍ଦ୍ଦେଶକ୍ରମେ ପ୍ରତିମା ବାପଘରକୁ ଆସି ବାପା-ମାଆଙ୍କୁ ଟଙ୍କା ମାଗିଥିଲେ। ମାତ୍ର ଟଙ୍କା ନ ମିଳିବାରୁ ଘର ଆଗରେ କିରାସିନି ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ବାପା-ମାଆଙ୍କ ଆଖି ଆଗରେ ଏହି ଘଟଣା ଘଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବାସୁଦେବପୁର ଡାକ୍ତରଖାନାରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଓଏଏସ୍ ଅଧିକାରୀଙ୍କ ବରିଷ୍ଠତା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ, ୫।୫ (ସମିସ): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀଙ୍କ ଅନ୍ତଃ-ବରିଷ୍ଠତା ବିବାଦର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ବିବାଦ ସମ୍ପର୍କିତ ମାମଲାର ଶୁଣାଣି କରି ସିଧାସଳଖ ଓଏଏସ୍ ନିଯୁକ୍ତି ପାଇଥିବା ଅଧିକାରୀଙ୍କ ଆବେଦନକୁ ଖାରଜ କରିବା ସହ ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଅଦାଲତ ଏହି ମାମଲାରେ ସ୍ପଷ୍ଟ କରିଛନ୍ତି ଯେ ବରିଷ୍ଠତା ନିର୍ଦ୍ଧାରଣ କ୍ଷେତ୍ରରେ 'କାର୍ଯ୍ୟରେ ଯୋଗଦାନ ତାରିଖ' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ, ସୁପ୍ରିମକୋର୍ଟଙ୍କ ବିଭିନ୍ନ ପୂର୍ବ ରାୟକୁ ଆଧାର କରି କାର୍ଯ୍ୟରେ ଯୋଗଦାନ ତାରିଖକୁ ହିଁ ବିଚାରକୁ ନେଇଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ଏହି ରାୟପରେ ୨୦୨୧ ମସିହାର ସରକାରୀ ଆଦେଶ କାଏମ ରହିଛି। ଫଳରେ ପ୍ରତିପକ୍ଷ ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କ ତୁଳନାରେ ବରିଷ୍ଠ ବୋଲି ବିବେଚିତ ହେବେ। ଏହାସହ ଅଦାଲତ ସାଧାରଣ ପ୍ରଶାସନ ବିଭାଗର ଗତ ୨୦୨୧ର ଏକ ଆଦେଶକୁ ରଦ୍ଦ କରିବାକୁ ମନା କରିଦେଇଛନ୍ତି।

**ସିଧାସଳଖ ନିଯୁକ୍ତ ଅଧିକାରୀଙ୍କ ଆବେଦନ ଖାରଜ**

ମାମଲାରୁ ପ୍ରକାଶ ଯେ ୨୦୧୧ ମସିହାର ବିଜ୍ଞାପନ ଆଧାରରେ ସିଧାସଳଖ ଓଏଏସ୍ ନିଯୁକ୍ତି ପାଇଥିବା ଅଧିକାରୀମାନେ ଗତ ୨୦୧୬ ମାର୍ଚ୍ଚ ୪ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଅନ୍ୟପଟେ, ଓଡ଼ିଶା ରାଜସ୍ୱ ସେବା (ଓଆରଏସ)ରୁ ପଦୋନ୍ନତି ପାଇଥିବା ଅଧିକାରୀମାନେ ଅକ୍ଟୋବର ୧୭, ୨୦୧୫ରୁ ଏହି କ୍ୟାଡର୍‌ରେ ଆଡହକ୍ ଭାବେ କାର୍ଯ୍ୟରେ ଯୋଗ ଦେଇସାରିଥିଲେ। ୨୦୧୯ରେ ପ୍ରକାଶିତ ଏକ ଗ୍ରେଡେସନ୍ ତାଲିକାରେ ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କୁ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କ ଉପରେ ରଖାଯାଇଥିଲା। ଏହାକୁ ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ଚ୍ୟାଲେଞ୍ଜ କରିଥିଲେ। ପରବର୍ତ୍ତୀ ସମୟରେ, ନଭେମ୍ବର ୧୫, ୨୦୨୧ରେ ସରକାର ଏକ ନୂତନ ଆଦେଶ ଜାରି କରି ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କୁ ବରିଷ୍ଠତା ପ୍ରଦାନ କରିଥିଲେ। ଏହା ବିରୋଧରେ ସିଧାସଳଖ ନିଯୁକ୍ତି ପାଇଥିବା ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି।

## ସ୍ତ୍ରୀର ଅଧିକାର ମାଗୁଥିଲେ; ହତ୍ୟା କଲା ଦିଅର

# ୨ବର୍ଷର ଝିଅ ଆଗରେ ମା'କୁ ହତ୍ୟା

ହିଞ୍ଜିଳିକାଟୁ, ୫।୫(ସମିସ): ଇନ୍‌ଷ୍ଟାଗ୍ରାମରୁ ପ୍ରେମ, ତା'ପରେ ବିବାହ। ହେଲେ ସ୍ତ୍ରୀର ଅଧିକାର ମାଗିବାରୁ ସ୍ୱାମୀର ସାନ ଭାଇ (ଦିଅର) ହାଣିଦେଲା। ୨ବର୍ଷର ନିରୀହ ଝିଅ ଆଗରେ ମା'କୁ ହତ୍ୟା କରିଛି ଅଭିଯୁକ୍ତ। ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଖରିଡ଼ା ଗ୍ରାମରେ ଘଟିଥିବା ଏଭଳି ଏକ ଆପରାଧିକ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ମହିଳା ହେଲେ,ଗଞ୍ଜାମ ଥାନା ଅଗସ୍ତିନୂଆଗାଁର ପୂଜା ସ୍ୱାଇଁ (୨୧)। ହିଞ୍ଜିଳି ପୁଲିସ ଏନେଇ ନମ୍ବର ୨୯୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଦିଅରକୁ ଅଟକ ରଖି ପଚରାଉଚରା କରିଛି। ଅପରପକ୍ଷେ, ପୁଲିସର ନିରବତାରୁ ପୂଜାଙ୍କ ମୁଣ୍ଡ ଗଡ଼ିଲା ବୋଲି ଅଭିଯୋଗ ହେଉଛି।

**ଗଞ୍ଜାମରେ ଚାଞ୍ଚଲ୍ୟ**

ସୂଚନାନୁଯାୟୀ, ପ୍ରାୟ ଅଢ଼େଇବର୍ଷ ତଳେ ପୂଜାଙ୍କ ସହ ଖରିଡ଼ା ଗ୍ରାମର ଜିଷ୍ଣୁ ଓରଫ୍ ଚିଣ୍ଟୁ ଗୌଡ଼(୨୪)ଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସଂପର୍କ ଗଢ଼ି ଉଠିଥିଲା। ପରେ, ଉଭୟ ପୁରୀ ଜିଲ୍ଲା ଡେଲାଙ୍ଗର ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ସେମାନେ ଡେଲାଙ୍ଗରେ କିଛି ବର୍ଷ ରହିଥିଲେ। ସେମାନଙ୍କର ୨ବର୍ଷର ଏକ ଝିଅ ରହିଛି।



ଗତ ୧୮ତାରିଖରେ ଜିଷ୍ଣୁ ପୂଜାକୁ ନେଇ ବ୍ରହ୍ମପୁର ଆସିଥିଲେ। ଏକ ହୋଟେଲରେ ଖାଇବା ପରେ ସେଠାରୁ କୌଶଳକ୍ରମେ ଫେରାର୍ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ପୂଜା, ସ୍ୱାମୀ ଜିଷ୍ଣୁର ସନ୍ଧାନ ପାଇ ନଥିଲେ। ଫଳରେ ୧୯ ତାରିଖରେ ହିଞ୍ଜିଳି ଥାନାରେ ନିଜ ଅଧିକାର ଓ ସ୍ୱାମୀ ଓ ଶଶୁରଘର ପକ୍ଷରୁ ପାରିବାରିକ ହିଂସା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ନମ୍ବର ୪୧/୨୬ରେ ଏକ ମାମଲା ରୁଜୁ କରିଥିଲା। ମାତ୍ର, ପୁଲିସ ଖାମଖିଆଲି ଭାବେ

**■ ପୁଲିସର ନିରବତାରୁ ଗଡ଼ିଲା ମୁଣ୍ଡ**
**■ ଖାଇ ବସିଥିବା ବେଳେ ହାଣିଦେଲେ**

ପୂଜାଙ୍କ ଶାଶୁ, ଶଶୁର, ନଣନ୍ଦ ଓ ସ୍ୱାମୀଙ୍କୁ ଡାକି ୪୧ରେ ନୋଟିସ ଜାରି ଛାଡ଼ିଦେଇଥିଲା। ଏହାସହ ମହିଳାଙ୍କୁ ବ୍ରହ୍ମପୁର ସଖୀ ସେଣ୍ଟର୍‌କୁ ପଠାଇ ଦେଇଥିଲେ। ହିଞ୍ଜିଳି ଥାନା ପୁଲିସ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନଥିବା ମହିଳାଜଣଙ୍କ ଅଭିଯୋଗ କରିଥିଲେ। ଫଳରେ ସୋମବାର ପୁଣି ପୂଜା ବ୍ରହ୍ମପୁର ମହିଳା ଥାନାରେ ପାରିବାରିକ ହିଂସା ନେଇ ପୁଣି ଏକ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ହିଞ୍ଜିଳି ଥାନା ଆସି ଖରିଡ଼ା ଗ୍ରାମର ସ୍ୱାମୀଙ୍କ ଘର ସମ୍ମୁଖରେ ଧାରଣା ଦେବାକୁ କହିବା ସହ ସୁରକ୍ଷା ଦାବି କରିଥିଲେ। ସୋମବାର ସନ୍ଧ୍ୟାରେ ଖରିଡା ଗ୍ରାମରେ ପହଞ୍ଚି ସ୍ୱାମୀଙ୍କ ଘର ବାରଣ୍ଡାରେ ୨ବର୍ଷର ଝିଅକୁ ଧରି ବସିଥିଲେ। ଶଶୁରଘର ଲୋକ ଘରର ଦାଣ୍ଡ କବାଟ ତାଲା ପକାଇ କୁଆଡ଼େ ଫେରାର୍ ହୋଇଯାଇଥିଲେ। ମଙ୍ଗଳବାର ପୂଜା ତାଙ୍କ ଝିଅ ସହ ଶଶୁରଘର ବାରଣ୍ଡାରେ ଖାଇ ବସିଥିବା ବେଳେ ଦିଅର ଏକ ଟାଙ୍ଗିଆରେ ପୂଜାଙ୍କ ବେକ, ମୁଣ୍ଡକୁ ହାଣି ଦେଇଥିଲା। ଘଟଣାସ୍ଥଳରେ ହିଁ ପୂଜା ଟଳି ପଡ଼ିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଅଭିଯୁକ୍ତ ଦିଅରଙ୍କୁ ଖରିଡ଼ା ଗ୍ରାମରୁ କାବୁ କରି ଥାନାରେ ଅଟକ ରଖିଛି। ସନ୍ଧ୍ୟାରେ ସାଇଣ୍ଟିଫିକ୍ ଓ ଫରେନ୍ସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ହିଞ୍ଜିଳି ଥାନାରେ ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କୁ ପେନସନ ମାମଲା ଶୁଣାଣି ୧୩ରେ

କଟକ, ୫।୫ (ସମିସ): ହାଇକୋର୍ଟରେ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ସଂପର୍କିତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ମେ' ୧୩କୁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଅଧିକ ସମୟ ଲୋଡ଼ା ଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ବ୍ଲକ୍ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁନାହିଁ। ପୂର୍ବରୁ ଏହି ପ୍ରସଙ୍ଗ ନେଇ ଏକ ମାମଲାର ଶୁଣାଣି କରି ୨୦୧୫ରେ ହାଇକୋର୍ଟ ବ୍ଲକ୍ ଗ୍ରାଣ୍ଟ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କୁ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ବି ହାଇକୋର୍ଟଙ୍କ ରାୟ କାଏମ ରଖିଥିଲେ। ସରକାର ଏହି ଅବସରପ୍ରାପ୍ତ କର୍ମଚାରୀଙ୍କ ଦରଖାସ୍ତ ଖାରଜ କରିବା

**ପୁଣି ସମୟ ନେଲେ ସରକାର**

ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୩ ମାସ ଭିତରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସରକାର ଦୁଇଜଣିଆ ଖଣ୍ଡପୀଠରେ ଏକାଧିକ ରିଟ୍ ଅପିଲ ଦାୟର କରିଥିଲେ।

## ଓଡ଼ିଆରେ +୨ ବିଜ୍ଞାନ ପୁସ୍ତକ ବଣ୍ଟନ

# ଜିଲ୍ଲା ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ୫।୫(ସମିସ)**

ଯାଜପୁର ଜିଲ୍ଲା ସ୍କୁଲ ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଜିଲ୍ଲାର ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଚ୍ଚଶିକ୍ଷା ମାଧ୍ୟମିକ ନିର୍ଦ୍ଦେଶ ଲେଖିଥିବା ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆଜି ସଦସ୍ୟ ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ଓ ପ୍ରକଳ୍ପ ନିର୍ଦ୍ଦେଶକ ନିରଦ ବରଣ ଖୁଣ୍ଟିଆଙ୍କ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଓ ଏହାର ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା, ଶବ୍ଦାବଳୀ ମାନକୀକରଣ ଦ୍ୱାରା ଶବ୍ଦଗୁଡ଼ିକର ସରଳ ଓଡ଼ିଆ ରୂପାନ୍ତର, ପୁସ୍ତକର ସମୀକ୍ଷା ପ୍ରସ୍ତୁତ ପୁସ୍ତକର ବିଷୟବସ୍ତୁ, ଚିତ୍ର, ଉଦାହରଣ ଏବଂ ଅଭ୍ୟାସ ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାରକ ଦିଗ କିପରି ପଢ଼ାଯିବ, ସେ ବିଷୟରେ ଆଲୋକପାତ କରି ଡ. ପୃଷ୍ଟି କହିଥିଲେ, 'ଭାଷା କେବେ ବି ଜ୍ଞାନ ଆହରଣରେ ବାଧା ହେବା ଉଚିତ ନୁହେଁ। ଅତୀତରେ ଭାରତବର୍ଷକୁ ଜ୍ଞାନର ଆଲୋକ ପ୍ରଦାନ କରିଥିବା ଯାଜପୁର ଆଜି ବିଜ୍ଞାନ କ୍ଷେତ୍ରରେ ବହୁ ପଛରେ ପଡ଼ିଛି। ତେଣୁ ଖଣିଜସମ୍ପଦ ଭରା ଏହି ମାଟିର ପିଲାମାନେ ନିଜ ଭାଷାରେ ବିଜ୍ଞାନ ପଢ଼ିଲେ ସେମାନେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହେବାର ସ୍ୱପ୍ନକୁ ସାକାର କରି ପାରିବେ।' ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ପାଇଁ ଡାକ୍ତରୀ ଓ ଇଂଜିନିୟରିଂ ନାମଲେଖାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିଛି। ସେହିଭଳି ଆଇଏଏସ୍ ଓ ଓଏଏସ ଆଦି ସମସ୍ତ ନିଯୁକ୍ତି ପରୀକ୍ଷା, ଡାକ୍ତରୀ ଓ ଇଂଜିନିୟରିଂ ପ୍ରବେଶିକା ପରିକ୍ଷା ପ୍ରଶ୍ନପତ୍ର ଓଡ଼ିଆରେ ଆସୁଥିବାରୁ ଓଡ଼ିଆରେ ବିଜ୍ଞାନ ପଢ଼ିଲେ ଭବିଷ୍ୟତରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ ବୋଲି ପ୍ରଫେସର ନୀରଦବରଣ ଖୁଣ୍ଟିଆ ସୂଚନା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଇଂଲିଶରେ ଦୁର୍ବଳ ସମସ୍ତ ପିଲା କିପରି ଓଡ଼ିଆରେ ବିଜ୍ଞାନ ବିଷୟକୁ ପଢ଼ିବେ, ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧ୍ୟକ୍ଷ ତଥା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ କି ଉଚ୍ଚ ମାଧ୍ୟମିକ ସ୍ତରରେ ବିଜ୍ଞାନ ଶିକ୍ଷାପାଇଁ ଓଡ଼ିଆ ଭାଷା ଆଦୌ ପ୍ରତିବନ୍ଧକ ହେବ ନାହିଁ ବରଂ ଇଂରାଜିରେ ଦୁର୍ବଳ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ବହୁମାତ୍ରାରେ ସାହାଯ୍ୟ କରିବା ସହ ସେମାନେ ବିଷୟବସ୍ତୁକୁ ଠିକରେ ବୁଝିପାରିବେ ଓ ପରୀକ୍ଷାରେ ମଧ୍ୟ ଓଡ଼ିଆରେ ଲେଖି ପାରିବେ। ଶେଷରେ ମେଟ୍ରିକ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ସତ୍ୟସାଇ ଉଚ୍ଚବିଦ୍ୟାଳୟ, କାକୁଡିକୁଦର ଶୁଭମ ସାହୁଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ଦୁଇ ବିଜ୍ଞାନ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସୁଦର୍ଶନପାଢ଼ୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ସିଂହ ଓ ରୋଜି ବାରିକଙ୍କୁ ଇନ୍ଦୁମତୀ ପୃଷ୍ଟି ମେଧାବୀ ବାଳିକା ଶିକ୍ଷା ପୁରସ୍କାର ପ୍ରଦାନ ସହ ଓଡିଆ ବିଜ୍ଞାନପୁସ୍ତକ ସେଟ ପ୍ରଦାନ କରାଯାଇଥିଲା। ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଗ୍ୟାସ ସମସ୍ୟା ନେଉଛି ଉଗ୍ରରୂପ

# ହୋଟେଲରେ ଚଢ଼ଉ, ୧୨ ଘରୋଇ ସିଲିଣ୍ଡର୍ ଜବତ



**ସୁକିନ୍ଦା, ୫।୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ଛକ ସ୍ଥିତ ବିଭିନ୍ନ ହୋଟେଲ ଉପରେ ଚଢ଼ଉ କରାଯାଇ ସେଠାରେ ବ୍ୟବହୃତ ୧୨ରୁ ଊର୍ଦ୍ଧ୍ୱ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିବା ଜଣାପଡ଼ିଛି। ଗତ କିଛି ମାସ ଧରି ସୁକିନ୍ଦା ଗ୍ୟାସ ବିତରକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କ ଅନୁପସ୍ଥିତିରେ ଏହି ଅଞ୍ଚଳରେ ଘରୋଇ ଗ୍ୟାସ୍ ସମସ୍ୟା ଉଗ୍ରରୂପ ନେଇଛି। ଗ୍ୟାସ କମ୍ପାନୀ ପକ୍ଷରୁ ଅନ୍ୟ ଜଣେ ବିତରକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗ୍ୟାସ୍ ବିତରଣ ଠିକ୍ ଭାବେ ହୋଇପାରୁନାହିଁ। ଯେଉଁଥି ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସପ୍ତାହରେ ଦିନେ କିମ୍ବା ଦୁଇଦିନ ବିତରଣ ହେଉଥିବା ବେଳେ ବିତରକ କୌଣସି ନିର୍ଦ୍ଦିଷ୍ଟ ଦିନ କିମ୍ବା ତାରିଖ ସ୍ଥିର କରୁନଥିବାରୁ ଦୈନିକ ଶହଶହ ଲୋକେ ଗ୍ୟାସ ପାଇଁ ରାତି ୩ଟାରୁ ସିଲିଣ୍ଡର୍ ସହ ୬ରୁ ୭ଘଣ୍ଟା ଲାଇନ୍‌ରେ ରହିବା ପରେ ମଧ୍ୟ ଗ୍ୟାସ ନପାଇ ଫେରୁଥିବା ଦେଖିବାକୁ ମିଳିଛି। ସୋମବାର ଗ୍ୟାସ ପାଇଁ ୫ ଘଣ୍ଟା ଅପେକ୍ଷା କରିବା ପରେ ଗ୍ୟାସ ବିତରକ ନ ଆସିବାରୁ ନିରୁପାୟ ହୋଇ ଅନେକ ଲୋକେ ସୁକିନ୍ଦା ବିଡିଓ ପ୍ରଜ୍ଞାପରମିତା ପୃଷ୍ଟିଙ୍କୁ ଭେଟି ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବୀ କରିଥିଲେ। ବହୁତ୍ ଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେବା ସହ ଡୁବୁରୀ ଅଞ୍ଚଳର କିଛି ହୋଟେଲ ଉପରେ ଚଢ଼ଉ କରି ସେଠାରେ ବ୍ୟବହୃତ ୧୨ରୁ ଊର୍ଦ୍ଧ୍ୱ ଘରୋଇ ସିଲିଣ୍ଡର ଜବତ କରିଥିବା ଜଣାପଡ଼ିଛି। ଏହି ଚଢ଼ଉ ସମୟରେ ବିଡିଓଙ୍କ ସହ ବ୍ଲକ ଯୋଗାଣ ଅଧିକାରିଣୀ ଶୁଭାଙ୍ଗୀ ରାୟ ଓ ସ୍ଥାନୀୟ ପୁଲିସ କର୍ମଚାରୀ ସାମିଲ ଥିଲେ।

# ହଜିଲା ମୋବାଇଲ ଫେରି ପାଇଲେ ମହିଳା

**କର୍ଯ୍ୟାଁଗୋଲା, ୫।୫(ସମିସ):** ମଙ୍ଗଳପୁର ଥାନା ଅଧୀନ ଦୁବକଣ ଗ୍ରାମର ମାନସୀ ଜେନାଙ୍କ ମୋବାଇଲ ଫୋନ ଗତ ଜାନୁଆରୀ ୯ ତାରିଖରେ ହଜିଯାଇଥିଲା। ଏ ନେଇ ସେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଙ୍ଗଳପୁର ଥାନା ଏସଆଇ ଅନିତା ପ୍ରଧାନ ଯାଜପୁର ଜିଲ୍ଲା ସାଇବର ସେଲ ସହାୟତା ଅଧିକାରୀ ଟେଲିକମ ସେବା ପ୍ରଦାନକାରୀ କମ୍ପାନୀର ନୋଡାଲ ଅଧିକାରୀଙ୍କୁ ଦ୍ୱାରା ଯୋଗାଯୋଗ କରି ମୋବାଇଲର ସନ୍ଧାନ କରିଥିଲେ। ଗତକାଲି ଏସ୍‌ଆଇ ଅନିତା ପ୍ରଧାନ ମାନସୀଙ୍କୁ ତାଙ୍କର ଫୋନ୍‌କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଥାନା ଅଧିକାରୀ ରଞ୍ଜନ କୁମାର ବେହେରା କହିଛନ୍ତି ମୋବାଇଲ ହଜିଗଲେ ତୁରନ୍ତ ଥାନାରେ ଅଭିଯୋଗ କରିବା ସହ ସିମ୍ ବ୍ଲକ କରାଇବା ଉଚିତ। ଏହା ଦ୍ୱାରା ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରହିପାରିବ। ମୋବାଇଲ ହଜିଲେ ଆତଙ୍କିତ ନ ହୋଇ ତୁରନ୍ତ ପୁଲିସକୁ ସୂଚନା ଦିଅନ୍ତୁ। ଆଇଏମଇଆଇ ନମ୍ବର ସବୁବେଳେ ସୁରକ୍ଷିତ ଭାବେ ରଖନ୍ତୁ ବୋଲି ସେ କହିଛନ୍ତି।



# ମାଟ୍ରିକ୍ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବ୍ୟାସନଗର, ୫।୫(ସମିସ):** ଚଳିତ ବର୍ଷ ପ୍ରକାଶିତ ହୋଇଥିବା ମାଟ୍ରିକ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ଯୁବ ସମାଜସେବୀ ତଥା ବିଜେଡି ନେତା ଇଂ. ସୋମ୍ୟରଞ୍ଜନ ଧଳ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ଯେ ଯାଜପୁର ନିର୍ବାଚନମଣ୍ଡଳୀ ନାଥସାହି ପଞ୍ଚାୟତର ମାନସ ମହାପାତ୍ରଙ୍କ ଝିଅ ତଥା ପିଏମ୍‌ଶ୍ରୀ ଶେଷଦେବ ବାସନ୍ତୀ ହାଇସ୍କୁଲର ଛାତ୍ରୀ ସ୍ୱୟଂଶ୍ରୀ ମହାପାତ୍ର ଚଳିତ ବର୍ଷ ଦଶମ ପରୀକ୍ଷାରେ ୫୬୯ ମାର୍କ ରଖି ଯାଜପୁର ଜିଲ୍ଲାର ଦ୍ୱିତୀୟ ଟପ୍ ମାନ୍ୟତା ହାସଲ କରିଛନ୍ତି। ତେବେ ଏହି ଖବର ପାଇ ଯୁବ ସମାଜସେବୀ ସୌମ୍ୟରଞ୍ଜନ ତୁରନ୍ତ ଛାତ୍ରୀ ସ୍ୱୟଂଶ୍ରୀ ମହାପାତ୍ରଙ୍କ ନାଥସାହି ସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଏହି ସଫଳତା ପାଇଁ ଉପଢୌକନ, ଏକ ବ୍ୟାଗ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଉପସ୍ଥିତ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଶୁଭେଚ୍ଛା ଜଣେଇଥିଲେ।

# ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

**ବ୍ରହ୍ମବରଦା, ୫।୫(ସମିସ):** ରସୁଲପୁର ବ୍ଲକ ବନ୍ଧଡିହ ଗ୍ରାମର ସରସ୍ୱତୀ ଶିକ୍ଷା ମନ୍ଦିରରେ ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଟକ ବିବେକାନନ୍ଦ ଜ୍ଞାନମନ୍ଦିର ସମ୍ପାଦକ ତାର କାନ୍ତ ଅଗସ୍ତି ସଭାପତିତ୍ୱରେ ସଭା ପରିଚାଳନ ହୋଇଥିଲା। ଏହି ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଡ. ରମେଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ରସୁଲପୁର ବ୍ଲକର ଉପମଣ୍ଡଳ ଶିକ୍ଷାଧିକାରୀ ଡ. ପଭଞ୍ଜନ ପତି, ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ର ନାଥ ବସ୍ତିଆ, ବିଶିଷ୍ଟ ଅତିଥି ଭାବେ ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ରାଜ୍ୟ ସମ୍ପାଦକ ହିନ୍ଦ ମଜଦୁର ସଂଘ ପ୍ରଦୀପ ଦାସ, ଡ. ପ୍ରଫୁଲ ଗିରି, ସମ୍ମାନିତ ଅତିଥି ଭାବେ କୁଆଖିଆ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀ, ସୌଭାଗ୍ୟ ନନ୍ଦ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଶଙ୍କର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ତହସିଲ ପରିସରରେ ହଙ୍ଗାମା



**ବିଞ୍ଝାରପୁର, ୫।୫(ସମିସ):** ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ପାଇଁ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଥିଲେ ସୁଦ୍ଧା ବିଞ୍ଝାରପୁର ତହସିଲ ପକ୍ଷରୁ ହୋଇପାରୁନି ସଠିକ ଜାଗା ନିରୂପଣ। ଯାହାକୁ ନେଇ ଆଜି ତହସିଲ କାର୍ଯ୍ୟାଳୟରେ ମୁହାଁମୁହିଁ ହୋଇଛନ୍ତି ଦୁଇ ଅଞ୍ଚଳବାସୀ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକରେ ଦୀର୍ଘ ଦିନ ହେବ ବସ୍‌ଷ୍ଟାଣ୍ଡ ନଥିବାରୁ ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିଂହପୁର ବଜାରରେ ୧୯୭୫ ମସିହାରୁ ଅସ୍ଥାୟୀ ଷ୍ଟାଣ୍ଡ ରହିଛି। ଯେଉଁ ସ୍ଥାନରେ ବ୍ୟାପକ ଭାବେ ଗାଡ଼ି ରହଣି କିମ୍ବା ଯାତ୍ରୀମାନଙ୍କ ସୁବିଧା ପାଇଁ କୌଣସି ସୁବିଧା ସୁଯୋଗ ନାହିଁ। ଯାହାକୁ ନେଇ ସରକାର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିବା ବେଳେ ତହସିଲକୁ ସ୍ଥାନ ନିରୂପଣ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତହସିଲ ପକ୍ଷରୁ ପ୍ରଥମେ ବ୍ଲକର ସୀମାନ୍ତ ସିଂହପୁର ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥିର କରାଯାଇଥିବା ବେଳେ ସେଠାରେ ସଠିକ ସ୍ଥାନ ନ ମିଳିବାରୁ ବସଷ୍ଟାଣ୍ଡଟିକୁ ବାଛଳ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ବାଛଳରେ ବସ୍‌ଷ୍ଟାଣ୍ଡ ହେବାକୁ ବିରୋଧ କରିଥିଲେ ସିଂହପୁରବାସୀ। ଯାହାକୁ ନେଇ ଆଜି ସ୍ଥାନୀୟ ତହସିଲଦାର ଉଭୟ ଅଞ୍ଚଳର ଜନପ୍ରତିନିଧିମାନଙ୍କୁ ଆଲୋଚନା ପାଇଁ ଡାକିଥିବା ବେଳେ ସିଂହପୁର ଓ ବାଛଳ ଅଞ୍ଚଳବାସୀଙ୍କ ମଧ୍ୟରେ ତହସିଲ ପରିସରରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ବିଞ୍ଝାରପୁର ତହସିଲଦାନ କାବେରୀ ମୁହୁଲି ଜନଶୁଣାଣି ପାଇଁ ଆଖପାଖ ଅଞ୍ଚଳ ୬ଟି ପଞ୍ଚାୟତର ସରପଞ୍ଚଙ୍କୁ କାର୍ଯ୍ୟାଳୟକୁ ଡାକିଥିବା ବେଳେ ତହସିଲ କାର୍ଯ୍ୟାଳୟରେ ବିଜେପି କର୍ମୀମାନେ ଉପସ୍ଥିତ ରହି ସିଂହପୁରରେ ଷ୍ଟାଣ୍ଡ କରିବାକୁ ଦାବି ରଖିଥିଲେ। ଯାହା ଫଳର କୌଣସି ସମାଧାନ ହୋଇନପାରି ନଥିବା କଥା ବାଛଳ ସରପଞ୍ଚ କଳ୍ପନା ବେହେରା ଅଭିଯୋଗ ଆଣିଛନ୍ତି। ଘଟଣାସ୍ଥଳରେ ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦକୁ ନେଇ ବର୍ତ୍ତମାନ ବସ୍‌ଷ୍ଟାଣ୍ଡ କେଉଁଠି ହେବା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଭାଙ୍ଗି ଯାଇଥିବା ରାଜପଥ ନିର୍ମାଣ ଦାବି



**କୁଆଖିଆ, ୫।୫(ସମିସ):** ରସୁଲପୁର ବ୍ଲକ ସମ୍ମୁଖ ୧୬ ନଂ. ଜାତୀୟ ରାଜପଥ ଦବି ଯିବାର ଦୁଇ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରିପାରୁନାହିଁ। ଫଳରେ ବ୍ୟସ୍ତ ବହୁଳ ୧୬ ନଂ. ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷୟକ୍ଷତି ହେଉଛି। ଦୁର୍ଘଟଣା ମୁକ୍ତ ରସୁଲପୁର ବ୍ଲକ ଅଞ୍ଚଳ କରିବା ଦାବିରେ ଆଜି କଳିଙ୍ଗ ଯୁବକ ସଙ୍ଘ ଓ ଲାୟନ୍ସ କ୍ଲବର କର୍ମକର୍ତ୍ତା ବୃନ୍ଦ ଯୁବ ସଂଗଠକ ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ୧୫ ଦିନ ମଧ୍ୟରେ ଜାତୀୟ ରାଜପଥ ନିର୍ମାଣ କାମ ସରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କଳିଙ୍ଗ ଯୁବକ ସଙ୍ଘ ଓ ଲାୟନ୍ସ କ୍ଲବ ପକ୍ଷରୁ ଶିଶିର କୁମାର ପଣ୍ଡା, ସରୋଜ କୁମାର ସାହୁ, ବିକାଶ କୁମାର ସାହୁ, ଯଶୋବନ୍ତ ଦାସ, ମାନସ କୁମାର ଆର୍ଚ୍ଚାର୍ଯ୍ୟ, ସରୋଜ ସାହୁ, ରୁଦ୍ରପ୍ରତାପ ଓଝା, ଶ୍ରୁତି ରଞ୍ଜନ ନାୟକ, ସୌମ୍ୟ ରଞ୍ଜନ ଦାସ, ନିତ୍ୟାନ ଦାସ, ଆଶିଷ ଦାସ, ରୋହନ ଦାସ ଓ ଦିବ୍ୟଜ୍ୟୋତି ରାଉଳ ଯୋଗଦେଇଥିଲେ।

# ଶନି ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନା



**ଯଖପୁରା, ୫।୫(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ମାଣତୀରା ପଞ୍ଚାୟତର ରାବଣା ଗ୍ରାମରେ ଗ୍ରହରାଜ ଶନିଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ରିତିନୀତି ଅନୁଯାୟୀ ତିନି ଦିନ ଧରି ଚାଲିଥିଲା। ୩ରୁ ଆରମ୍ଭ ହୋଇ ୫ ତାରିଖରେ ଶେଷ ହୋଇଥିଲା। ପ୍ରଥମ ଦିନ ଅଙ୍କୁରାରୋପଣ, କୁଣ୍ଡୋମଣ୍ଡଳ ନିର୍ମାଣ ଓ ଧାନାଧିବାସ ହୋଇଥିବା ବେଳେ ଦ୍ୱିତୀୟ ଦିନ ଏକ ବିରାଟ କଳସ ଶୋଭାଯାତ୍ରା ଅଣାଯାଇ ସ୍ଥାପନା କରାଯାଇଥିଲା। ମଙ୍ଗଳବାର ଗ୍ରହରାଜଙ୍କୁ ଗ୍ରାମ୍ୟ ପରିଭ୍ରମଣ କରାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ସୁନାକର ସାହୁ, ସହଧର୍ମିଣୀ ସାବିତ୍ରୀ ଓ ସହ କର୍ତ୍ତା ଭାବେ ଆଦିକନ୍ଦ ପରିଡ଼ା ଓ ମଞ୍ଜୁଲତା ପରିଡ଼ା କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଦି ପାଲା ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ନାଥ, ଦିଗମ୍ବର ସାହୁ, ସୁଧାକର ପୃଷ୍ଟି, ଶ୍ୟାମସୁନ୍ଦର ଦାସ, ସୌମ୍ୟରଞ୍ଜନ ମାଝୀ, ଚନ୍ଦନ ପରିଡ଼ା, ଅମୂଲ୍ୟ ସାହୁ, ସୁଦର୍ଶନ ସାହୁ, ପ୍ରଦୀପ ବେହେରା, ଦୀପକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମା' ତାରିଣୀଙ୍କ ଜନ୍ମ ଉତ୍ସବ

**କର୍ଯ୍ୟାଁଗୋଲା, ୫।୫(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବରେଇଁ ଗ୍ରାମରେ ମା' ତାରିଣୀଙ୍କ ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀ ଏକତ୍ରିତ ହୋଇ ଭକ୍ତି ଓ ଶ୍ରଦ୍ଧାର ସହିତ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସକାଳୁ ମଙ୍ଗଳ ଆରତି ସହ ସମସ୍ତ ନିତିକାନ୍ତି ସମାପନ ହୋଇଥିଲା। ପରେ ମା'ଙ୍କ ପୂଜା, ହୋମ-ଯଜ୍ଞ ଆଦି କରାଯାଇଥିଲା। ପ୍ରମୋଦ ଦାସ ଏବଂ ତାଙ୍କ ସହଧର୍ମିଣୀ ରଶ୍ମିତା ଦାସ ସଂକଳ୍ପ କାର୍ଯ୍ୟ କରିଥିବା ବେଳେ ପୂଜା କାର୍ଯ୍ୟରେ ଗ୍ରାମର ଚକ୍ରଧର ମିଶ୍ର, ସୁରେନ୍ଦ୍ର ମିଶ୍ର, ରମେଶ ବାହାଲ, ପ୍ରଫୁଲ୍ଲ ଯେନା, ବିଦୁର ଯେନା, ନାରାୟଣ ସାମଲ, ଚନ୍ଦ୍ରକାନ୍ତ ପରିଡ଼ା, ଫକୀର ପଣ୍ଡା, ପ୍ରମୋଦ ବିଶ୍ୱାଳ, ସୂର୍ଯ୍ୟକାନ୍ତ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।



# ମା'ତାରିଣୀଙ୍କ ସ୍ୱନକ୍ଷତ୍ର ଉତ୍ସବ ଉଦ୍‌ଯାପିତ

**ବ୍ରହ୍ମବରଦା, ୫।୫(ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ତାରିଣୀ ଛକ ବଣିକ ସଂଘ ଆନୁକୂଲ୍ୟରେ ତ୍ରୟୋଦଶ ମା' ତାରିଣୀଙ୍କ ବାର୍ଷିକ ଯଜ୍ଞ ଉତ୍ସବ ଉଦଯାପିତ ହୋଇଛି। ମୁଖ୍ୟ ପଣ୍ଡିତ ଡ.ପ୍ରଭଞ୍ଜନ ପତି, ବିଜୟପତି, ନିରାକାର ଦାସ ଓ ପୂଜକ ଦେବେନ୍ଦ୍ର ପତି, ନିର୍ମଳ ପତି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। କର୍ତ୍ତାଭାବେ ଅରୁଣ ବେହେରା, ସହଧର୍ମିଣୀ ସଂଯୁକ୍ତା ବେହେରା ଓ ଉପକର୍ତ୍ତା ସତ୍ୟାନନ୍ଦ ରାଉତଙ୍କ ସମେତ ୨୯ କଳସଧାରୀ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ଯଜ୍ଞମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଏହି କ୍ରମରେ ଶନିବାର ଅଙ୍କୁରାରୋପଣ, ରବିବାର ଘଟାଧୀବାସ, ସୂର୍ଯ୍ୟପୂଜା, ଉପଚାର ପୂଜା, ରୁଦ୍ର ମହାଯଜ୍ଞ, ଶନିବାର ଗୀତା ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ମଙ୍ଗଳବାର ଚଣ୍ଡି ମହାଯଜ୍ଞ ସହ ରାତ୍ର ୧୦ଘଟିକାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଉତ୍ସବ କମିଟିର ସଭାପତି ବିପିନ ବିହାରୀ ଦେଓ, ବଣିକ ସଂଘର ବରିଷ୍ଠ କର୍ମକର୍ତ୍ତା ବିଜୟ ବେହେରା, ରବୀନ୍ଦ୍ର ମଣ୍ଡଳ, ହରିହର ସାହୁ, ନିତ୍ୟାନନ୍ଦ ରାଉତ, ବିଚିତ୍ର ବେହେରା, ବିଶ୍ୱରଞ୍ଜନ ସାହୁ, ଫିନୁ ବେହେରା, ଆଲୋକ ବେହେରା, ବିରଞ୍ଚି ଘଡ଼ାଇ, ଅଧର ବେହେରା, ରମେଶ ମାହାପାତ୍ର, ନବଘନ ବେହେରାଙ୍କ ସମେତ ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟଯଜ୍ଞ କର୍ମରେ ସହଯୋଗ କରିଥିଲେ।








## କମ୍ୟୁନିଟି ସେଣ୍ଟର ନିର୍ମାଣରେ ଅନିୟମିତତା ଅଭିଯୋଗ

ରାଜଘାଟ, ୫।୫ (ସମିସ): ବସ୍ତା ବ୍ଲକ ତାଡଦା ପଞ୍ଚାୟତ ଅନ୍ତର୍ଗତ ପାଣସୁଳିଆ ଗ୍ରାମରେ ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟରରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଓ ଡିଜାଇନ ଉଲଂଘନ ହେଉଥିଲେ ମଧ୍ୟ ଠିକାଦାର ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁ ନାହାନ୍ତି। ପାଣସୁଳିଆ ଗ୍ରାମର ଜନସାଧାରଣଙ୍କ ବ୍ୟବହାର ପାଇଁ ୫ଲକ୍ଷ ୨୩ହଜାର ୬ଶହ ୮୦ଟଙ୍କା ବ୍ୟୟ ଅଟକଳରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ହେଉଛି। ସେହି ଗ୍ରାମର ଜଣେ ୱାର୍ଡମେମ୍ବରଙ୍କୁ ଉକ୍ତ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ମାତ୍ର ୱାର୍ଡମେମ୍ବର ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନମାନି ନିଜ ଇଚ୍ଛାରେ ସେହି ଗ୍ରାମର ଖାତା ନମ୍ବର ୩୧୩ ଯାହାକି ଗୋଚର କିସମ ଜାଗାରେ



କମ୍ୟୁନିଟି ସେଣ୍ଟର ନିର୍ମାଣ କରୁଛନ୍ତି। ଦୁଇ ମାସ ଧରି କାମ ଚାଲିଥିବା ବେଳେ ପିଲରରେ ନିମ୍ନମାନର ରଡ, ନିମ୍ନମାନର ଇଟା ସହ କମ ଭାଗମାପରେ ସିମେଣ୍ଟ ବ୍ୟବହାର, ଫଳକ ନିର୍ମାଣ ନ କରି ପାଖରେ ଥିବା ଏକ ବିଦ୍ୟାଳୟ ପାଚେରୀ କାନ୍ଥରେ କାମ ଚଳା ଫଳକ ହୋଇଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼କଥା ଉକ୍ତ ଠିକାଦାର ତଞ୍ଚକତା କରି ପାଖରେ ଥିବା ଏକ ଅଙ୍ଗନବାଡି ଗୃହକୁ ଯୋଡି ଉକ୍ତ କମ୍ୟୁନିଟି ସେଣ୍ଟର ନିର୍ମାଣ କରୁଛନ୍ତି ଫଳରେ ଗୋଟିଏ କାନ୍ଥକୁ ନିର୍ମାଣ ନ କରି ଅଙ୍ଗନବାଡି ଗୃହ କାନ୍ଥରେ କାମ ଚଳାଇ, ଉକ୍ତ ଅର୍ଥକୁ ଆତ୍ମସାତ କରିବାର ମସୁଧା କରୁଥିବା ଗ୍ରାମର ଗୌତମ କୁମାର ଦାସ, ମହେଶ୍ୱର ଜେନା, ପରମାନନ୍ଦ ଦଳାଇ, ଶିବଶଙ୍କର ଜେନା, ଶାନ୍ତନୁ କୁମାର ଦାସ, ଉଦୟ କୁମାର ଦାସ, ବିଶ୍ୱଜିତ ଧଳ, ଅଭିନାଶ ଦଉ ସହ ବହୁ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳ, ବସ୍ତା ବିଡ଼ିଓ, ବସ୍ତା ତହସିଲଦାର ଙ୍କ ନିକଟରେ ଅଭିଯୋଗ କରିବା ସହ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବ୍ଲକ ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ସିଂ କହିଛନ୍ତି, ମୁଁ ବାରମ୍ବାର ଉକ୍ତ ସ୍ଥାନରେ କାର୍ଯ୍ୟ କରିବାପାଇଁ ବାରଣ କରିଛି, ବିଡ଼ିଓ ଙ୍କୁ ଅବଗତ କରିଛି ମାତ୍ର ଠିକାଦାର କୌଣସି କର୍ଣ୍ଣପାତ କରୁନାହାନ୍ତି ତେଣୁ ବିଲ୍ କରାଯିବ ନାହିଁ ବୋଲି କହିଛନ୍ତି।

### ଆଇସିଡିଏସ୍ ବିଭାଗର ଅବହେଳା

## ଛତୁଆ କେନ୍ଦ୍ରରେ ପଡ଼ିରହିଛି ଶହଶହ କ୍ୱିଣ୍ଟାଲ ଗହମ

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୫।୫ (ସମିସ)



ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନରେ ରାଜ୍ୟର ଶିଶୁ, କିଶୋରୀ କନ୍ୟା, ଗର୍ଭବତୀ ଓ ପ୍ରସୂତୀ ମାନଙ୍କୁ ଏସ୍.ଏଚ୍.ଜି ଗ୍ରୁପ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ସୁଷମ ଖାଦ୍ୟ ଯୋଜନା ଜିଲ୍ଲାରେ ଦିନକୁ ଦିନ ଦିଗଭ୍ରଷ୍ଟ ହେବାରେ ଲାଗିଛି। ବିଭାଗ ଦ୍ୱାରା ନିମ୍ନ ମାନର ଖାଦ୍ୟ ଯୋଗାଣ ହେଉଥିବାର ଅଭିଯୋଗ ହୋଇ ଆସୁଥିବା ବେଳେ ଆଜି ପୂର୍ବରୁ ଛତୁଆ ପ୍ରସ୍ତୁତ କରୁଥିବା ମା' କଲ୍ୟାଣମୟୀ ଗ୍ରୁପର ପ୍ରସ୍ତୁତି କେନ୍ଦ୍ରରେ ଦୀର୍ଘଦିନଧରି ଖାଦ୍ୟ ପ୍ରସ୍ତୁତି ପାଇଁ ପଡ଼ିରହିଥିବା ଗହମର ମାନ ଯାଞ୍ଚ କରିବା ପାଇଁ ଏକ ଅଧିକାରୀ ଟିମ ଆସିଥିଲେ। ସେମାନଙ୍କ ମଧ୍ୟରେ ଫୁଡ ପ୍ରୋସେସିଂ ଅଧିକାରୀ ଶଶିକାନ୍ତ ବେହେରା, ମିଶନ ଶକ୍ତି ବିଭାଗର ବିପିସି ସନ୍ତୋଷ ମିଶ୍ର, ଡିଏସଡବ୍ଲ୍ୟୁ ବିଭାଗର କନିଷ୍ଠ ଅଧିକାରୀ ସତ୍ୟଜିତ ହାଁସଦା, ପ୍ରଗାମ ଅଫିସର ଗିରିବାଲା ମହାନ୍ତ, ଏମ.ଟି.ଏସ ଗଣେଶ କିଙ୍କର ଦାସ, ଜଳେଶ୍ୱରର ଆଇ.ସି.ଡି.ଏସର ସିଡିପିଓ ମିନତୀ ସିଂ, ସୁପରଭାଇଜର ଶିତଲ ସମିତା ମାଝୀ, ନମିତା ସିଂ, ଜଳେଶ୍ୱର ଥାନାର ଏସ.ଆଇ ଚିରଞ୍ଜିବୀ ରାଉତ ପ୍ରମୁଖ ଜଣାଯାଇଛି। ଦୀର୍ଘ ଏକ ବର୍ଷ ପୂର୍ବରୁ ଏହି ଗ୍ରୁପକୁ ଯୋଗାଇ ଦିଆଯାଇଥିବା ୬୩୧ କ୍ୱିଣ୍ଟାଲ ଗହମ ଆଜିଯାଏ ବ୍ୟବହାର କରା ନ ଯାଇ ପଡ଼ିରହିଛି। ମା କଲ୍ୟାଣମୟୀ ଗ୍ରୁପର ସମ୍ପାଦିକାଙ୍କ କହିବାନୁଯାୟୀ ୬ ମାସର ଖାଦ୍ୟ ପ୍ରସ୍ତୁତି ପାଇଁ ତାଙ୍କୁ ଗହମ ଯୋଗାଇ ଦିଆଯାଇଥିଲା। ମାତ୍ର ୩ ମାସ ଖାଦ୍ୟ ପ୍ରସ୍ତୁତି ପରେ ହଠାତ୍ ତାଙ୍କୁ ନ ଜଣାଇ ଅନ୍ୟ ଏକ ଗ୍ରୁପକୁ ଖାଦ୍ୟ ତିଆରି ପାଇଁ ଜିଲ୍ଲା ଅଧିକାରିଣୀ ନିର୍ଦ୍ଦେଶ ଦେଇଦେଲେ। ଫଳରେ ତାଙ୍କ ପାଖରେ ତିନିମାସର ଗହମ ପଡ଼ିରହି ଖରାପ ହେବାରେ ଲାଗିଛି। ସରକାରଙ୍କ ଏହି ଖାଦ୍ୟ (ଗହମ) ନଷ୍ଟ ପାଇଁ ଦାୟୀ କିଏ। ଜଳେଶ୍ୱରରେ ଛତୁଆ ପ୍ରସ୍ତୁତିକୁ ନେଇ ବିଭାଗୀୟ ଅଧିକାରିଣୀ ଓ ଏସଏଚଜି ଗ୍ରୁପ ମାନଙ୍କ ମଧ୍ୟରେ ଅର୍ନ୍ତଦ୍ୱନ୍ଦ ଖାଦ୍ୟ ନଷ୍ଟ ହେବାର ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ରାଜ୍ୟରେ ଗହମ ପାଇଁ ଜନସାଧାରଣ ମୁଣ୍ଡ ପିଟୁଥିବା ବେଳେ ଶହଶହ କ୍ୱିଣ୍ଟାଲ ଗହମ ନଷ୍ଟ ହେବାରେ ଲାଗିଛି। ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

## ଟ୍ରକ୍‌କୁ ପଛରୁ ପିଟିଲା ହାଇୱା, ଜଣେ ମୃତ

ବସ୍ତା ବ୍ଲକ, ୫।୫ (ସମିସ): ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯୁକନଣ୍ଡି ଛକ ନିକଟରେ ସଡ଼କ ଦୁର୍ଘଟଣା ରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣା ପଡ଼ିଛି। ମଙ୍ଗଳବାର ଭୋର ସମୟରେ ରାଜପଥର ଯୁକନଣ୍ଡି ଛକ ନିକଟରେ ବାଲେଶ୍ୱରରୁ ଜଳେଶ୍ୱର ଆଡକୁ ଯାଉଥିବା ଏକ ଟ୍ରକକୁ ଏକ ହାଇୱା ପଛରୁ ଧକ୍କା ଦେଇଥିଲା। ଫଳରେ ଗାଡି ଦୁଇଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ହାଇୱାର ହେଲ୍ପର ଚାନ୍ଦ କିସ୍କୁ (୩୪) ଙ୍କ ମୃତ୍ୟୁ ହୋଇଥିଲା ଓ ଗାଡି ର ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି। ରୁପ୍ସା ପୁଲିସ, ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଗାଡ଼ି ଚଳାଉଥିବା ବେଳେ ନିଦ ଆସି ଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। କିଛି ସମୟ ଧରି ରାଜପଥ ରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ସୂଚନା ମିଳିଛି।

## ଦଳଗହିରା ଗ୍ରାମର ହରିହାଟ ଉତ୍ସବ ଉଦ୍‌ଯାପିତ

ରେମୁଣା, ୫।୫(ସମିସ): ରେମୁଣା ବ୍ଲକ ଅଧିନସ୍ଥ ଦଳଗହିରା ଗ୍ରାମର ହରିହାଟ ପଡ଼ିଆରେ ୨୦୨୬ ହରିହାଟ ଉତ୍ସବ ଉଦଘାଟିତ ହୋଇ ୧୦ ଦିନ ବ୍ୟାପି ଖୁବ ଧୁମ ଧାମରେ ହରି କଥା ଶ୍ରବଣ, କୀର୍ତ୍ତନ, ଭଜନ, ପ୍ରବଚନ, ପ୍ରସାଦ ସେବନରେ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ଦହିଭଙ୍ଗା ଶୋଭାଯାତ୍ରାରେ ଭକ୍ତ ଶ୍ରଦ୍ଧାଳୁଗଣ ହରିନାମ ସଂକୀର୍ତ୍ତନରେ ମଜି ନାଚି ନାଚି ଗଡୁଥିବାର ଦୃଶ୍ୟ ସମସ୍ତଙ୍କୁ ଆଧ୍ୟାତ୍ମିକ ଭାବାଧାରାକୁ ଦ୍ୱିଗୁଣିତ କରିଥିବାର ଦେଖିବାକୁ ମିଳିଥିଲା। ଏହି ଗ୍ରାମର ହରିହାଟ ଉତ୍ସବ ଶତାୟୁ ବର୍ଷରେ ପଦାର୍ପଣ କରିଥିବାବେଳେ ପ୍ରତି ବର୍ଷ ଗ୍ରାମର ବରିଷ୍ଠ ମାନଙ୍କର ଉପଦେଶରେ ଗ୍ରାମରେ ଉଦ୍ୟଗି ଯୁବକ ଗଣ ଏହି ହରିହାଟ ଉତ୍ସବ ପରିଚାଳନା କରିଥାନ୍ତି। ହରିହାଟ ଉତ୍ସବ ପ୍ରତିଦିନ ଦିବା ରାତ୍ରି ନାମ ଯଜ୍ଞ ସକାଳ ଓ ସନ୍ଧ୍ୟାରେ ହରିଙ୍କ କଥା ପ୍ରବଚନ, ହରିବଂଶ ପଠନ, ଶ୍ରବଣ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ ସହିତ ୧୦ ଦିନ ବ୍ୟାପି ଦିବା ରାତ୍ରି ପ୍ରସାଦ ସେବନ କରି ଭକ୍ତମାନେ ନିଜକୁ କତାର୍ଥ କରିଥାନ୍ତି।

## କ୍ଲିନିଂ ସାମଗ୍ରୀ ପ୍ରସ୍ତୁତି ଓ ବିକ୍ରୟ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାଲେଶ୍ୱର, ୫।୫(ସମିସ): ବାଲେଶ୍ୱରର ଅଗ୍ରଣୀ ଶିଳ୍ପାନୁଷ୍ଠାନ ଓରି ପ୍ଲାଷ୍ଟ ସହଯୋଗରେ ସଦର ବ୍ଲକ ଅନ୍ତର୍ଗତ ଖାନନଗର ପଞ୍ଚାୟତର ବାଙ୍ଗରା ଗ୍ରାମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଏଥିରେ ଗ୍ରାମର ମହିଳାମାନଙ୍କୁ ୮-୧୦ଜଣ ବିଶିଷ୍ଟ ଛୋଟ ଗ୍ରୁପରେ ବିଭକ୍ତ କରାଯାଇ ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ବିଶେଷଜ୍ଞ ବିରଜା ପ୍ରଶନ୍ନ ଲାଲ ଏଥିରେ ପ୍ରଶିକ୍ଷକ ଭାବେ ଯୋଗଦେଇ ଫିନାଇଲ, ଫ୍ଲୋର କ୍ଲିନିଂ ଓ ଡିସ୍ ୱାସର ସୋପ୍ ଓ ଲିକ୍ୟୁଇଡ ପ୍ରଭୃତି ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଉପକରଣ, କଞ୍ଚାମାଲ, ଜ୍ଞାନକୌଶଳ ପ୍ରଭୃତି ସହ ପ୍ୟାକିଂ ଓ ମାର୍କେଟିଂ ବାବଦରେ ପ୍ରଶିକ୍ଷଣ ଦେଉଛନ୍ତି। ସାଧନା ଫାଉଣ୍ଡେସନର ସମ୍ପାଦିକା ସୁଜାତା ପଣ୍ଡା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହତ ଏହିଭଳି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଓରି ପ୍ଲାଷ୍ଟର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ବାଙ୍ଗରା ଗ୍ରାମର ୫୦ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ୬ଟି ଗ୍ରୁପ ଗଠନ ସହ ଏହି ପ୍ରଶିକ୍ଷଣ ଚାଲିଥିବା ସେ କହିଛନ୍ତି। ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ୟାକିଂ ଓ ବ୍ରାଣ୍ଡିଂ ସହିତ ବିକ୍ରୟ ପାଇଁ ସ୍ଥାନୀୟ କୁରୁଡା ଛକରେ ଏକ ଷ୍ଟକ ପଏଂଟ ଖୋଲାଯାଇଛି ବୋଲି ଶ୍ରୀମତୀ ପଣ୍ଡା ପ୍ରକାଶ କରିଛନ୍ତି। ଓରି ପ୍ଲାଷ୍ଟର ମାନବ ସମ୍ବଳ ତଥା ସିଏସଆର ଅଧିକାରୀ ଜଗଦିଶ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଙ୍ଗରା ଅଙ୍ଗନବାଡି କେନ୍ଦ୍ର ନିକଟର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏଥିରେ ଅଙ୍ଗନବାଡି କର୍ମୀ କାଞ୍ଚନ ନାୟକଙ୍କ ସହଯୋଗରେ ଲାଛି ହାଁସଦା ସଂଯୋଜନା କରୁଛନ୍ତି।

## ବର୍ତ୍ତନା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଜଳେଶ୍ୱର ବ୍ଲକ, ୫।୫ (ସମିସ): ଜଳେଶ୍ୱର ବ୍ଲକ ବର୍ତ୍ତନା ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବେହେରାଙ୍କ ନାମରେ ୧୧ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଦୁର୍ନୀତି ଓ ସ୍ୱେଚ୍ଛାଚାରିତାର ସଂଗୀନ ଅଭିଯୋଗ ଆଣି ପଞ୍ଚାୟତର ମୋଟ ୧୩ ଜଣ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ସଭ୍ୟ ଏକାଠି ହୋଇ ଏପ୍ରିଲ ୨୪ ତାରିଖରେ ବାଲେଶ୍ୱର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଯୋଗ ଅନୁସାରେ ସରପଞ୍ଚ ସାମାଜିକ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ

### ୧୨ରେ ହେବ ଭୋଟ ଗ୍ରହଣ



ଉଦ୍ଦିଷ୍ଟ ପାଣ୍ଠିକୁ ସରକାରୀ ନିୟମ ଉଲ୍ଲଂଘନ କରି ସଭ୍ୟମାନଙ୍କ ଅଗୋଚରରେ ଅନ୍ୟତ୍ର ବିନିଯୋଗ କରିବା, ଏହାସହିତ ଆବାସ ଯୋଜନା, ରାସ୍ତା ଓ ପାନୀୟ ଜଳ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପ୍ରକଳ୍ପରେ ବ୍ୟାପକ ଆର୍ଥିକ ଅନିୟମିତତାହୋଇଥିବା ସେମାନେ ଦର୍ଶାଇଛନ୍ତି। ପଞ୍ଚାୟତ ପରିଚାଳନାରେ ସରପଞ୍ଚ ସମ୍ପୂର୍ଣ୍ଣ ସ୍ୱେଚ୍ଛାଚାରୀ ଆଚରଣ ପ୍ରଦର୍ଶନ କରିବା ସହ ୱାର୍ଡ ସଭ୍ୟମାନଙ୍କୁ କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଥିଲା ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ର ଧାରା ୨୪ ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ମୋଟ ୧୩ ୱାର୍ଡ ସଭ୍ୟରୁ ୧୧ ଜଣ ଅନସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିବାରୁ ସରପଞ୍ଚଙ୍କୁ ଖୁବ ଶୀଘ୍ର ତାଙ୍କ ପଦବୀରୁ ବହିଷ୍କାର କରାଯିବା ନେଇ ଅସନ୍ତୁଷ୍ଟ ୱାର୍ଡ ସଭ୍ୟ କାଳିଚରଣ ପାଳ, ଗଣେଶ ଚନ୍ଦ୍ର ସାମଲ, ତ୍ରିଲୋଚନ ସେଠୀ, ବିଜୟ କୁମାର ସାମଲ, ରଞ୍ଜିତା ବିର, ମିନତି ବେହେରା, କସ୍ତୁରୀ ଜେନା, ମଞ୍ଜରୀ ଧଳ, ମମତା ଦଳାଇ ଏବଂ ସୁଷମା ରାଣୀ ଜେନା ସ୍ୱତନ୍ତ୍ର ବୈଠକ ଆହ୍ୱାନ କରି ବିହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ ଯାହାର ସତ୍ୟ ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ଚିଠି ନମ୍ବର୍ ୧୨୬୭ ମୂଳେ ଜଳେଶ୍ୱରବ୍ଲକର ଏବିଡ଼ିଓ ସୁଧୀର କୁମାର ସାହୁ, ଡବ୍ଲୁଇଓ ସଜତ୍ କୁମାର ଅନୁପମ, ଜେଇ ବିବେକାନନ୍ଦ ବାରିକ୍ ଙ୍କ ସହିତ ଚିଠି ନମ୍ବର ୧୨୬୮ ମୂଳେ ଜଳେଶ୍ୱର ତହସିଲର ଜମାଲପୁର ଆର ଆଇ ଶିବଶଙ୍କର ସେନାପତିଙ୍କୁ ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ ଯାହାର ସତ୍ୟାସତ୍ୟ ଯାଞ୍ଚ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଚିଠି ନମ୍ବର୍ ୯୪ ମୂଳେ ବ୍ଲକ ପ୍ରଶାସନ ପକ୍ଷରୁ ଆସନ୍ତା ମେ ୧୨ ତାରିଖରେ ବର୍ତ୍ତନା ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟରେ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା ମାନେ ସେମାନଙ୍କର ଅନାସ୍ଥା ପ୍ରସ୍ତାବରେ ଗୁପ୍ତ ଭାବରେ ଭୋଟ ପ୍ରଦାନ କରି ନିଜର ଅଧିକାରକୁ ସାବ୍ୟସ୍ତ ପ୍ରଦାନ କରିବେ।

## ଏ -୧ ଗ୍ରେଡ୍ ଛାତ୍ରଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା



ବସ୍ତା ବ୍ଲକ, ୫।୫ (ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ବସ୍ତା ସ୍ଥିତ ପିଏମ୍ ଶ୍ରୀ ଶମ୍ଭୁନାଥ ସରକାରୀ ହାଇ ସ୍କୁଲ ଛାତ୍ର ଶୁଭମ୍ ବେହେରା ୫୫୨ ନମ୍ବର ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇ ନିଜର ସଫଳତା ସହିତ ବସ୍ତା ବ୍ଲକରେ ତୃତୀୟ ସ୍ଥାନରେ ରହି ସ୍କୁଲ ର ସମ୍ମାନ ଆଣି ଥିବାରୁ ମଙ୍ଗଳବାର ସକାଳେ ସ୍କୁଲ ପକ୍ଷରୁ ଶୁଭମଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି। ସ୍କୁଲ ର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଝରଣା ରାଉତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଶୁଭମ୍‌ଙ୍କୁ ବସ୍ତା ଏବିଇଓ ମିହିର ରଞ୍ଜନ ଦାସ ପୁଷ୍ପ ଗୁଚ୍ଛ ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଧିରେନ କୁମାର ମହାନ୍ତି, ଉପ ସଭାପତି ତରଙ୍ଗିଣୀ ମହାନ୍ତି ସହିତ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ପାଳିତ

ରେମୁଣା, ୫।୫ (ସମିସ): ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ଶିକ୍ଷକ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଶିକ୍ଷକ ତଥା ବଳିଷ୍ଠ ଶିକ୍ଷାଦାନ କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଥିବା ଶିକ୍ଷକ ସର୍ବଶ୍ରୀ ଅଜିତ କୁମାର ପଣ୍ଡା, ରଘୁନାଥ ସାହୁ, ସୁବୋଧ କୁମାର ପଣ୍ଡା, ଗୋବିନ୍ଦ ମୋହନ ଦାସ, ମନୋରଞ୍ଜନ ପଣ୍ଡା



ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦାଶରଥି ମହାଳିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ସର୍ବପ୍ରଥମେ ସମସ୍ତେ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଏକ ବିଶାଳ ରୋଡ଼ ଶୋରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ପରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ବିନୟ କୁମାର ରଣା ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଡ଼. ବସନ୍ତ କୁମାର ନାୟକ ଏବଂ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଶିରିସ ଚନ୍ଦ୍ର ଜେନା ଯୋଗଦେଇ ମତ ପ୍ରକାଶ କରିଥିଲେ। ପୂର୍ବତନ ଛାତ୍ର ରାମଚନ୍ଦ୍ର ସ୍ୱାଇଁ ମଞ୍ଚ ଆହ୍ୱାନ କରିଥିବାବେଳେ ମନୋରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ହରିଶ୍ଚନ୍ଦ୍ର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଟପ୍ପର ତାଲିକାରେ ଖଇରା ବ୍ଲକରୁ ୪

ଖଇରା, ୫।୫(ସମିସ): ନିକଟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ +୩ ଡିଗ୍ରୀ ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ଖଇରା ମହାବିଦ୍ୟାଳୟରୁ ୩ଜଣ(୨ଜଣ ଛାତ୍ରୀ ଓ ଜଣେ ଛାତ୍ର) ଓ କୁପାରୀର ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରୁ ଜଣେ ଛାତ୍ରୀ ଅଛନ୍ତି। କଳା ଅର୍ଥଶାସ୍ତ୍ର ରେ ଟପ୍ପର ହୋଇଥିବା ଖଇରା ମହାବିଦ୍ୟାଳୟ ଛାତ୍ର ଚନ୍ଦ୍ରକାନ୍ତ ସାମଲଙ୍କ ଘର ଔପଦା ବ୍ଲକର ଜଗନ୍ନାଥପୁର ଗ୍ରାମରେ। ସେ ୧ହଜାର ୮ଶହ ନମ୍ବରରୁ ୧ହଜାର୫୫୬ ନମ୍ବର ରଖି ଏହି ଯୋଗ୍ୟତା ହାସଲ କରିଥିବା ବେଳେ ସେ ଅଧ୍ୟାପକ ହେବାକୁ ଲକ୍ଷ






ରଖିଥିବା କହିଛନ୍ତି। ସେହିଭଳି ଓଡିଆରେ ଖଇରା ବ୍ଲକ ସମସରପୁର ଗ୍ରାମର ଆକାଂକ୍ଷା ଗିରି ୧ହଜାର୪୯୯ ନମ୍ବର ରଖିଥିବା ବେଳେ ଜଣେ ଅଧ୍ୟାପିକା ହେବା ତାଙ୍କର ଲକ୍ଷ ବୋଲି କହିଛନ୍ତି। ସେହିଭଳି ବିଜ୍ଞାନ ବିଭାଗ ଗଣିତ ବିଷୟରେ ୧ହଜାର୬୬୫ନମ୍ବର ରଖି ଟପ୍ପର ହୋଇଥିବା ଇପସୀତା ଲେଙ୍କାଙ୍କ ଘର ସାରଡାଙ୍ଗ ପଞ୍ଚାୟତର ଭୁଆଁଳଗଡ଼ିଆ ଗ୍ରାମରେ। ବ୍ୟାଙ୍କ ପିଓ ପାଇଁ ସେ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ସଫଳତାର ଶ୍ରେୟ ମାବାପା ଓ କଲେଜ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଏହାଛଡା ବିଜ୍ଞାନ ବିଭାଗରେ ପ୍ରାଣୀବିଜ୍ଞାନ ବିଷୟରେ ଟପ୍ପର ହୋଇଥିବା କୁପାରୀ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଛାତ୍ରୀ କାଜଲ ଜେନା ୧ହଜାର୬୩୭ ରଖି ଏହି ସଫଳତା ଲାଭ କରିଥିବା ବେଳେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ କୁପାରୀ ଗ୍ରାମନିବାସୀ କାଜଲଙ୍କୁ କୁପାରୀ କଲେଜ ପରିସରରେ ଅଧକ୍ଷ ଡ ସରୋଜ କୁମାର ଲେଙ୍କା ଙ୍କ ପୌରୋହିତ୍ୟରେ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

## ଏ-୧ କୃତୀଧାରୀ ସମ୍ବର୍ଦ୍ଧିତ



ସିମୁଳିଆ, ୫।୫ (ସମିସ): ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାଫଳରେ ସିମୁଳିଆ ବ୍ଲକରେ ବିଭିନ୍ନ ବିଦ୍ୟାଳୟରୁ ଏ -୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ରୟାଲ ଗ୍ରୁପ ଅଫ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରୟାଲ ବିଦ୍ୟାଳୟ ତରଫରୁ ଏ୧ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଇ୧ ଗ୍ରେଡ଼ ହାସଲ କରିଥିବା ସିମୁଳିଆ ବ୍ଲକର ସମସ୍ତ ୧୯ ଛାତ୍ରଛାତ୍ରୀଙ୍କୁ ମଇତାପୁର ର ରୟାଲ ସ୍କୁଲ ପରିସରରେ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଛି। ରୟାଲ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ଡ଼. ବିଷ୍ଣୁମୋହନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ନିର୍ଦ୍ଦେଶକ ପଦ୍ମଲୋଚନ ଦାଶ ସଭାପତିତ୍ୱ କରିଥିଲେ। ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ଏକାଡେମିକ ଆଡ଼ଭାଇଜର ସୂର୍ଯ୍ୟମଣି ବୋଇତି, ପ୍ରାକ୍ତନ ଓଷ୍ଟା ବ୍ଲକ ସଭାପତି କମଳାକାନ୍ତ ପତି, ବର୍ତ୍ତମାନର ବ୍ଲକ ସଭାପତି ଭଗବାନ ଚନ୍ଦ୍ର ବାରିକ, ରୟାଲ ସ୍କୁଲର ପରିଚାଳକ ରଞ୍ଜନ କୁମାର ମହାନ୍ତି, ରୟାଲ ପବ୍ଲିକର ପ୍ରିନ୍ସପାଲ ନିମାଇଁ ଚରଣ ଦାସ ଓ ଶିକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ରୟାଲ ସ୍କୁଲର ସଂଯୋଜକ କିରଣ କୁମାର ଧୀନ୍ଦା ସୁଚାରୁରୂପେ ପରିଚାଳନା କରିଥିଲେ।

## ସୂର୍ଯ୍ୟମୁଖୀ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି

କାଳିପଦା, ୫।୫ (ସମିସ)



ବାଲିଆପାଳ ବ୍ଲକରେ ସୂର୍ଯ୍ୟମୁଖୀ ଫୁଲ ଚାଷ ଧିରେ ଧିରେ ବଢ଼ିବାରେ ଲାଗିଛି। ପୂର୍ବରୁ ଲୋକେ ସଉକରେ ସୂର୍ଯ୍ୟମୁଖୀ ଫୁଲ ନିଜ ବାଡି ବଗିଚାରେ ଚାଷ କରୁଥିଲେ। ମାତ୍ର ଦୁଇ ତିନିବର୍ଷ ହେବ ଏହି ଅଞ୍ଚଳରେ ଚାଷୀ ହାଇ ଇଲଡିଂ ଧାନ ଚାଷ ନ କରି କରି ସୂର୍ଯ୍ୟମୁଖୀ ଫୁଲ ଚାଷ କରୁଥିବାର ଦେଖି ବାକୁ ମିଳୁଛି। ହାଇ ଇଲଡିଂ ଧାନ ଚାଷର ବିକଳ୍ପ ଭାବେ ସୂର୍ଯ୍ୟମୁଖୀ ଚାଷ ଦିନେ ଏ ଅଞ୍ଚଳରେ ଦେଖା ଦେବ। ଅଧିକ ହାଇ ଇଲଡିଂ ଧାନ ଚାଷ ସମୟରେ ପ୍ରତିବର୍ଷ ଜଳାଭାବ ଦେଖା ଦେଉଛି। ଧାନ ଚାଷରେ ପ୍ରଚୁର ପରିମାଣରେ ଜଳ ଆବଶ୍ୟକତା ଥିବାବେଳେ ଭୂତଳ ଜଳ ସ୍ତର କମୁଥିବାରୁ ଖରିପ୍ ଧାନ ଚାଷ ପାଇଁ ଜଳ ଅଭାବର ଅନୁଭବ ହେଉଛି। ମାତ୍ର ସୂର୍ଯ୍ୟ ମୁଖୀ ଚାଷ କମ୍ ପାଣି ଓ କମ୍ ସମୟରେ ଅଧିକ ଲାଭ ଦେଉଥିବାରୁ ଏହା ଏକ ଉତ୍ତମ ରବି ତୈଳ ବୀଜ ଫସଲ ଭାବେ ପରିଗଣିତ ହୋଇଛି। ଚାଷୀ ଏଥିରୁ ତେଲ ବାହାର କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ସୂର୍ଯ୍ୟମୁଖୀ ଏକ ତୈଳବୀଜ ଫସଲ ହୋଇଥିବାରୁ ଏହାର ବଜାର ଚାହିଦା ଅଧିକ। କୃଷକମାନେ ଏଥିରୁ ତେଲ ବାହାର କରି ନିଜେ ଖାଇବା ତେଲ ରୂପ ବ୍ୟବହାର କରିବା ସହିତ ବର୍ଷ ସାରା ତେଲ ବିକ୍ରି କରି ରୋଜଗାର କରିପାରୁଛନ୍ତି। ଧାନ ଚାଷ ତୁଳନାରେ ଏଥିରେ ଜଳସେଚନ ଓ ସାର ପ୍ରୟୋଗ କମ୍ ଆବଶ୍ୟକ ହୁଏ। ଏହା ପ୍ରାୟ ୯୦ ରୁ ୧୦୦ ଦିନ ମଧ୍ୟରେ ଅମଳକ୍ଷମ ହେଉଛି। ଉନ୍ନତ ବିହନ ଓ ଜ୍ଞାନ କୌଶଳ ବ୍ୟବହାର କରି ଚାଷୀ ଭଲ ଅମଳ ପାଉଛନ୍ତି। କହିବାକୁ ଗଲେ ଯଦି ସରକାରୀ ସ୍ତରରେ ଉଚିତ୍ ବଜାର ବ୍ୟବସ୍ଥା ଓ ସହାୟତା ମିଳି ପାରନ୍ତା ତାହେଲେ ସୂର୍ଯ୍ୟମୂଖୀ ଚାଷ ଓଡ଼ିଶା ସମେତ ଏ ଅଞ୍ଚଳର କୃଷକଙ୍କ ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସ୍ଥାନୀୟ ଚାଷୀମାନେ କହନ୍ତି। ଏବେ ଏହି ଚାଷ ସୁବର୍ଣ୍ଣ ରେଖା ନଦୀ ଅବବାହିକା କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ବାଲିଆପାଳ, ମଧୁପୁରା, ଜାମକୁଣ୍ଡା, ଡଗରା, ଚୌମୁଖ, ବିଷ୍ଣୁପୁର ଆଦି ପଞ୍ଚାୟତରେ ଚାଷୀ ଅଧିକ ଚାଷ କରୁଛନ୍ତି। ସରକାରଙ୍କ କୃଷି ବିଭାଗ ଏହି ଚାଷ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗଗନ ବେହେରା, ମନ୍ମଥ କୁମାର ଗିରି, ସୁମନ୍ତ କୁମାର ଦେହୁରୀ, ସଦାନନ୍ଦ ସାହୁ, ସୁକୁମାର ଦତ୍ତ, ପ୍ରଣମେଶ ଘୋଷ, ସୁକୁମାର ବେହେରା, ନିଆସୀ ଦେହୁରୀ, ସୁନାମଣୀ ସାହୁ ପ୍ରମୁଖ ଦାବି କରିଛନ୍ତି।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୫।୫(ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ଗ୍ରାମ ପଞ୍ଚାୟତର ଆମ୍ବିଶୋଳ (ବାରଡିହୀ) ଓ ଖୁଦିଆମାଝିସାହି ନମାଣିଆ ଠାରେ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଯୁବ ଆଦିବାସୀ ନେତା ଉଦୟ ନାଥ ମୁର୍ମୁଙ୍କ ସୌଜନ୍ୟରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମକର୍ତ୍ତା ଯୋଗଦେଇ ପଣ୍ଡିତ ମୁର୍ମୁଙ୍କ ସ୍ମୃତି ଚାରଣ କରିବା ସହ ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଉଁଶବଣୀ ୟୁଜି ୟୁପି ସ୍କୁଲର ଶିକ୍ଷକ ବାରଶା ହାଁସଦା ଓ ନିରଞ୍ଜନ ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଣ୍ଡିତ ରଘୁନାଥ ମୁର୍ମୁ ଜୀବନ ଗାଥା ଉପରେ ଆଲୋଚନା କରିଥିଲେ ଏବଂ ସାଥିରେ ଉପସ୍ଥିତ ରହିଥିଲେ ଯୋଗେନ ମାରାଣ୍ଡି, ରାମେଶ୍ୱର ମୁର୍ମୁ, କାହ୍ନୁ ମୁର୍ମୁ, ବୁଦ୍ଧେଶ୍ୱର ହାଁସଦା, ମହନ ମୁର୍ମୁ, ସାକିଲାମୁର୍ମୁ, ସାଗର ମୁର୍ମୁ, ଜୟା ହାଁସଦା, ଗୀତାରାଣୀ ମୁର୍ମୁ, କନକଲତା ମାରାଣ୍ଡି, ରାଣୀ ମୁର୍ମୁ ଉପସ୍ଥିତ ରହିଥିଲେ ଠିକ ସେହିପରି କେ ଏମ୍ ସାହି ଗ୍ରାମ ପଞ୍ଚାୟତର ନ ମାଣିଆ ଠାରେ ଥିବା ପଣ୍ଡିତ୍ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉତ୍ସବରେ ଜଳେଶ୍ୱର ବିଜେପି ନେତା ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିପ୍ଳବ ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର (ଉତ୍ତର)



ବିଜେପି ଜିଲ୍ଲା ସମ୍ପାଦକ କାଳିଚରଣ ଦାସ, ବିଜେପି ମଣ୍ଡଳ ସଭାପତି ଅନୁପ ପ୍ରଧାନ, ସୁବର୍ଣ୍ଣରେଖା ତରୁଣ ପଟ୍ଟନାୟକ, ଗଣେଶ ସରେନ୍, ସୁଶାନ୍ତ ଘୋଷ ଏବଂ ୱାର୍ଡ ସଭ୍ୟା ଜବା ମାରାଣ୍ଡି, ରଞ୍ଜନ ସେଠି, ସୂର୍ଯ୍ୟକାନ୍ତ ମାରାଣ୍ଡି, ରବିନ୍ ମାରାଣ୍ଡି, ଜହର ସିଂହ, ସୁନୀଲ ଟୁଡୁ ଏବଂ ଗଜେନ୍ ବାସ୍କେ ସହିତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଏହି ଜୟନ୍ତୀ ଉତ୍ସବରେ ସାମିଲ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଯେଉଁଠି ସ୍ୱଚ୍ଛତାର ଅଭାବ ଥାଏ, ସେଠାରେ ଅବିଶ୍ୱାସ ଓ ଅସୁରକ୍ଷିତ ଭାବନା ସୃଷ୍ଟି ହୁଏ।
-ଦଲାଇଲାମା

ସକାଳ
THE SAKALA

## ଆମ ଗତି କୁଆଡ଼େ?

ମେ’ ଆରମ୍ଭ ହେବା ପୂର୍ବରୁ ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମଲହର ଆରମ୍ଭ ହୋଇ ସାରିଲାଣି। ହିମାଳୟ ପାଦଦେଶରେ ଅବସ୍ଥିତ ଉତ୍ତର-ପୂର୍ବ ଭାରତର ହାତଗଣତି କେତୋଟି ରାଜ୍ୟକୁ ଛାଡ଼ିଦେଲେ ବାକି ଦେଶ ତତଲା କଡ଼େଇରେ। ଆଭ୍ୟନ୍ତରୀଣରୁ ଆରମ୍ଭ କରି ପୂର୍ବ, ପଶ୍ଚିମ, ଦକ୍ଷିଣ; ସବୁଠି ପାରଦ ୪୦ରୁ ୪୫ ଡିଗ୍ରୀ ମଧ୍ୟରେ। ଉଦ୍‌ବେଗର ବିଷୟ ହେଲା, ଗତ ୨୭ ତାରିଖରେ ମହାରାଷ୍ଟ୍ରର ଅକୋଲାରେ ଦେଶର ସର୍ବାଧିକ ତାପମାତ୍ରା ୪୬.୯ ଡିଗ୍ରୀ ରେକର୍ଡ ହୋଇଥିଲା। ଥାର୍ ମରୁଭୂମିଯୁକ୍ତ ରାଜ୍ୟ ରାଜସ୍ଥାନର ତାପମାତ୍ରାଠାରୁ ମଧ୍ୟ ଏହା ଅଧିକ ରହିଥିଲା।

ଏବେ ଦେଶର ରାଜଧାନୀ ଦିଲ୍ଲୀ ସମେତ ଓଡ଼ିଶା, ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ତାମିଲନାଡୁରେ ନିଆଁ ବର୍ଷା ହେଉଛି। କିଛି ସ୍ଥାନରେ ରାତିରେ ବି ପାରଦ ୩୦ ତଳକୁ ଖସୁନି। ୪/୫ ଦିନ ତଳେ ବିଶ୍ୱର ୧୦୦ ଉତ୍ତପ୍ତ ସହର ମଧ୍ୟରୁ ୯୫ଟି ସହର ଭାରତର ରହିଥିଲା। ବିଶେଷତଃ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ତାପମାତ୍ରା ଅଧିକ ରହିଥାଏ। କିନ୍ତୁ ଭାରତର ଏ ଅଲୋଡ଼ା ରେକର୍ଡ ପାଣିପାଗ ଓ ଜଳବାୟୁ ବିଶେଷଜ୍ଞଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପଛରେ ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯେତେ ରହିଛି, ତା’ଠାରୁ ଅଧିକ ରହିଛି ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପ।

କିଛି ବିଦେଶୀ ପାଣିପାଗ ସଂସ୍ଥା ଏବେ ଏଲ୍-ନିନୋକୁ ନେଇ ବିଶ୍ୱକୁ ବଡ଼ ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା କଥା, ୨୦୨୬ କିମ୍ବା ୨୦୨୭ରେ ବିଶ୍ୱ ଏକ ଭୟଙ୍କର ସଂକଟ ଦେଇ ଗତି କରିପାରେ। ପ୍ରଶାନ୍ତ ମହାସାଗରରେ ‘ଏଲ୍-ନିନୋ’ କ୍ରମଶଃ ଶକ୍ତିଶାଳୀ ହେଉଛି। ବିଶ୍ୱର ସବୁଠୁ ବଡ଼ ଏହି ମହାସାଗରରେ ଦକ୍ଷିଣ ଆମେରିକାରୁ ଅଷ୍ଟ୍ରେଲିଆ ଓ ଏସିଆ ଆଡ଼କୁ ପ୍ରବାହିତ ହେଉଥିବା ଜଳୀୟବାଷ୍ପ ଧୀରେଧୀରେ ବନ୍ଦ ହେବା ସହ ଏହାର ଗତି ବିପରୀତ ଦିଗମୁହାଁ ହେବାରେ ଲାଗିଛି। ଏହି କାରଣରୁ ପ୍ରଶାନ୍ତ ମହାସାଗରର ଉପରିଭାଗର ତାପମାତ୍ରା ବଢ଼ିବାରେ ଲାଗିଛି। ସାମୁଦ୍ରିକ ଜଳୀୟବାଷ୍ପର ଏହି ଗତି ଜାରି ରହିଲେ ବିଶ୍ୱରେ ଭୟଙ୍କର ସଂକଟ ସୃଷ୍ଟି ହେବ। ପ୍ରଚଣ୍ଡ ଗରମ ସାଙ୍ଗକୁ ଅନାବୃଷ୍ଟି, ମରୁଡ଼ି, ଉତ୍କଟ ଜଳସଙ୍କଟ ସହିତ ଖାଦ୍ୟାଭାବ ଭଳି ବିପର୍ଯ୍ୟୟ ସୃଷ୍ଟି ହେବ।

ପ୍ରତି ୪ରୁ ୫ବର୍ଷରେ ଏଲ୍-ନିନୋର ଉତ୍ପତ୍ତି ଓ ପ୍ରଭାବ ଦେଖିବାକୁ ମିଳିଥାଏ। କିନ୍ତୁ କିଛି ଜଳବାୟୁ ବିଶେଷଜ୍ଞଙ୍କ କହିବା କଥା ପ୍ରାୟ ୧୪୮ ବର୍ଷ ତଳେ ଦେଖାଦେଇଥିବା କରାଳ ଏଲ୍-ନିନୋଠାରୁ ମଧ୍ୟ ଚଳିତ ବର୍ଷର ଏଲ୍-ନିନୋ ପ୍ରଭାବ ଅଧିକ ଭୟଙ୍କର ହେବ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୮୭୭-୭୮ ମସିହାର ଏଲ୍-ନିନୋର ପ୍ରଭାବ ପୂରା ବିଶ୍ୱରେ ପରିଲକ୍ଷିତ ହୋଇଥିଲା। ମରୁଡ଼ି, ଖାଦ୍ୟାଭାବରୁ ବିଶ୍ୱର ସେତେବେଳର ପ୍ରାୟ ୪ପ୍ରତିଶତ ଲୋକଙ୍କ ଅକାଳମୃତ୍ୟୁ ହୋଇଥିଲା। ବ୍ରିଟିଶ୍ ଶାସନାଧୀନ ଭାରତରେ ଲୋକେ ସେତେବେଳେ ପୋକ-ମାଛି ଭଳି ପ୍ରାଣ ହରାଇଥିଲେ। ଚୀନ୍, ଅଷ୍ଟ୍ରେଲିଆ, ଆଫ୍ରିକା, ଉତ୍ତର ଆମେରିକା ଆଦି ଦେଶରେ ମଧ୍ୟ ଭୟଙ୍କର ସଂକଟ ଦେଖାଦେଇଥିଲା। ସେହିବର୍ଷ ଉତ୍ତର ଆମେରିକାରେ ଶୀତ ଅନୁଭୂତ ନ ହେବାରୁ ତାହାକୁ ‘ଇୟର୍ ୱିଦାଉଟ୍ ଏ ୱିଣ୍ଟର୍’ ଭାବେ ସ୍ମରଣ କରାଯାଇଥାଏ। ବର୍ତ୍ତମାନ ଦେଶରେ ଆରମ୍ଭ ହୋଇଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ କିଛି ପାଣିପାଗ ବିଶେଷଜ୍ଞ ଏଲ୍-ନିନୋର ପୂର୍ବାବସ୍ଥା ବୋଲି ବିବେଚନା କରୁଛନ୍ତି।

କିଛି ପାଣିପାଗ ଓ ଜଳବାୟୁ ବିଶେଷଜ୍ଞ ଏହି ଆକଳନକୁ ସଂପୂର୍ଣ୍ଣ ଖଣ୍ଡନ ନ କଲେ ବି ସେମାନେ ଏକ ଭିନ୍ନ ଯୁକ୍ତି ବାଢ଼ୁଛନ୍ତି। ସେମାନଙ୍କ କହିବା କଥା, ଏଲ୍-ନିନୋ ଏକ ସ୍ୱାଭାବିକ ଓ ଭୌଗୋଳିକ ପ୍ରକ୍ରିୟା। ପ୍ରତି ୪ରୁ ୫ବର୍ଷରେ ଏହା ସୃଷ୍ଟି ହୋଇଥାଏ ଏବଂ ପୂରା ବିଶ୍ୱରେ ଏହାର ପ୍ରଭାବ ଦେଖାଦେଇଥାଏ। କିନ୍ତୁ ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ମେ’ ପୂର୍ବରୁ ଭାରତରେ ଦେଖାଦେଇଥିବା ଅସହ୍ୟ ତାତିର କାରଣ ସଂପୂର୍ଣ୍ଣ ମନୁଷ୍ୟକୃତ। ଗତ କିଛିବର୍ଷ ହେଲା ଭାରତରେ ବିକାଶ ନାମରେ ଯେପରି ଜଙ୍ଗଲ ହ୍ରାସ ପାଇ ଚାଲିଛି, ତାହା ଦେଶ ପାଇଁ ଏକ ବଡ଼ ବିପଦକୁ ନିମନ୍ତ୍ରଣ ଦେଉଛି। ଗୋଟିଏ ବଡ଼ ବଗିଚାକୁ କିମ୍ବା ଆମ୍ବତୋଟା କିମ୍ବା ପଣସ ତୋଟାକୁ ଆମେ ଜଙ୍ଗଲ କହିପାରିବା ନାହିଁ। ଜଙ୍ଗଲର ପରିଭାଷା ଅତ୍ୟନ୍ତ ବ୍ୟାପକ। ଜଙ୍ଗଲ ଏକ ଜୀବନ୍ତ ପ୍ରଣାଳୀ; ଏକ ନିର୍ଦ୍ଦିଷ୍ଟ ଭୂମି ଓ ଜଳବାୟୁର ମାଟି, ପାଣି, କୀଟପତଙ୍ଗ, ପକ୍ଷୀ, ସ୍ତନ୍ୟପାୟୀ ପ୍ରାଣୀଙ୍କ ଦଶନ୍ଧି ଦଶନ୍ଧିର ସମାହାର। ଏହାକୁ ମଣିଷ ସଂରଚନା କରିପାରିବ ନାହିଁ; ଏହା ପ୍ରକୃତିଦତ୍ତ। ମଣିଷ ଚାରାରୋପଣ କରିପାରିବ। କିନ୍ତୁ ତାହା ଜଙ୍ଗଲର ରୂପ ନେବାକୁ ଦଶନ୍ଧିଦଶନ୍ଧି ସମୟ ଲାଗିବ।

ବିକାଶ ନାଁରେ ଭାରତରେ ଯେପରି ଜଙ୍ଗଲ ହ୍ରାସ ପାଇ ଚାଲିଛି, ତାହା ଭାରତର ଜଳବାୟୁକୁ ଗୁରୁତର ଭାବେ ପ୍ରଭାବିତ କରିଚାଲିଛି। ଏଥିପାଇଁ ଆମ ଆଇନକାନୁନରେ ଥିବା ଗଳାବାଟ ମଧ୍ୟ ଦାୟୀ। ହଜାରହଜାର ଏକରରେ ପରିବେଷ୍ଟିତ ଜଙ୍ଗଲକୁ ଶିଳ୍ପସଂସ୍ଥା ହାତକୁ ଟେକି ଦିଆଯାଉଥିବା ବେଳେ ତାହାର ଭରଣା ପାଇଁ ଯେଉଁ ଚାରାରୋପଣ କରାଯାଉଛି, ତାହା ସମୁଦ୍ରକୁ ଶଙ୍ଖେ ମଧ୍ୟ ନୁହେଁ। ଶହଶହ ବର୍ଷର ବିଶାଳ ଦ୍ରୁମ କାଟି, ତା’ ବଦଳରେ ସୌଖୀନ ଗଛ ଲଗାଯିବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଏ କ୍ଷେତ୍ରରେ ଜୈବବିବିଧତାକୁ ମଧ୍ୟ ସଂପୂର୍ଣ୍ଣ ଭାବେ ଅବହେଳା କରାଯାଉଛି। କିଛିଦିନ ତଳେ ଆରାବଲୀ ପର୍ବତମାଳାରେ ଖନନ ପାଇଁ ସରକାର ଉଦ୍ୟତ ହେବା ଏବଂ ଏବେ ଗ୍ରେଟ୍-ନିକୋବର ଦ୍ୱୀପରେ ବିକାଶ ନାମରେ ଶହଶହ ଏକର ଜଙ୍ଗଲକୁ ବଳି ପକାଇବା ପାଇଁ ଉଦ୍ୟମ ଭାରତକୁ ଏକ ବିପଦ ଆଡ଼କୁ ଠେଲି ଦେଉଛି। ପରିବେଶକୁ ବଳି ଦେଇ ବିକାଶର ପରିକଳ୍ପନାର ପରିଣତି କ’ଣ ହୋଇପାରେ ତାହା ପଶ୍ଚିମଘାଟ ପର୍ବତମାଳାର ୱାଇନାଡ଼ ଭୂସ୍ଖଳନ ଆମକୁ ଚେତାଇ ଦେଇଥିଲା। ଅପରିଣାମଦର୍ଶୀ ବିକାଶର ବିନାଶ ଲୀଳା ହିମାଳୟ ପାର୍ବତ୍ୟାଞ୍ଚଳର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦିରେ ପ୍ରାୟତଃ ପ୍ରତିବର୍ଷ ଦେଖିବାକୁ ମିଳୁଛି। ତେଣୁ ଆମ ବିକାଶ ଯୋଜନା ଓ ରୂପାୟନରେ ପୁନଃଚିନ୍ତନର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଛି।

# ଭକ୍ଷକ ଯେଉଁଠି ରକ୍ଷକ ହୁଅନ୍ତି

**ଡ. ବିଜୟକେତନ ପଟ୍ଟନାୟକ**

ଓଡ଼ିଶାରେ ବହୁ ପ୍ରଚଳିତ ଢଗ ମଧ୍ୟରୁ - ‘ରକ୍ଷକ ଯଦି ଭକ୍ଷକ ହୁଏ’ ବା ‘ବାଡ଼ ଯେବେ କ୍ଷେତ ଖାଏ’, ଦୁଇଟିର ଅର୍ଥ ହେଲା ଯାହାକୁ ଘର ଜଣାଇ ଦେଇଯାଇଛି ସେ ଯଦି ଘରେ କଳାକନା ବୁଲାଇ ଦେଲା ତେବେ କାହାକୁ ଦୋଷ ଦେବା? ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକରେ ଥିବା ଚିଲିକା ହ୍ରଦ କୂଳର ମଙ୍ଗଳାଯୋଡ଼ି ଗାଁରେ ଏହି ଉକ୍ତିଟିର ବିପରୀତ ଚମକପ୍ରଦ ଘଟଣାଟିଏ ଘଟିଛି। ଏଠି ଭକ୍ଷକ ରକ୍ଷକ ପାଲଟିଛନ୍ତି। ଯେଉଁମାନେ ଦିନେ ଚିଲିକାରୁ ପକ୍ଷୀ ଶିକାର କରି ପକ୍ଷୀ ମାଂସ ବିକ୍ରୟ କରି ଜୀବିକା ନିର୍ବାହ କରୁଥିଲେ, ସେମାନେ ଆଜି ପକ୍ଷୀ ସଂରକ୍ଷକ ରୂପେ ଦେଶ ବିଦେଶରେ ପରିଚୟ ହାସଲ କରିଛନ୍ତି।

ଚିଲିକା ହ୍ରଦର ଉତ୍ତର ପାର୍ଶ୍ୱ ସୀମାରେ ଅବସ୍ଥିତ ଏକ ପୁରାତନ ଗାଁ ମଙ୍ଗଳାଯୋଡ଼ି। ଭୁବନେଶ୍ୱରରୁ ବ୍ରହ୍ମପୁର ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଟାଙ୍ଗୀର ଦକ୍ଷିଣପୂର୍ବରେ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ ମଙ୍ଗଳାଯୋଡ଼ି ଏକଦା ‘ମାଛୁଆ ଗାଁ’ ହିସାବରେ ପ୍ରସିଦ୍ଧି ଲାଭ କରିଥିଲା। ଗାଁରେ ୧୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ ଦୟା ନଦୀରୁ ପ୍ରବାହିତ ମଧୁର ଜଳ ଏବଂ ଚିଲିକାର ଅନ୍ୟ ଭାଗରୁ ଡେଙ୍ଗା ନଳଘାସ ବଣ ମଝିରେ ଆସିଥିବା ଛୋଟ ଛୋଟ ନାଳରେ କ୍ଷାରୀୟ ଜଳ ପ୍ରବେଶ କରେ। କ୍ଷାରୀୟ ଓ ମଧୁର ଜଳର ମିଶ୍ରଣ ତଥା ସନ୍ତସନ୍ତିଆ ଆର୍ଦ୍ରଭୂମିରେ ଥିବା ବଡ଼ ବଡ଼ ଘାସ ବୁଦାରେ ରହିଥିବା ନୀଡ଼ ଦେଶୀୟ ହ୍ରଦକୂଳିଆ ପକ୍ଷୀମାନଙ୍କ ପାଇଁ ଅଣ୍ଡା ଦେବାର ପ୍ରକୃଷ୍ଟ ସ୍ଥାନ। ସେଠାରେ ମଧ୍ୟ ମହଜୁଦ୍ ଥାଏ ପକ୍ଷୀ ଓ ପକ୍ଷୀଶାବକଙ୍କ ପାଇଁ ପ୍ରଚୁର ଆହାର। ମତ୍ସ୍ୟଜୀବୀମାନଙ୍କ ବ୍ୟତୀତ ଗାଁରେ କେତେକ କୁଶଳୀ କାରିଗର ପରିବାର ମଧ୍ୟ ଥିଲେ, ଯେଉଁମାନଙ୍କର ବେଉସା ଥିଲା ଦେଶୀ ଡଙ୍ଗା ତିଆରି କରି ବିକିବା। ଏବେ ମଧ୍ୟ ମଙ୍ଗଳାଯୋଡ଼ିର ୧୪୦ ଟି ପରିବାର ଦେଶୀ ମାଛଧରା ଡଙ୍ଗା ପାଇଁ ସେମାନଙ୍କ ଉପରେ ନିର୍ଭର କରନ୍ତି।

ସମୟକ୍ରମେ ଗାଁର ଖ୍ୟାତି ବଦଳି ‘ପକ୍ଷୀଶିକାରୀ’ ଗାଁ ଭାବେ ଅପଖ୍ୟାତି ବ୍ୟାପିଗଲା। ଗାଁର ଲୋକମାନେ ଚିଲିକାକୁ ଆସୁଥିବା ବା ଚିଲିକା କୂଳର ଘାସବଣ ପରିବେଷ୍ଟିତ ଆର୍ଦ୍ରଭୂମିରେ ଆଶ୍ରୟ ନେଇଥିବା ଦେଶୀ/ବିଦେଶୀ ପକ୍ଷୀଙ୍କୁ ଶିକାର କରି ସେମାଙ୍କର ମାଂସ ଓ ପକ୍ଷୀବସାରୁ ଅଣ୍ଡା ଚୋରି କରି ବିକ୍ରୟ କରି ଗୁଜୁରାଣ ମେଣ୍ଟେଇବାକୁ ଲାଗିଲେ। ଗାଁର ପିଲାମାନେ ମଧ୍ୟ ଏହି ଅପକୀର୍ତ୍ତିରୁ ବାଦ ପଡ଼ିଲେ ନାହିଁ। ଦାରିଦ୍ର୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର ଅଭାବ ସେମାନଙ୍କୁ ଚିଲିକାରୁ ପକ୍ଷୀଶିକାର କରିବାକୁ ପ୍ରୋତ୍ସାହିତ କରୁଥିଲା। ୧୯୯୦ ମସିହା ପରଠାରୁ ଜାତୀୟ ରାଜପଥରେ ଗଲାବେଳେ ଟାଙ୍ଗୀ- ବାଲୁଗାଁ ମଝିରେ ରାସ୍ତା କଡ଼ରେ ଗଢ଼ି ଉଠିଥିବା ଢାବାମାନଙ୍କରେ ନିଶ୍ଚିତ ଭାବେ ସୁସ୍ୱାଦୁ ପକ୍ଷୀମାଂସ ଓ ଅଣ୍ଡା ମିଳୁଥିଲା। ସ୍ଥିତି ଏପରି ହେଲା ଯେ ୨୦୦୦ ମସିହାରେ ମଙ୍ଗଳାଯୋଡ଼ି ସନ୍ନିକଟ ଚିଲିକା ହ୍ରଦରେ କରାଯାଇଥିବା ପକ୍ଷୀଗଣନାରୁ ସେଠାରେ ମାତ୍ର ୫୦୦୦ ଜଳଚର ପକ୍ଷୀ ଥିବାର ଜଣାପଡ଼ିଲା।

ସେ ସମୟରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ବାଲୁଗାଁସ୍ଥିତ ବନ୍ୟପ୍ରାଣୀ ଡିଭିଜନର ବନ ବିଭାଗ ଅଧିକାରୀ ଓ କର୍ମଚାରୀବୃନ୍ଦ ମଙ୍ଗଳାଯୋଡ଼ି ଗାଁର ପକ୍ଷୀଶିକାରୀମାନଙ୍କ ମନରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କଲେ। ୧୯୯୦ ମସିହା ପରଠାରୁ ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ସଂସ୍ଥା ‘ୱାଇଲଡ ଓଡ଼ିଶା’ ମଧ୍ୟ ଗାଁର ଶିକାରୀମାନଙ୍କୁ ସଂଗଠିତ କରି ସେମାନେ କିପରି ଅବୈଧ ପକ୍ଷୀ ଶିକାରରୁ ଓହରିଯିବେ ଏବଂ ପ୍ରତିବଦଳରେ ସେମାନଙ୍କୁ ସୁରକ୍ଷା ଓ ସଂରକ୍ଷଣ ମିଳିବ ସେ ଦିଗରେ ପ୍ରବର୍ତ୍ତାଇଲେ। ବନ ବିଭାଗ ଏହି ପ୍ରଚେଷ୍ଟାରେ ଉତ୍ପ୍ରେରକ ଭାବେ କାର୍ଯ୍ୟ କଲା। ଚିଲିକାରୁ ପକ୍ଷୀଶିକାର କରି ଜୀବିକା ଅର୍ଜନ କରିବା ପରିବର୍ତ୍ତେ କିପରି ପକ୍ଷୀସୁରକ୍ଷା ତଥା ସଂରକ୍ଷଣ କରାଯାଇପାରିବ ଏବଂ ପ୍ରକୃତି ପ୍ରେମୀ, ପକ୍ଷୀପ୍ରେମୀ, ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ମଙ୍ଗଳାଯୋଡ଼ିରେ ପାରିପାର୍ଶ୍ୱିକ ପର୍ଯ୍ୟଟନର ବିକାଶ କରାଯାଇ ପାରିବ ସେଥିପାଇଁ ବନ ବିଭାଗ ଯୋଗାଇ ଦେଲା ଆବଶ୍ୟକୀୟ ଅର୍ଥ, ଭିତ୍ତିଭୂମି, ନୌକା, ଦୂରବୀକ୍ଷଣ ଯନ୍ତ୍ର, ପକ୍ଷୀମାନଙ୍କ ଉପରେ ପୁସ୍ତକ ଏବଂ ପ୍ରକୃତି ପର୍ଯ୍ୟଟନ ନିମନ୍ତେ ତମ୍ବୁ ଇତ୍ୟାଦି ଆବଶ୍ୟକୀୟ ସାଜସରଞ୍ଜାମ। ଗାଁର ଲୋକମାନଙ୍କୁ ପକ୍ଷୀମାନଙ୍କର ଇଂରାଜୀ ନାମ ଶିଖେଇବା ସହିତ ଆତିଥେୟତା ଓ ପର୍ଯ୍ୟଟକମାନଙ୍କ ସହିତ ବ୍ୟବହାର ବିଷୟରେ ମଧ୍ୟ ତାଲିମ୍ ଦିଆଗଲା।

ବନ ବିଭାଗର ପ୍ରଥମ ଉଦ୍ୟମ ଥିଲା, ଶିକାରୀମାନଙ୍କୁ ସେମାନଙ୍କର କାର୍ଯ୍ୟକଳାପ ନିମନ୍ତେ ଦଣ୍ଡ ଦେବା ପରିବର୍ତ୍ତେ ପକ୍ଷୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ସହଯୋଗ ଲୋଡ଼ିବା। ଏହି ପ୍ରଚେଷ୍ଟାରୁ ୨୦୦୦ ମସିହାରେ ମଙ୍ଗଳାଯୋଡ଼ି ଗାଁରେ ଜନ୍ମ ନେଲା ‘ମହାବୀର ପକ୍ଷୀସୁରକ୍ଷା ସମିତି’। ପକ୍ଷୀଶିକାର ପରିବର୍ତ୍ତେ ସେମାନେ ଆପଣେଇ ନେଲେ ପ୍ରକୃତି ପର୍ଯ୍ୟଟନର ମାର୍ଗ ଦର୍ଶକ। ଦେଶୀ, ବିଦେଶୀ ପକ୍ଷୀମାନଙ୍କୁ ଚିହ୍ନଟ କରି ପକ୍ଷୀପ୍ରେମୀ ପର୍ଯ୍ୟଟକମାନଙ୍କୁ ଦେଖାଇବାରେ ସେମାନଙ୍କର ଚିଲିକାର ପକ୍ଷୀମାନଙ୍କ ସଂପର୍କରେ ଥିବା ପାରମ୍ପରିକ ଜ୍ଞାନ ବେଶ ସହାୟକ ହେଲା। ଚିଲିକାର ‘ବୀରାପ୍ପାନ’ ଭାବେ ପରିଚିତ ଶିକାରୀ ଦଳର ମୁଖ୍ୟ ପକ୍ଷୀ ସଂରକ୍ଷଣରେ ପ୍ରମୁଖ ଉଦ୍ୟୋକ୍ତା ପାଲଟିଗଲା। ତାଙ୍କ ନେତୃତ୍ୱରେ ଗାଁର ପକ୍ଷୀଶିକାରୀମାନେ ସେମାନଙ୍କ ନିକଟରେ ଥିବା ଜାଲ, ଫାସ, ଖେପା, ତେଣ୍ଟା ଆଦି ହାତହତିଆର ବନ ବିଭାଗ ନିକଟରେ ସମର୍ପଣ କରି ଗ୍ରାମ ନିକଟସ୍ଥ ଆର୍ଦ୍ରଭୂମିକୁ ଆସୁଥିବା ପକ୍ଷୀମାନଙ୍କୁ ସର୍ବାନ୍ତକରଣରେ ସୁରକ୍ଷା ଦେବା ପାଇଁ ଶପଥ ନେଲେ।

‘ମହାବୀର ପକ୍ଷୀ ସୁରକ୍ଷା ସମିତି’କୁ ଆମ ରାଜ୍ୟରେ ୨୦୦୫ ମସିହାଠାରୁ ପ୍ରଚଳନ କରାଯାଇଥିବା ‘ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର’ ୨୦୦୭ ମସିହାରେ ଗୋଷ୍ଠୀଗତ ଉଦ୍ୟମରେ ପକ୍ଷୀ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ପ୍ରଦାନ କରାଗଲା। ‘ପ୍ରକୃତି ବନ୍ଧୁ’ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଗଲା। ରାଜ୍ୟସ୍ତରୀୟ ପୁରସ୍କାର ଲାଭ କରି ସମିତିର ସଭ୍ୟ ତଥା ଗ୍ରାମବାସୀ ଅଧିକ ଉତ୍ସାହିତ ହେଲେ। ବନ ବିଭାଗ ମଙ୍ଗଳାଯୋଡ଼ି ଗ୍ରାମବାସୀଙ୍କୁ ସାମାଜିକ ସ୍ୱୀକୃତି ଓ ଭିତ୍ତିଭୂମି ଯୋଗଇଦେବାରେ ସହଯୋଗର ହାତ ବଢ଼ାଇଲା। ସେମାନଙ୍କୁ ଚିଲିକାରେ ରାତ୍ରିକାଳୀନ ପକ୍ଷୀ ଜଗୁଆଳ ଭାବେ ନିଯୁକ୍ତି ଦେଲା। ପର୍ଯ୍ୟଟନ ଗାଇଡ୍ ଭାବେ ସାର୍ଟିଫିକେଟ୍ ପ୍ରଦାନ କଲା।

ନୈତିକତା ପର୍ଯ୍ୟଟନ ଥିଲା ସେମାନଙ୍କର ମୂଳମନ୍ତ୍ର। ଅର୍ଥାତ୍ ଅଧିକ ବା କ୍ଷଣିକ ଲାଭ ଆଶାରେ ପକ୍ଷୀସମ୍ବଳକୁ ଉତ୍ପୀଡ଼ନ ନ କରିବା, ପର୍ଯ୍ୟଟକମାନଙ୍କୁ ଚିଲିକା ଆର୍ଦ୍ରଭୂମିରେ ବୁଲାଇବା ସମୟରେ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବହାର ନ କରି ଦେଶୀ ଡଙ୍ଗା ବ୍ୟବହାର କରିବା, ଆର୍ଦ୍ରଭୂମିର ନଳ ଘାସ ବଣ ଭିତରେ କୂଳରେ ରହୁଥିବା ପକ୍ଷୀମାନଙ୍କର ନୀଡ଼ ବା ଅଣ୍ଡା ଦେଇଥିବା ସ୍ଥାନକୁ ନ ଯିବା କାରଣ ମଙ୍ଗଳାଯୋଡ଼ି ଘେର ହିଁ ଅନେକ ସ୍ଥାନୀୟ ପକ୍ଷୀଙ୍କର ପ୍ରଜନନ ସ୍ଥଳୀ। ତୃତୀୟରେ ପକ୍ଷୀମାନଙ୍କର କଳରବକୁ ରେକର୍ଡ କରି ପର୍ଯ୍ୟଟନମାନଙ୍କୁ ଶୁଣାଇ ଭ୍ରମିତ ନ କରିବା ଇତ୍ୟାଦି।

ପରିବେଶ ଓ ପରିସଂସ୍ଥା ଉପରେ କମ ପ୍ରଭାବ ପକାଉଥିବା ଢଙ୍ଗରେ ପକ୍ଷୀ ପର୍ଯ୍ୟଟନକୁ ଆଦରି ନେଇଥିବା ସେମାନଙ୍କର ଉଦ୍ୟମ ଏବେ ଫଳପ୍ରସୂ ହେବାରେ ଲାଗିଛି। ମଙ୍ଗଳାଯୋଡ଼ି ସନ୍ନିକଟ ଚିଲିକା ଆର୍ଦ୍ରଭୂମିରେ ଏବେ ଦୁଇ ଲକ୍ଷରୁ ଅଢ଼େଇଲକ୍ଷ ପକ୍ଷୀ ଦେଖିବାକୁ ମିଳୁଛନ୍ତି। ପ୍ରତିବର୍ଷ ଶୀତ ଋତୁରେ ଏଠାରେ ଦେଖିବାକୁ ମିଳୁଥିବା ପକ୍ଷୀମାନଙ୍କ ଭିତରେ ଅଛନ୍ତି ସ୍ଥାନୀୟ ବ୍ରାଜକ ପକ୍ଷୀ ଯଥା: ବଗ ପକ୍ଷୀ, ବାଜପକ୍ଷୀ, ଦେଶ ବିଦେଶରୁ ପରିବ୍ରଜନରେ ଆସୁଥିବା ପକ୍ଷୀ ଯଥା କୁରାରୀ, ଟିଟ୍ଟିଭ, ବାଲିତେଣ୍ଟେଇ, ଗେଣ୍ଡି, ପଣ୍ଡା ହଂସ, ଚଟୁଆ ଗେଣ୍ଡି, ଲାଞ୍ଜୁଆ ବତକ ଇତ୍ୟାଦି। ଏହାଛଡ଼ା ଚିଲିକା ତଟରେ ରହୁଥିବା ଏବଂ ଗାଁ ପାଖ ଆର୍ଦ୍ରଭୂମିର ନଳଘାସରେ ଅଣ୍ଡା ଦେଉଥିବା ପକ୍ଷୀ କାଣ୍ଟିଆବଗ, କୁଜି ବଗ, ଡାହୁକ, ଗେଣ୍ଡାଳିଆ, ପାଣିକୁଆ, ଅଞ୍ଜନା ଅନ୍ୟତମ।

ପୂର୍ବରୁ ପକ୍ଷୀ ଶିକାର କରି ଚଳୁଥିବା ମଙ୍ଗଳାଯୋଡି ଗାଁର ୮୫ ଟି ପରିବାର ଏବେ ପର୍ଯ୍ୟଟକମାନଙ୍କୁ ଦେଶୀ ଡଙ୍ଗାରେ ବୁଲାଇ, ପକ୍ଷୀଦେଖାଇ ଗୁଜୁରାଣ ମେଣ୍ଟାଉଛନ୍ତି। ରୟାଲ ବ୍ୟାଙ୍କ ଅଫ ସ୍କଟଲ୍ୟାଣ୍ଡ (ଆର୍‌ବିଏସ୍) ଫାଉଣ୍ଡେସନର ଭାରତରେ ଥିବା ଶାଖା ଏଠାରେ ମଙ୍ଗଳାଯୋଡ଼ି ପର୍ଯ୍ୟଟନ ଟ୍ରଷ୍ଟ ଗଠନ କରି ସହନୀୟ ପର୍ଯ୍ୟଟନ ବିକାଶର ରାସ୍ତା ଦେଖାଇଛନ୍ତି। ୨୦୧୮ ମସିହାରେ ଏହି ସଂଗଠନକୁ ସ୍ପେନର ମାଦ୍ରିଦ୍‌ଠାରେ ମିଳିଛି ‘ଇନୋଭେଟିଭ ଇନ୍ ଟୁରିଜିମ’ ପୁରସ୍କାର। ମଙ୍ଗଳାଯୋଡ଼ି ଏବେ ପକ୍ଷୀ ସଂରକ୍ଷଣ ଓ ପକ୍ଷୀସଂଭାରର ବ୍ୟାପକତା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସୁବିଦିତ। ଏବେ ଭକ୍ଷକ ସାଜିଛନ୍ତି ରକ୍ଷକ। ପକ୍ଷୀଶିକାରୀ ସାଜିଛନ୍ତି ପକ୍ଷୀସଂରକ୍ଷକ। ଯଥାର୍ଥରେ କୁହାଯାଏ ଯେଉଁଠି ସ୍ଥାନୀୟ ଲୋକମାନେ ସଂରକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି, ସେଠି ପ୍ରକୃତି ମଧ୍ୟ ଅନୁରୂପ ଉତ୍ତର ଦେଇ ନିଜର ପୂର୍ବାବସ୍ଥାକୁ ଫେରିଆସେ।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟ ପ୍ରାଣୀ ସଂରକ୍ଷକ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଲଞ୍ଚ ବ୍ରେକ୍ ..., ସର୍ଭର ଡାଉନ୍ ...

**ମହମ୍ମଦ ହିଫଜୁର ରହେମାନ୍**

କିଛିଦିନ ହେବ ସାମାଜିକ ଗଣମାଧ୍ୟମରେ ଏକ ରିଲ୍‌ସ ଭାଇରାଲ ହେବାରେ ଲାଗିଛି। ରିଲ୍‌ସଟି ଏମିତି - ଜଣେ ଗୋପାଳକ ଗାଈମାନଙ୍କ ସେବାରେ ବ୍ୟସ୍ତ ଥିବା ବେଳେ ଜଣେ ଭଦ୍ର ବ୍ୟକ୍ତି ସେଠାରେ ପହଞ୍ଚନ୍ତି। ଗୋପାଳକ ତାଙ୍କୁ ଦେଖି ହଡ଼ବଡ଼େଇ ଗଲେ। ଲାଗୁଥିଲା ସେ ଯେମିତି ତାଙ୍କୁ ଚିହ୍ନିଛନ୍ତି। ଏହି ସମୟରେ ଭଦ୍ରବ୍ୟକ୍ତି ଜଣକ ପଚାରିଲେ, ‘କ୍ଷୀର ମିଳିବ?’ ଗୋପାଳକ ହାତଘଣ୍ଟାକୁ ଦେଖି କହିଲେ, ‘ଏବେ ସମ୍ଭବ ନୁହେଁ।’ ‘କାହିଁକି’ ବୋଲି ଭଦ୍ରବ୍ୟକ୍ତି ପଚାରିବାରୁ ଉତ୍ତର ମିଳିଲା, ‘କ୍ଷୀର ଦୁହୁଁଥିବା ବାଳକ ଖାଇବାକୁ ଯାଇଛି, ଆପଣ ଘଣ୍ଟାଏ ପରେ ଆସନ୍ତୁ।’ ଭଦ୍ରବ୍ୟକ୍ତି ଯେତେ କାକୁତିମିନତି ହେଲେ ମଧ୍ୟ ଗୋପାଳକ ଅସହାୟ ଥିବା କହିଲେ।

ଘଣ୍ଟାଏ ପରେ ଭଦ୍ର ବ୍ୟକ୍ତି ଆସି ପଚାରିଲେ, ‘ଆପଣଙ୍କ ପିଲା ଆସିଲା?’ ଗୋପାଳକ କହିଲେ, ‘ହଁ ଆସିଲାଣି। ଟିକିଏ ଅପେକ୍ଷା କରନ୍ତୁ, ସେ ଦୁହୁଁଛି।’ ଅପେକ୍ଷା କରୁ କରୁ ଘଣ୍ଟାଏ ବିତିଲା। ବ୍ୟସ୍ତ ହୋଇ ଭଦ୍ରବ୍ୟକ୍ତି କହିଲେ, ‘ଆରେ ବାବୁ ଶୀଘ୍ର ଦେ, ଘରେ ଅସୁବିଧା ଅଛି।’ ଗୋପାଳକ ଗୁହାଳ ଭିତରକୁ ଯାଇ ଖାଲି ହାତରେ ଫେରିଲେ ଓ କହିଲେ, ‘ସରି ସାର। ସର୍ଭର ଡାଉନ୍ ଅଛି, ଗାଈ କ୍ଷୀର ଦେଇପାରୁନି।’ ଏହା ଶୁଣି ବିରକ୍ତ ହେଲେ ବ୍ୟକ୍ତି ଜଣକ। କହିଲେ, ‘ପାଗଳ ଟା ନା କ’ଣ? ଗାଈ କ୍ଷୀର ସହ ସର୍ଭରର କି ସମ୍ପର୍କ? ମୋ ସାଙ୍ଗରେ ଥଟ୍ଟା କରୁଛୁ?’ ଗୋପାଳକ କହିଲେ, ‘ହଁ ଆଜ୍ଞା, ମୁଁ ପାଗଳ। ଆପଣଙ୍କ ଭଳି ଲୋକ ମତେ ପାଗଳ କରିଦେଇଛନ୍ତି। ଆପଣ ସେହି ବ୍ୟାଙ୍କ ମ୍ୟାନେଜର ନା? ମୁଁ ଆପଣଙ୍କ ପାଖକୁ ଯାଇ ଏମିତି ଅନେକବାର ନିରାଶ ହୋଇଛି। ନିଜର ପଇସା ଉଠାଇବାକୁ ଯାଇଥିଲି, ଋଣ ପାଇଁ ନୁହେଁ। ଧାଡ଼ିରେ ଛିଡ଼ା ହେଲା ବେଳେ କେବେ ଲଞ୍ଚ ବ୍ରେକ୍ ହୋଇଯାଏ, କେବେ କେବେ ସର୍ଭର ଡାଉନ୍ ହୋଇଯାଏ। ଆପଣଙ୍କୁ ଗୁହାରି କରିଥିଲି, ମ୍ୟାନେଜର ହେଇ କି ମଧ୍ୟ ଆପଣଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା, ଲଞ୍ଚ ବ୍ରେକ...ସର୍ଭର ଡାଉନ୍...। ମୁଁ ମା’ଙ୍କର ମେଡିକାଲ ଖର୍ଚ୍ଚ ପାଇଁ ଟଙ୍କା ଉଠାଇବାକୁ ଯାଇ ଏମିତି ହଇରାଣ ହୋଇଥିଲି। ଏବେ ଆପଣଙ୍କ ଛୁଆ ପାଇଁ ଆପଣ ଯେମିତି ବ୍ୟସ୍ତ ହେଉଛନ୍ତି, ମୁଁ ମୋ ମା’ ପାଇଁ ମଧ୍ୟ ଏହାଠାରୁ ଅଧିକ ବ୍ୟାକୁଳ ହୋଇଥିଲି। ଯେତେ କାକୁତିମିନତି କରିଥିଲେ ମଧ୍ୟ କିଛି ଫଳ ମିଳିନଥିଲା।

ଏହି ରିଲ୍‌ସଟି କେବଳ ବ୍ୟାଙ୍କ ନୁହେଁ, ପ୍ରାୟ ସମସ୍ତ ସରକାରୀ ବ୍ୟବସ୍ଥାରେ ଥିବା ସମ୍ବେଦନହୀନତାକୁ ଦର୍ଶାଉଛି। ବ୍ୟାଙ୍କ ହେଉ କି ଅନ୍ୟ କୌଣସି ସରକାରୀ ଦପ୍ତର ସେଠାରେ ସାଧାରଣ ଲୋକ ‘ଲଞ୍ଚ ବ୍ରେକ’ ଓ ‘ସର୍ଭର ଡାଉନ୍’, ଏହି ଦୁଇଟି କଥା ଶୁଣି ଶୁଣି କାନ ପଚିଗଲାଣି। ଲଞ୍ଚ ବ୍ରେକ ହେଉ କି ସର୍ଭର ଡାଉନ୍ ହେଉ, ମ୍ୟାନେଜର/ଅଫିସରଙ୍କ ଚାମ୍ବରରେ କିନ୍ତୁ ସେବା ଚାଲିଥିବ। ଜଣେ ସାଧାରଣ ନାଗରିକ ୧୦ ହଜାର ଟଙ୍କା ଋଣ ପାଇଁ ବ୍ୟାଙ୍କ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ୧୦ କୋଟି ଋଣ ନେଉଥିବା ବ୍ୟକ୍ତି ବ୍ୟାଙ୍କ ମ୍ୟାନେଜରଙ୍କ ଚାମ୍ବରରେ ବସି ଆରାମରେ ସେବା ହାସଲ କରିନେଉଛି। ଏଭଳି ଘଟଣା ସବୁଠି ଘଟୁଛି ବୋଲି କହିବା ବୋଧହୁଏ ଭୁଲ ହୋଇପାରେ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସାଧାରଣ ବ୍ୟକ୍ତି ଜଣକ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସାଧାରଣ କଥାରେ ପରିଣତ ହୋଇଗଲାଣି।

କେନ୍ଦୁଝରର ଜିତୁ ମୁଣ୍ଡା ଘଟଣା ସାଧାରଣ ଓ ଗରିବ ଲୋକର ଯନ୍ତ୍ରଣା କଥାକୁ ପୁଣି ତାଜା କରିଦେଇଛି। ବ୍ୟାଙ୍କ ଅଧିକାରୀ କହୁଛନ୍ତି ଯେ ନିୟମ ଅନୁଯାୟୀ ହିଁ କାମ ହୋଇଛି। ଏଥିରେ ଆମର କୌଣସି ତ୍ରୁଟି ନାହିଁ। ଜିତୁ ମୁଣ୍ଡା ପାଖରେ ଡେଥ୍ ସାର୍ଟିଫିକେଟ ନଥିଲା, କି ଲିଗାଲ ହେୟାର ସାର୍ଟିଫିକେଟ ନଥିଲା। ତା’ ପାଖରେ ଯଦି ଏହିସବୁ ସାର୍ଟିଫିକେଟ୍ ନଥିଲା, ତା’ହେଲେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବ୍ୟାଙ୍କ ଅଧିକାରୀ ତା’ ଘରେ ପହଞ୍ଚି କେମିତି ଟଙ୍କା ଦେଲେ? କ’ଣ ଦୁଇତିନି ଦିନ ମଧ୍ୟରେ ଏହିସବୁ ସାର୍ଟିଫିକେଟ ମିଳିଗଲା? ଯେଉଁ ସାର୍ଟିଫିକେଟ ପାଇଁ ସାଧାରଣ ଲୋକକୁ ମାସ ମାସ ଧରି ଅଫିସ ଦୌଡ଼ିବାକୁ ପଡ଼େ ଏବଂ ସେଠାରେ ଲଞ୍ଚ ବ୍ରେକ ଓ ସର୍ଭର ଡାଉନ୍ କଥା ଶୁଣିବାକୁ ପଡ଼େ ସେଠି ଦୁଇଦିନ ମଧ୍ୟରେ ମିଳିଗଲା କେମିତି? ଏଥିରେ ଅଧିକାରୀଙ୍କର କୌଣସି ଭୂମିକା ନାହିଁ? ଗଣମାଧ୍ୟମରେ ଏହି କଥାଟି ଭାଇରାଲ ହୋଇ ନ ଥିଲେ ଜିତୁ ମୁଣ୍ଡାଙ୍କୁ ନ୍ୟାୟ ମିଳି ନ ଥା’ନ୍ତା। ଏହି ଘଟଣାଟି ଏମିତି ଭାଇରାଲ ହେଲା ଯେ କିଛି ସମ୍ବେଦନହୀନ ଅଧିକାରୀଙ୍କ ପାଇଁ ଓଡ଼ିଶାର ଭାବମୂର୍ତ୍ତି ଦେଶବିଦେଶରେ କ୍ଷୁଣ୍ଣ ହେଲା।

ଅଧିକାରୀମାନେ ସବୁକଥାରେ ବ୍ୟବସ୍ଥାଗତ ତ୍ରୁଟିକୁ ଦୋଷ ଦେଇ ଖସିବାକୁ ଚେଷ୍ଟା କରୁଛନ୍ତି। ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଜଣେ ସାଧାରଣ ବ୍ୟକ୍ତି ଯନ୍ତ୍ରଣାର ଶିକାର ହେଉଛି ବୋଲି କହିବା ଠିକ୍ ନୁହେଁ। ସାଧାରଣ ଲୋକକୁ ଯେଉଁ କଥାଟି ବେଶି କଷ୍ଟ ଦେଉଛି, ତା’ହେଲା ଅଫିସର ଓ କର୍ମକର୍ତ୍ତାଙ୍କ ପାଖରେ ମାନବିକତାର ଅଭାବ। ସରକାର ଯେତେସବୁ ବିଧି ବ୍ୟସ୍ଥା କରୁଛନ୍ତି, ତାହା ସାଧାରଣ ଲୋକର ସେବା ପାଇଁ ଉଦ୍ଦିଷ୍ଟ। କିନ୍ତୁ କର୍ମଚାରୀ/ଅଧିକାରୀଙ୍କ ସମ୍ବେଦନହୀନତା ଏବଂ ମାନବିକତାର ଅଭାବ ଏହିସବୁ ବ୍ୟବସ୍ଥାକୁ ନଷ୍ଟଭ୍ରଷ୍ଟ କରିଦେଉଛି। ଯେଉଁଥିପାଇଁ ଜଣେ ବ୍ୟକ୍ତି ଅବସର ପରେ ବି ବର୍ଷ ବର୍ଷ ଧରି ନିଜର ପ୍ରାପ୍ୟ ପାଇଁ ଅପେକ୍ଷା କରି କରି ଆଖିବୁଜୁଛି। ଯୋଗ୍ୟତା ଥାଇ କାହାକୁ ଭତ୍ତା ମିଳୁନାହିଁ ତ କିଏ ନ୍ୟାୟ ଅପେକ୍ଷାରେ ସଢ଼ୁଛି। ଯେଉଁଦିନ ଆମ ଅଫିସର/କର୍ମଚାରୀ ସମ୍ବେଦନଶୀଳ ହୋଇଯିବେ, ସବୁ ବ୍ୟବସ୍ଥା ଠିକ୍ ଭାବେ କାମ କରିବା ଆରମ୍ଭ କରିବ।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

# ବାବନା ବନ୍ଧ ଓ ଗୁଣ୍ଡିଚା ମନ୍ଦିର ସୁରକ୍ଷା

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ମହାତ୍ମା ଯଶୋବନ୍ତ ଦାସ ଦେବୀ ନଦୀ ନିକଟ ଅଡ଼ଙ୍ଗ ଗଡ଼ରେ ଆଶ୍ରମ ସ୍ଥାପନ କରି ଜଣେ ଗୃହୀ ସନ୍ନ୍ୟାସୀ ଭାବେ ସାଧନାରେ ରତ ଥିଲେ। ନିଜର ସିଦ୍ଧି ବଳରେ ସେ ଅନେକ ଅଲୌକିକ କ୍ଷମତାର ଅଧିକାରୀ ଥିଲେ। ଥରେ ଯଶୋବନ୍ତ ଶିଷ୍ୟଙ୍କ ଗହଣରେ ଗାଆଁ ପାଖରେ ବୁଲୁ ଥିଲା ବେଳେ ଜଣେ ସ୍ତ୍ରୀଲୋକ ପିଠା ନେଇ ଘରକୁ ଫେରୁଥିଲେ। ଶିଷ୍ୟମାନେ ଖାଇବାକୁ ମାଗିବାରୁ ସ୍ତ୍ରୀଲୋକ ଜଣକ ଟୋକେଇରୁ ପିଠା ବାହାର କରି ସେମାନଙ୍କୁ ଦେଲେ। କିନ୍ତୁ ଶିଷ୍ୟମାନେ ଖାଉ ଖାଉ ସବୁପିଠା ଖାଇ ଦେଲେ। ଏହା ଦେଖି ସ୍ତ୍ରୀ ଲୋକ ଜଣକ ଶାଶୂନଣନ୍ଦଙ୍କ ଗଞ୍ଜଣା ଭୟରେ କାନ୍ଦିବାକୁ ଲାଗିଲା। ଏହା ଦେଖି ମହାତ୍ମା ଯଶୋବନ୍ତ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ। କ୍ଷଣକ ଭିତରେ ସ୍ତ୍ରୀଲୋକଙ୍କ ଶୂନ୍ୟ ଟୋକେଇ ମହାପ୍ରସାଦରେ ପୂର୍ଣ୍ଣ ହୋଇଗଲା। ଆଉ ଦିନେ ମହାପୁରୁଷ ଅଚ୍ୟୁତାନନ୍ଦ ଯଶୋବନ୍ତଙ୍କୁ ଭେଟିବା ପାଇଁ ଗୋଟିଏ ବାଘ ଛାଲ ଉପରେ ବସି ଶୂନ୍ୟମାର୍ଗରେ ଉଡ଼ି ଆସୁଥିଲେ। ସେତେବେଳେ ଯଶୋବନ୍ତ ପିଣ୍ଡାରେ ବସି ଦାନ୍ତ ଘସୁ ଥିଲେ। ସେ ଦୂରରୁ ଅଚ୍ୟୁତାନନ୍ଦଙ୍କୁ ଦେଖି ସଂଗେସଂଗେ ବସିଥିବା ପିଣ୍ଡାକୁ ଆଜ୍ଞା ଦେଲେ। ପିଣ୍ଡା ଯଶୋବନ୍ତଙ୍କୁ ଧରି ଆକାଶ ମାର୍ଗରେ ଉଡ଼ି ଚାଲିଲା। ଅଧା ବାଟରେ ଦୁହେଁ ପରସ୍ପରକୁ ଭେଟିଲେ। ସେହିଦିନଠାରୁ ସେ ଯାଗାର ନାଆଁ ରହିଲା ଭେଟକଣା। ସେହିପରି ଆହୁରି ଅନେକ ଅଲୌକିକ ଘଟଣା ଯୋଗୁଁ ସେ ଅଞ୍ଚଳର ଲୋକମାନେ ସେମାନଙ୍କର ଯାବତୀୟ ସମସ୍ୟାର ସମାଧାନ ପାଇଁ ମହାତ୍ମାଙ୍କ ଆଶୀର୍ବାଦ ପ୍ରାର୍ଥନା କରୁଥିଲେ ଏବଂ ତାଙ୍କୁ ନିଜର ଗୁରୁ ମାନ୍ୟ କରୁଥିଲେ। କୁହାଯାଏ ଯେ ଜଣେ ବାବନା ଭୂତ ଅଶରୀରୀ ହେଲେ ମଧ୍ୟ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲା ଏବଂ ଗୁରୁଙ୍କ ଆଦେଶରେ ଅସାଧ୍ୟ ସାଧନ କରିପାରୁଥିଲା।

ଥରେ ଦେବୀ ନଦୀରେ ପ୍ରବଳ ବନ୍ୟା ଆସିଲା। ଗାଆଁଗଣ୍ଡାରେ ପାଣି ପଶିଲା। ଯେତେ ଚେଷ୍ଟା କଲେ ମଧ୍ୟ ଲୋକମାନେ ଘାଇ ବନ୍ଧେଇ ପାରିଲେ ନାହିଁ। ଅଧିକାଂଶ ଲୋକ ଘର ଚାଳ ଉପରେ ଉପାସ ଭୋକରେ ଦିନ କଟେଇଲେ। ଶେଷରେ କିଛି ଲୋକ ଅଡ଼ଙ୍ଗ ଗଡ଼ରେ ମହାତ୍ମା ଯଶୋବନ୍ତଙ୍କ ଶରଣାପନ୍ନ ହୋଇ ବିପଦରୁ ଉଦ୍ଧାର କରିବାକୁ ନିବେଦନ କଲେ। ଯଶୋବନ୍ତ ତନ୍ତ୍ର ଶିରୋମଣି ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ। ତା’ ପରେ ସେ ବାବନା ଭୂତକୁ ଡାକି ନଦୀ ବନ୍ଧର ଘାଇ ବାନ୍ଧିଦେବାକୁ ଆଦେଶ ଦେଲେ। ସେ ଦିନ ରାତି ପାହିବା ବେଳକୁ ଘାଇ ବନ୍ଧା କାମ ସରି ଯାଇଥିଲା। ନଦୀ ପାଣି ନଦୀରେ ଯାଉଥିଲା। ଲୋକମାନେ ଏକ ବଡ଼ ବିପଦରୁ ରକ୍ଷା ପାଇଗଲେ। ସମସ୍ତେ ମହାତ୍ମାଙ୍କ ପାଖକୁ ଯାଇ କୃତଜ୍ଞତା ଜ୍ଞାପନ କଲେ। ଯଶୋବନ୍ତ କହିଲେ, ‘ଏ ଘାଇ ମୁଁ ବନ୍ଧେଇ ନାହିଁ। ମୋର ଶିଷ୍ୟ ବାବନା ଭୂତ ନାମକ ଜଣେ ଅଶରୀରୀ ପ୍ରେତ ରାତିକ ଭିତରେ ଏ ଚମତ୍କାରିତା କରି ଦେଖେଇଛି। ତା’ର ଉପକାରକୁ ସବୁଦିନ ପାଇଁ ମନେ ରଖିବାକୁ ନଦୀ ବନ୍ଧର ସେହି ଅଂଶ ‘ବାବନା ବନ୍ଧ’ ନାମରେ ନାମିତ ହେବ।’

ଏହି ଘଟଣା ପରେ ଦିନେ ରାତିଅଧରେ ବାବନା ଭୂତ ସନ୍ଥଙ୍କ ପାଖରେ ପହଞ୍ଚି କହିଲା, ‘ଗୁରୁଦେବ! କୋଉ ଜନ୍ମର କୋଉ ପାପର ପରିଣାମ ସ୍ୱରୂପ ମୁଁ ଆଜି ଅଶରୀରୀ ପ୍ରେତ ହୋଇ ଘୂରି ବୁଲୁଛି। ଆପଣ କୃପା କଲେ ମୁଁ ଏ ପ୍ରେତଜନ୍ମରୁ ମୁକ୍ତି ଲାଭ କରି ପାରନ୍ତି।’ ଯଶୋବନ୍ତ କହିଲେ, ‘ବାବନା, ତମେ ମୋ ଆଦେଶରେ ଦେବୀ ନଦୀର ଘାଇ ବନ୍ଧେଇ ଅଞ୍ଚଳ ଲୋକଙ୍କର ଅସୀମ ଉପକାର କରିଛ। ମୁଁ ତୁମ ପାଖରେ ଋଣୀ। କିନ୍ତୁ ତୁମର ପ୍ରେତଜନ୍ମ ବିଧିନିର୍ଦ୍ଦିଷ୍ଟ। ବିଧିର ବିଧାନରେ ହସ୍ତକ୍ଷେପ କରିବା ମୋ କ୍ଷମତାର ବାହାରେ। କିନ୍ତୁ ମୁଁ ତୁମକୁ ଏପରି ଏକ ପୁଣ୍ୟ କର୍ମରେ ନିଯୁକ୍ତ କରିବି, ଯା’ ଫଳରେ ତୁମର ପ୍ରେତଜନ୍ମ ଧନ୍ୟ ହୋଇଯିବ। ତୁମେ ଏକମାତ୍ର ପ୍ରେତ, ଯାହାକୁ ମହାପ୍ରଭୁ ଜଗନ୍ନାଥଙ୍କ ସେବା କରିବାର ସୁଯୋଗ ମିଳିବ। ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ନଅ ଦିନ ଅବସ୍ଥାନ କରନ୍ତି। ବର୍ଷର ବାକି ସମୟରେ ଏ ମନ୍ଦିର ଅସୁରକ୍ଷିତ ହୋଇଥାଏ। ତୁମେ ଏହି ମନ୍ଦିରର ସୁରକ୍ଷା ଦାୟିତ୍ୱରେ ରହିବ। ଯେତେବେଳେ ନବ ଦିନ ଯାତ୍ରା ପାଇଁ ମହାପ୍ରଭୁ ଗୁଣ୍ଡିଚା ଅବସ୍ଥାନ କରିବେ, ସେତେବେଳେ ମହାପ୍ରଭୁଙ୍କ ଦେବଭୋଗ୍ୟ ମହାପ୍ରସାଦ ତୁମକୁ ପ୍ରାପ୍ତ ହେବ।’ ବାବନା ଭୂତ ଏହା ଶୁଣି କହିଲା, ‘ଗୁରୁଦେବ, ମୋର ପ୍ରେତଜନ୍ମରୁ ମୁକ୍ତି ଦରକାର ନାହିଁ। ଅନେକ ବର୍ଷର ତପସ୍ୟା ପରେ ଦେବତାମାନଙ୍କୁ ମଧ୍ୟ ଯେଉଁ ସେବା ଦୁର୍ଲଭ, ସେ ସେବା କେବଳ ଆପଣଙ୍କ କୃପାରୁ ମୋ ପରି ଜଣେ ପ୍ରେତକୁ ମିଳିବାକୁ ଯାଉଛି। ସେ ସେବା ପାଇଁ ମୁଁ ଯୁଗଯୁଗ ଧରି ଅଶରୀରୀ ପ୍ରେତ ହୋଇ ରହିବାକୁ ମୋର ସୌଭାଗ୍ୟ ମନେ କରିବି।’

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହାନ ବିପ୍ଳବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# 'ଧରଣୀଧରଙ୍କ ତ୍ୟାଗ, ସାହସ ଓ ସଂଗ୍ରାମ ପ୍ରେରଣାଦାୟକ'

ଭୁବନେଶ୍ୱର,୫।୫(ସମିସ): ମହାନ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ) ଓଡ଼ିଶା ଇତିହାସର ଜଣେ ଅସାଧାରଣ ସଂଗ୍ରାମୀ ନାୟକ ଥିଲେ। ଜନଜାତି ସମାଜର ଅଧିକାର, ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ। ଇଂରେଜ ଶାସନ ବିରୋଧରେ ତାଙ୍କର ସାହସିକ ସଂଗ୍ରାମ ଭାରତୀୟ ମୁକ୍ତି ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି। ତାଙ୍କର ଆଦର୍ଶ ଓ ଜୀବନଦର୍ଶନ ଆଜି ମଧ୍ୟ ସମାଜକୁ ସତ୍ୟ, ସାହସ ଓ ନ୍ୟାୟର ପଥରେ ଆଗକୁ ଆଣିବାରେ ପ୍ରେରଣା ଦେଇଆସୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମଙ୍ଗଳବାର ଜୟଦେବ ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧରଣୀଧରଙ୍କ ସାହସିକତା, ଦୃଢ଼ ନେତୃତ୍ୱ ଓ ଜନଜାତି ସମାଜ ପ୍ରତି ତାଙ୍କର ସମର୍ପଣକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ ଧରଣୀଧରଙ୍କ ଜୀବନ ଆମକୁ ଅନ୍ୟାୟ ବିରୋଧରେ ଦୃଢ଼ ଭାବେ ଦଣ୍ଡାୟମାନ ହେବାକୁ ଶିଖାଏ। ତାଙ୍କର ସଂଗ୍ରାମ ଆଜିର ଯୁବପିଢ଼ିଙ୍କୁ ସ୍ୱାଭିମାନ ଓ ସମର୍ପଣର ମୂଲ୍ୟ ବୁଝାଏ ଏବଂ ତାଙ୍କର ଆଦର୍ଶକୁ ଅନୁସରଣ କରି ସଶକ୍ତ ସମାଜ ଗଢ଼ିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଧରଣୀଧରଙ୍କ ଜୀବନ ଓ ସଂଗ୍ରାମ ଉପରେ ବକ୍ତବ୍ୟ ରଖି ସେ ଜନଜାତି ସମାଜର ଆତ୍ମସମ୍ମାନର ପ୍ରତୀକ ଥିଲେ ବୋଲି କହିଥିଲେ। ପ୍ରଫେସର ରାମଚନ୍ଦ୍ର ରାଉତ, କେନ୍ଦୁଝର ନାଗରିକ ବିକାଶ ପରିଷଦର ସଭାପତି ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ଉପଦେଷ୍ଟା କାମପାଳ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜର ସଭାପତି ମେଘନାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ୱେତପଦ୍ମ କଲଚରାଲ୍ ଟ୍ରଷ୍ଟର ଦୃଷ୍ଟିବାଧିତ କଳାକାରମାନେ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିବା ସହ ସୁନ୍ଦରଗଡ଼ର ଭୂୟାଁ ସାମଜର ଦିବିଷା ଦେହେରୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ ସଂଯୋଜନା କରିଥିଲେ।




# ବିଜେଡିରେ ନୂଆ ୮୯ ଜଣ ରାଜ୍ୟ ପଦାଧିକାରୀ ନିଯୁକ୍ତ

ଭୁବନେଶ୍ୱର,୫।୫(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ସାଂଗଠନିକ ସ୍ତରରେ ପୁନର୍ବିନ୍ୟାସ କରିଛନ୍ତି। ରାଜ୍ୟ ପଦାଧିକାରୀ ତାଲିକାରେ ମୋଟ ୮୯ ଜଣ ନେତାଙ୍କୁ ସ୍ଥାନ ମିଳିଛି। ଏନେଇ ମଙ୍ଗଳବାର ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଦଳର ଉପ ସଭାପତି ଭାବେ ରଘୁନାଥ ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି। ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ରଘୁନନ୍ଦନ ଦାସ, ଜୀବନ ପ୍ରଦୀପ ଦାସ, ସାନନ୍ଦ ମାରାଣ୍ଡି, ଚନ୍ଦ୍ର ସାରଥି ବେହେରା ଓ ରମାରଞ୍ଜନ ବଳିୟାରସିଂ ସ୍ଥାନ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିଧାୟକ ସୁଦର୍ଶନ ହରିପାଲ, ପ୍ରଦୀପ କୁମାର ସାହୁ, ସୁଜାତା ସାହୁ, ମନୋରମା ମହାନ୍ତି, ମାଧବ ଧଡ଼ା, ରୂପେଶ କୁମାର ପାଣିଗ୍ରାହୀ, ସୁନିଲ ମହାନ୍ତି, ବିଶ୍ୱ ରଞ୍ଜନ ମଲ୍ଲିକ, ଅଭିମନ୍ୟୁ ସେଠୀ ରୋହିତ ଯୋଶେଫ ତିର୍କୀ ସ୍ଥାନ ପାଇଛନ୍ତି। ଅନୁରୂପ ଭାବରେ ରୁଦ୍ର ପ୍ରତାପ ମହାରଥୀ, ଧନୁର୍ଜୟ ସିଦ୍ଧୁ, ପ୍ରମୋଦ ସାମଲ, କାଶିନାଥ ହେମ୍ବ୍ରମ, ବିଷ୍ଣୁବ୍ରତ ରାଉତରାୟ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ଗୋବର୍ଦ୍ଧନ ଦାସ, ଏମଡି ସକିଲ୍, ସୁବାଷ ଚନ୍ଦ୍ର ପାତ୍ର, ଜଗଦୀଶ ପାତ୍ର, ସୁରେନ୍ଦ୍ର ମହାପାତ୍ର, ଜଗବନ୍ଧୁ ଦାସ, ଶିଶିର ପରିଜା ଓ ପ୍ରଶାନ୍ତ ନାୟକ, ଅମୀୟ ଦାସ ଏବଂ ବିପ୍ଳବ ପାତ୍ରଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି।

ସମ୍ପାଦକ ଭାବେ ଦେବାଶିଷ ମହାନ୍ତି, ସୁନିଲ କୁମାର ଦାସ, ସୁବ୍ରମଣିୟମ ମହାନ୍ତି ଓ ସତ୍ୟବ୍ରତ ଦାସ, ରାଜେଶ ପ୍ରଧାନ, ଦୁର୍ଗା ତ୍ରିପାଠୀ, ଅଭିମନ୍ୟୁ କୁଶାଳ, ମିଟୁ ଦାସ, କୈଳାଶ ମୁଖୀ, ସୌମିତ୍ର ମିତ୍ର, ଆଦିତ୍ୟ ନନ୍ଦ, ତନ୍ମୟ ସ୍ୱାଇଁ, ପ୍ରତାପ ମହାନ୍ତି, ବୈକୁଣ୍ଠ ନାୟକ, ମୁକୁନ୍ଦ ଗୌଡ, କାଳୀପ୍ରସାଦ ମିଶ୍ର, ଜିତେନ୍ଦ୍ର ମହାନ୍ତି, ଦୁର୍ଗା ସାମନ୍ତରାୟ, ଆର. ମୁରଲୀ ରାଓ, ସନ୍ତୋଷ ବେଜ୍, ଅଶୋକ ପାଟଯୋଶୀ, ଭଗବାନ ପଣ୍ଡା, ସୋଲାର ମିଶ୍ର, ଲକ୍ଷ୍ମଣ ମେହେର ଓ ପ୍ରଭାସ ପାଣିଗ୍ରାହୀ, ବିପ୍ଳବ ଜେନା, ମୁରଲୀଧର ବେହେରା ଓ ପ୍ରଦୀପ ମହାନ୍ତି, ପୃଥ୍ୱୀରାଜ ସାହୁ, ଅଶୋକ ସାହୁ, ନାରାୟଣ ଲୋହା, ବିକ୍ରମ ସିଂ ଦେଓ, ଜ୍ଞାନଗିରି ଗୋସ୍ୱାମୀ, ରତିକାନ୍ତ ରାଉତ, ପ୍ରଦୀପ୍ତ ଖୁଣ୍ଟିଆ ଓ ଚିରଞ୍ଜୟ ସାହୁ, ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ ପଟ୍ଟନାୟକ, ପ୍ରେମାନନ୍ଦ ବେହେରା, ଦୀପକ ମାଧୁଆଲ, ସତ୍ୟଜିତ ମିଶ୍ର, ଶିବଶଙ୍କର ସାମନ୍ତରାୟ, ସଞ୍ଜୟ ସେଠୀ, ଦୀପ୍ତିରଞ୍ଜନ କୁଅଁର ଓ କମଳାକାନ୍ତ ମହାପାତ୍ର ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଜୟ ନାରାୟଣ ତ୍ରିପାଠୀ, କିଶୋର ନାୟକ, ଦିଲ୍ଲୀପ ସେନାପତି, ଜିତେନ୍ଦ୍ର କୁମାର, ପ୍ରତାପ ରାଉତ, ସତ୍ୟଜିତ ଦାସ, ମନୋରଞ୍ଜନ ମହାନ୍ତି, ରବି ଛୋଟରାୟ ଓ ଏନ. ଏମ ରାଓ, ମୁକୁନ୍ଦଦେବ ସାମଲ ଏବଂ ସରୋଜ ପ୍ରଧାନଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସ୍ତଫା ଦେବାକୁ...

ନାହିଁ। ମମତାଙ୍କ ଏଭଳି ଘୋଷଣା ପରେ ରାଜ୍ୟ ରାଜନୀତିରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ପରମ୍ପରା ଅନୁସାରେ ପରାଜୟ ପରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରନ୍ତି। ନୂଆ ସରକାର ଶପଥ ନେବା ପର୍ଯ୍ୟନ୍ତ କାମଚଳା ସରକାରର ଦାୟିତ୍ୱରେ ରହିବା ଲାଗି ରାଜ୍ୟପାଳ ତାଙ୍କୁ ପରାମର୍ଶ ଦିଅନ୍ତି। କିନ୍ତୁ ଇସ୍ତଫା ନଦେବାଲାଗି ମମତାଙ୍କ ଜିଦ ଯୋଗୁଁ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହା କୌଣସି ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିବ ନାହିଁ ବୋଲି ଆଇନ ବିଶାରଦ ମତ ଦେଇଛନ୍ତି। ସେମାନେ କହୁଛନ୍ତି ୬ ତାରିଖରେ ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟ ସମାପ୍ତ ହୋଇଯିବ। ଏହାସହିତ ମୁଖ୍ୟମନ୍ତ୍ରୀ ପଦ ହରାଇବେ ମମତା। ସେମାନଙ୍କ ମତରେ ରାଜ୍ୟପାଳ ଚାହିଁଲେ ମମତା ଏବଂ ବିଧାନସଭାକୁ ବରଖାସ୍ତ ମଧ୍ୟ କରିପାରିବେ। ତେଣୁ ମମତା ଇସ୍ତଫା ନଦେଲେ ବିଶେଷ କିଛି ଫରକ ପଡ଼ିବାର ନାହିଁ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମମତା କହିଛନ୍ତି ଯେ ରାଜଭବନ ଯିବେ ନାହିଁ କି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ।। ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି। "ମୁଁ ଇସ୍ତଫା ଦେବି ନାହିଁ, କାରଣ ମୁଁ ହାରିନାହିଁ। ଆମେ ବିଜେପି ବିରୋଧରେ ନୁହେଁ, ବରଂ ନିର୍ବାଚନ କମିସନଙ୍କ ବିରୋଧରେ ଲଢୁଥିଲୁ। ନୈତିକ ଭାବେ ଆମେ ହିଁ ଏହି ନିର୍ବାଚନ ଜିତିଛୁ। ନିର୍ବାଚନ କମିସନ ଏବଂ ସରକାରୀ ଯନ୍ତ୍ରର ଅପବ୍ୟବହାର କରି ଆମକୁ ହରାଯାଇଛି।' ଭୋଟର ତାଲିକାରୁ ପ୍ରାୟ ୯୦ ଲକ୍ଷ ନାମ କଟାଯିବା ଏକ ବଡ଼ ଧରଣର ଷଡ଼ଯନ୍ତ୍ର ଥିଲା। ଭୋଟ ଗଣତି ବେଳେ କେନ୍ଦ୍ର ଭିତରେ କେନ୍ଦ୍ରର ସୁରକ୍ଷା କର୍ମୀ ତାଙ୍କୁ ମାରପିଟ୍ କରିଥିବା ନେଇ ଅଭିଯୋଗ କରିଛନ୍ତି। ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ଟିଏମସି ଏଜେଣ୍ଟମାନଙ୍କୁ ମଧ୍ୟ ମାରପିଟ୍ କରାଯାଇଛି।

ମମତା ଆହୁରି କହିଛନ୍ତି ଯେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ଭଳି ବହୁ ନେତା ତାଙ୍କ ସହ କଥା ହୋଇ ସମର୍ଥନ ଜଣାଇଛନ୍ତି। ଆସନ୍ତାକାଲି ଅଖିଳେଶ ଯାଦବ କଲିକତା ଆସି ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେ ନିଜକୁ ଏବେ ଜଣେ 'ମୁକ୍ତ ବିହଙ୍ଗ' ବୋଲି କହିବା ସହ 'ଇଣ୍ଡିଆ' ମେଣ୍ଟକୁ ଦେଶବ୍ୟାପୀ ଅଧିକ ଶକ୍ତିଶାଳୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତୃଣମୂଳ କଂଗ୍ରେସ ଏହି ନିର୍ବାଚନ ଫଳାଫଳ ବିରୋଧରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯୋଜନା କରୁଛି। ବିଶେଷ କରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସେମାନେ ଚ୍ୟାଲେଞ୍ଜ କରିବେ। ଏହାଛଡ଼ା ନିର୍ବାଚନ ପରବର୍ତ୍ତୀ ହିଂସାର ତଦନ୍ତ ପାଇଁ ଦଳ ପକ୍ଷରୁ ଏକ ୧୦ ଜଣିଆ ଅନୁସନ୍ଧାନକାରୀ କମିଟି ଗଠନ କରାଯାଇଛି।

### ବଙ୍ଗର ମଙ୍ଗ...

ମିଳିଛି। ତେବେ ରାଜ୍ୟରେ ଇତିହାସ ରଚିଥିବା ବିଜେପି କାହାକୁ ମୁଖ୍ୟମନ୍ତ୍ରୀ କରିବ। ଏହାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି। ବିରୋଧୀ ଦଳର ନେତା ଶୁଭେନ୍ଦୁ ଅଧିକାରୀ ଏଥିପାଇଁ ପ୍ରବଳ ଦାବିଦାର ଥିବା ବେଳେ ତାଙ୍କ ସହ ଏହି ଦୌଡ଼ରେ ଅଛନ୍ତି ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ, ଦିଲୀପ ଘୋଷ, ରୁପା ଗାଙ୍ଗୁଲି ଏବଂ ଅଗ୍ନିମିତ୍ର ପାଲ। ବିଜେପିର ଗତ କିଛି ବର୍ଷର ପରମ୍ପରାକୁ ଦେଖିଲେ ଏମାନଙ୍କର ସମ୍ଭାବନା କମ୍ ବୋଲି କୁହାଯାଉଛି। କାରଣ ନିର୍ବାଚନ ସଫଳତା ପାଇଁ ଏମାନଙ୍କ ଅପେକ୍ଷା ମୋଦୀଙ୍କ ଲୋକପ୍ରିୟତା ଓ ଶାହଙ୍କ ରଣନୀତି ଦାୟୀ। ତେଣୁ ହାଇକମାଣ୍ଡ ସଫଳତାର ଶ୍ରେୟ ନିଜେ ନେଉଥିବାରୁ ନିଜ ମନପସନ୍ଦର ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଥୟ। ଯାହା ସୂଚନା ମିଳୁଛି ଆଦୌ ଚର୍ଚ୍ଚାରେ ନଥିବା ନେତା କିମ୍ବା ନେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ। ଶୁଭେନ୍ଦୁ, ଦିଲୀପ ସମେତ ତିନି ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବ। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୁଜରାଟ, ହରିଆଣା, ଦିଲ୍ଲୀ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ବିଜେପି ହାଇକମାଣ୍ଡ ଏଭଳି ଫର୍ମୁଲା ପ୍ରୟୋଗ କରିଛନ୍ତି। ପୁଣି ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ବିଜେପି ଦିଲ୍ଲୀ ଭଳି ଜଣେ ମହିଳା ନେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ସେହିଭଳି ତାମିଲନାଡୁରେ ଅପ୍ରତ୍ୟାଶିତ ଭାବେ ବିଜୟ ହାସଲ କରିଥିବା ଅଭିନେତା ବିଜୟଙ୍କ ନବଗଠିତ ପାର୍ଟି ଟିଭିକେ ମଧ୍ୟ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ବିଜୟ ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସରକାର ଗଠନ ପାଇଁ ସେ ଖୁବଶୀଘ୍ର ରାଜ୍ୟପାଳଙ୍କୁ ଭେଟି ଦାବି ଜଣାଇବେ। ଆସନ୍ତା ୭ ତାରିଖରେ ସେ ଶପଥ ଗ୍ରହଣ କରିପାରନ୍ତି ବୋଲି ସୂଚନା ମିଳିଛି। ୨୩୪ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ଟିଭିକେ ସର୍ବାଧିକ ୧୦୮ ଆସନ କରିଛି। ତେବେ ସରକାର ଗଠନ ପାଇଁ ଆଉ ୧୦ ବିଧାୟକଙ୍କ ସମର୍ଥନ ଦରକାର ଥିବାରୁ ସେ କଂଗ୍ରେସ ଏବଂ ସିପିଆଇ-ସିପିଏମ୍ ଭଳି ଛୋଟଛୋଟ ଦଳମାନଙ୍କ ସହିତ ଆଲୋଚନା ଚଳାଇଥିବାର ଖବର ମିଳିଛି।

ଏହି ଦୁଇ ରାଜ୍ୟ ସମେତ ଆସାମ, କେରଳ ଏବଂ ପୁଡୁଚେରୀରେ ମଧ୍ୟ ନିର୍ବାଚନ ହୋଇଥିଲା। ଆସାମ ଓ ପୁଡୁଚେରୀରେ ବିଜେପି ମେଣ୍ଟ ଶାସନ କ୍ଷମତା ବଜାୟ ରଖିଥିବା ବେଳେ କେରଳରେ ବାମ ସାମ୍ମୁଖ୍ୟକୁ ପରାସ୍ତ କରି କଂଗ୍ରେସ ସାମ୍ମୁଖ୍ୟ ସରକାର ଗଠନ କରିବାକୁ ଯାଉଛି।

### ପଶ୍ଚିମ ବଙ୍ଗ ପାଇଁ...

ଉଭୟ ରାଜ୍ୟର ବିଜୟୀ ବିଧାୟକମାନଙ୍କ ସହ ଆଲୋଚନା କରିବେ। ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ସମସ୍ତଙ୍କ ସହମତିରେ ବିଧାୟକ ଦଳର ନେତା ତଥା ଆଗାମୀ ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରିବା। ବିଶେଷ କରି ପଶ୍ଚିମବଙ୍ଗରେ ସରକାର ଗଠନ ପ୍ରକ୍ରିୟା ଉପରେ ସାରା ଦେଶର ନଜର ରହିଛି।

### ଜୁନ ପହିଲାରୁ...

ହୋଇଛି। କିଛିନ ପୂର୍ବରୁ ପୂର୍ବତଟ ରେଳବାଇ ଅଧୀନସ୍ଥ ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ପ୍ରସ୍ତାବିତ ଦକ୍ଷିଣତଟ ରେଳବାଇରେ ସାମିଲ କରିବାକୁ ନିଷ୍ପତ୍ତି ବିରୋଧରେ ଓଡ଼ିଶାରେ ଉଠିଥିବା ପ୍ରତିବାଦ ସ୍ୱରକୁ ମଧ୍ୟ କେନ୍ଦ୍ର ସରକାର ଓ ରେଳମନ୍ତ୍ରୀ ସଂପୂର୍ଣ୍ଣ ଉପେକ୍ଷା କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ୨୦ ବିଜେପି ସାଂସଦ ମଧ୍ୟ ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ସାରା ଦେଶରେ ରେଳବାଇର ୧୭ ଡ଼ିଭିଜନ ମଧ୍ୟରୁ ମାତ୍ର ୧୦ଟି ଡ଼ିଭିଜନ ଲାଭରେ ଚାଲୁଛି ଓ ଏହା ମଧ୍ୟରୁ ସର୍ବାଧିକ ଲାଭ ଦେଉଛି ପୂର୍ବତଟ ରେଳବାଇ। ଅନ୍ୟ ଡ଼ିଭିଜନରେ ୧୦୦ ଟଙ୍କା ଆୟ ନିମନ୍ତେ ରେଳବାଇକୁ ୧୦୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ପୂର୍ବତଟ ରେଳବାଇରେ ୧୦୦ ଟଙ୍କା ଆୟ ପାଇଁ ରେଳବାଇକୁ ମାତ୍ର ୪୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ୧୯୯୮ରେ ଗଠନ ହୋଇଥିବା ପୂର୍ବତଟ ରେଳବାଇ ଇତିମଧ୍ୟରେ ରେଳ ବିଭାଗକୁ ୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ଦେଇଛି ଏବଂ ଏହାର ୬୦ ପ୍ରତିଶତ ୱାଲଟିୟର ଡ଼ିଭିଜନରୁ ଆସିଛି। ୱାଲଟିୟର ଡ଼ିଭିଜନ ଭାଙ୍ଗି ଏହାର ସିଂହ ଭାଗ ଆନ୍ଧ୍ରପ୍ରଦେଶରେ ମୁଖ୍ୟାଳୟ ଥିବା ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯିବା ଦ୍ୱାରା ରାୟଗଡ଼ା ଡ଼ିଭିଜନ ଭାଗରେ ମାତ୍ର ଅଳ୍ପ କିଛି ଅଞ୍ଚଳ ରହିଛି। ଅନ୍ୟପକ୍ଷରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଏହାମଧ୍ୟରେ ଲୁଚି ଯାଇଛି ତାହା ହେଉଛି ପୂର୍ବତଟ ରେଳବାଇର ସଂକୋଚନ। ସେହିପରି ରାଜସ୍ୱ ସଂଗ୍ରହର ପ୍ରମୁଖ ଉତ୍ସ କୁହାଯାଉଥିବା ଭାଇଜାଗ ଷ୍ଟିଲ, ଭାଇଜାଗ ବନ୍ଦର, ଗଙ୍ଗାଭରମ୍ ପୋର୍ଟ ଅଞ୍ଚଳ ଦକ୍ଷିଣତଟ ରେଳବାଇକୁ ଚାଲଯିବ ଏବଂ ଏହାଦ୍ୱାରା ପୂର୍ବତଟ ରେଳବାଇ ବର୍ଷକୁ ଅନ୍ୟୂନ ୬ ହଜାର କୋଟି ଟଙ୍କା ରାଜସ୍ୱ କ୍ଷତିର ସମ୍ମୁଖୀନ ହେବ। ଦକ୍ଷିଣ ପୂର୍ବ ରେଳବାଇରେ ଓଡ଼ିଶାର ବେଲପାହାଡ-ବ୍ରଜରାଜନଗର, ବାଂଶପାଣି-ବଡ଼ବିଲ, ରାଣୀତାଲ-ରୁପ୍‌ସା-ବାଙ୍ଗିରିପୋଷି, ଜରେଇକେଲା-ବନ୍ଧମୁଣ୍ଡା-ରାଉରକେଲା-ଝାରସୁଗୁଡ଼ା ଅଞ୍ଚଳରୁ ବିପୁଳ ରାଜସ୍ୱ ସଂଗ୍ରହ କରୁଥିଲେ ହେଁ ଏହାଦ୍ୱାରା ଓଡ଼ିଶା ଉପକୃତ ହୋଇ ପାରୁ ନ ଥିଲା ଏବଂ ଏହି କ୍ଷତିର ଭରଣା ୱାଲଟିୟର ଡ଼ିଭିଜନରୁ ହେଉଥିଲା। ମାତ୍ର ୱାଲଟିୟର ଡ଼ିଭିଜନ ଆନ୍ଧ୍ର ପ୍ରଦେଶର ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯାଇଥିବାବେଳେ ଉପରୋକ୍ତ ଅଞ୍ଚଳଗୁଡ଼ିକୁ ନେଇ ରାଉରକେଲାରେ ନୂତନ ଡ଼ିଭିଜନ ସ୍ଥାପନ ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଓଡ଼ିଶା ଦୋହରା କ୍ଷତିର ସମ୍ମୁଖୀନ ହୋଇଛି। ରାଉରକେଲା ଓ ଯାଜପୁର ରୋଡ଼ରେ ନୂଆ ଡ଼ିଭିଜନ ସ୍ଥାପନ ସଂକ୍ରାନ୍ତ ଓଡ଼ିଶାର ଦାବି ଏବେ ବି କେନ୍ଦ୍ର ସରକାରଙ୍କ ଶୀତଳଭଣ୍ଡାରରେ ପଡ଼ି ରହିଛି।

### ଓଡ଼ିଶାର ଶିଳ୍ପ ସମ୍ଭାବନାକୁ...

ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତ୍ତିକ ଆଲୋଚନା ଏବଂ ଉଦ୍ୟୋଗପତିଙ୍କ ସହ ସିଧାସଳଖ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧ୍ୟକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଥିଲେ। ବୟନ ଓ ବସ୍ତ୍ର ଶିଳ୍ପ ସମ୍ପର୍କିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଗଭୀର ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ପୁରୀର ଶ୍ରୀଜଗନ୍ନାଥ ଧାମରୁ ଗୁଜରାଟର ଦ୍ୱାରକା ପର୍ଯ୍ୟନ୍ତ ଆମ ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅତୁଟ ସାଂସ୍କୃତିକ ସମ୍ପର୍କ ରହିଛି। ଗୁଜରାଟ ବସ୍ତ୍ର ଶିଳ୍ପରେ ଅଗ୍ରଣୀ ହୋଇଥିବା ବେଳେ ଓଡ଼ିଶା ଏବେ ଏକ ଉତ୍ତମ ପରିବେଶ ଏବଂ କୁଶଳୀ କାରିଗରଙ୍କ ସହିତ ଏହି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି ବୋଲି ସେ କହିଥିଲେ।

ଏହି ପ୍ରତିନିଧି ମଣ୍ଡଳୀରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ଓ ବାଲେଶ୍ୱର...

ବିଜେଡିର କାର୍ଯ୍ୟକାରୀ ସଭାପତି ଭାବେ ନଳିନୀକାନ୍ତ ପ୍ରଧାନଙ୍କୁ ନୂଆ ଦାୟିତ୍ୱ ମିଳିଛି ଏବଂ ବୌଦ୍ଧ ଜିଲ୍ଲାରେ ମହୀଧର ରଣା, ଢେଙ୍କାନାଳରେ ନରୋତ୍ତମ ସାହୁ ଓ କେନ୍ଦୁଝର ଜିଲ୍ଲାରେ ପ୍ରମୋଦ ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକତ୍ ଦିଆଯାଇଛି।

ସେହିପରି କଟକ ଜିଲ୍ଲାରେ ବିଜୁ ଯୁବ ଜନତା ଦଳ ସଭାପତି ଭାବେ ସ୍ମୃତି ରଞ୍ଜନ ନାୟକଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅନୁଗୋଳରେ ଅନୁରଭ ସିଂ, ମୟୂରଭଞ୍ଜ-୨ରେ ଅଭିଷେକ ସାହୁ, ରାଉରକେଲାରେ ପଙ୍କଜ କୁମାର ଜୟସୱାଲ ଓ ନୂଆପଡ଼ାରେ ମନୋଜ ଦୀପଙ୍କୁ ନିଯୁକ୍ତି ମିଳିଛି। ଅନୁରୂପ ଭାବରେ ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ କଟକ ଜିଲ୍ଲାରେ ସୁମନ କୁମାର ବେହେରାଙ୍କୁ ନିଯୁକ୍ତି ମିଳିଥିବାବେଳେ ଅନୁଗୋଳରେ ଶୁଭ୍ରାଂଶୁ ଶେଖର ଜିତ୍, ମୟୂରଭଞ୍ଜ-୨ରେ ଚନ୍ଦ୍ର ଶେଖର ସାହୁ, ରାଉରକେଲାରେ ସଞ୍ଜିତ ଛୋଟରାୟ ଓ ନୂଆପଡ଼ାରେ ସୁବେର ସିଂ ଦେଓଙ୍କୁ ନିଯୁକ୍ତି ମିଳିଛି।

### ଘରୁ ଟେକିନେଲେ...

ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାଲେଶ୍ୱର ସାଇଣ୍ଟିଫିକ୍ ଟିମ ସହାୟତାରେ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିଛି।

### ନୂତନ ପଦ ସୃଷ୍ଟି...

କୁହାଯାଉଛି। ନୂତନ ପଦ ସୃଷ୍ଟି ହେଲା ପରେ ଏଏଫ୍‌ଓମାନେ ବର୍ତ୍ତମାନ ପାଉଥିବା ବେତନର ପ୍ରାୟ ଦୁଇଗୁଣ ବେତନ ପାଇବେ। ତେଣୁ ଫାଇଲ୍ କାମ ତ୍ୱରାନ୍ୱିତ କରିବା ପ୍ରାଥମିକ ଭାବରେ ଜଣେ ଏଏଫ୍‌ଓଙ୍କଠାରୁ ପ୍ରାୟ ୫୦ ହଜାର ଲେଖାଏଁ ଆଦାୟ ହୋଇଥବା ସୂଚନା ମିଳିଛି ଏବଂ ଜଗତସିଂହପୁର ଜିଲ୍ଲାର ଏକ ବ୍ଲକ୍‌ରେ କାର୍ଯ୍ୟ କରୁଥବା ଜନୈକ ସହକାରୀ ମତ୍ସ୍ୟ ଅଧିକାରୀ ଏହାର ନେତୃତ୍ୱ ନେଇଥିବା ଅଭିଯୋଗ ହୋଇଛି। ପ୍ରାଥମିକ ଭାବରେ ଏ ବାବଦରେ ଆଦାୟ ଦୁଇ କୋଟି ଜଣେ ଅଧିକାରୀଙ୍କୁ ଦିଆଯାଇଥବା ମଧ୍ୟ ଅଭିଯୋଗ ହୋଇଛି। ଜୀବନସାରା ଦିଗୁଣା ଦରମା ପାଇବା ପାଇଁ ଥରେ ମାସକର ଦରମା ଚାନ୍ଦା ଦେବାକୁ ଅନେକ କୁଣ୍ଠାବୋଧ କରୁନାହାନ୍ତି। ଏ ସଂକ୍ରାନ୍ତରେ ସୂଚନା ମିଳିବା ପରେ କିଛି ବୁଦ୍ଧିଜୀବୀ ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରସ୍ଥ ହୋଇଛନ୍ତି।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ନିର୍ଦ୍ଦିଷ୍ଟ ନୀତି ଆଧାରରେ ନିୟୋଜିତ କର୍ମଚାରୀଙ୍କୁ ପୂର୍ବସ୍ଥାନକୁ ଫେରାଇବା ଗ୍ରହଣୀୟ ନୁହେଁ

କଟକ, ୫।୫(ସମିସ): ଥରେ ଜଣେ କର୍ମଚାରୀଙ୍କୁ ନିର୍ଦ୍ଦିଷ୍ଟ ନୀତି ଅଧୀନରେ ନିୟୋଜିତ କରାଗଲେ, ତାଙ୍କୁ ପୁଣି ପୂର୍ବ ସ୍ଥାନକୁ ଫେରାଇବା ସର୍ବଦା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ମୃତି ରଞ୍ଜନ ମହାପାତ୍ର ନାମକ ଜଣେ କର୍ମଚାରୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ଦେଇଛନ୍ତି। ଏନେଇ ଜଣିକିଆ ବିଚାରପତିଙ୍କ ପୂର୍ବ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀ କର୍ମଚାରୀଙ୍କୁ ତୁରନ୍ତ ତାଙ୍କର ନିୟୋଜିତ ବିଭାଗ ରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ। ବେତନ କ୍ଷେତ୍ରରେ ହୋଇଥିବା କ୍ଷତିକୁ ଭରଣା କରିବା ପାଇଁ ୮ସପ୍ତାହ ମଧ୍ୟରେ ବକେୟା ଅର୍ଥର ୫୦ ପ୍ରତିଶତ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ କର୍ମଚାରୀ, କଟକ ସେଟଲମେଣ୍ଟ ଅଫିସରେ 'ପେସକାର' ଭାବେ କାର୍ଯ୍ୟରତ ଥିଲେ। ତାଙ୍କୁ ୨୦୧୮ ସରକାରୀ ନୀତି ଅନୁଯାୟୀ କଟକ ଜିଲ୍ଲାପାଳଙ୍କ ଅଧୀନରେ 'ରାଜସ୍ୱ ନିରୀକ୍ଷକ' ଭାବେ ହାଇ-ଟେକ୍ ସର୍ଭେ କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଥିଲା।


**FOR SALE**

Ultrasound Machine – Voluson S8 BT22 (2022), well-maintained with 4 probes. Ideal for diagnostic centers & hospitals. Location: Khordha. Contact: 9136067570 / 9237158357 / 7873044100.

**AFFIDAVIT**

By virtue of an affidavit sworn before Executive Magistrate, Bahanaga Tahashil on 30.04.2026 I, Alinarani Das, At/Po-Kuruda, Ps-Soro, Balasore-756046, declare that I have changed my name from Elina Das to Alinarani Das. Henceforth, I shall be known as **Alinarani Das** for all purposes.

Alinarani Das

**AFFIDAVIT**

I, Shaik Roheet, S/o-Shaik Akhtar Ahmad, resident of Tarikunda, Po-Tarikunda, Ps/Dist: Jagatsinghpur, Pin-754102, Odisha declare by this affidavit No- 13472, dtd-04/05/2026 that now onwards I shall be known as **SK ROHEET** for all future purposes.

**AFFIDAVIT**

By virtue of an affidavit sworn before the Notary Public, Sunabeda, on dated 04.05.2026 bearing No. 3255, I Santosh Kuamr Pani, S/o. Late Gadadhar Pani, resident of Village: Amara, Po. – Kerandi, Ps. Paralakhemundi, Dist. Gajapati declared that I have changed my name from Santosh Pani to Santosh Kumar Pani. Henceforth I shall be known as **Santosh Kumar Pani** for all purposes.

Santosh Kumar Pani

**AFFIDAVIT**

I, Akriti Agrawal, aged about 43 years, W/o- Amit Kumar Chanduka, resident of At- Flat No.1001, Tower-2, Vipul Garden, Ghatikia, PS-Bharatpur, Bhubaneswar, Dist- Khordha, PIN-751029, Odisha declared by this affidavit No. 924, dtd- 05/05/2026 that now onwards I shall be known as **AKRITI CHANDUKA** for all future purposes.

**AFFIDAVIT**

By virtue an affidavit sworn before Executive Magistrate, Dhenkanal, dtd. 20.04.2026, I Sipteeta Sitiswapna Brahma, D/o. Sarbeswar Brahma, At-Mandapal, PO: Tarava, PS-Tarava, PS-Sadar, Dist-Dhenkanal, declare that I have changed my name from Sipitas Situ Swapna Brahma to Sipteeta Sitiswapna Brahma. Henceforth I shall be known as **SIPTEETA SITISWAPNA BRAHMA** for all purposes.

**LOST**

I, Tanisha Mohanty, D/o Pramod Kumar Mohanty, resident of Village Kailash Nagar, P.S. Semiliguda, Dist. Koraput, Odisha, hereby inform that I have lost my CBSE Marksheet-cum-Certificate (Roll No. 12655311) issued by the Central Board of Secondary Education, New Delhi.The document was lost while travelling from Damanjodi to Semiliguda on 20/04/2026. Despite thorough search, the same could not be traced.A General Diary Entry has been made at Semiliguda Police Station vide G.D. No. 023 dated 20/04/2026. If anyone finds the above document, kindly return it to the undersigned or contact the nearest police station.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 785, dated 04.05.2026, I, TARUN PAIKO, S/o - Tripati Paiko, permanent resident of Village - Purunapani, PO - Majhiguda, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PINTU PAIK to TARUN PAIKO. Henceforth, I shall be known as **TARUN PAIKO** for all purposes.

Sd/- Tarun Paiko

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 431, dated 17.04.2026, I, BIBHUTI BHUSAN HARIJAN, S/o - Krushna Harijan, permanent resident of Village - Garudaguda, PO - Mahendri, PS - Dabugaon, Dist - Nabarangpur, Odisha, Pin - 764072, declare that I have changed the name of my Son from BEAVAN BHUSAN to EVAN ZION BAGHA. Henceforth, he shall be known as **EVAN ZION BAGHA** for all purposes.

Sd/- Bibhuti Bhusan Harijan

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 781, dated 04.05.2026, I, BIJAYA KUMAR NAYAK, S/o - Late. Somanath Nayak, permanent resident of Village - Banuaguda, PO - Sirishi, PS - Papadahandi, Dist- Nabarangpur, Odisha, Pin - 764071, declare that I have changed my name from BIJAY KUMAR NAYAK to BIJAYA KUMAR NAYAK. Henceforth, I shall be known as **BIJAYA KUMAR NAYAK** for all purposes.

Sd/- Bijaya Kumar Nayak

**URGENT REQUIREMENT for ODISHA PROJECT**

- Project Manager – Civil
- Project Manager – Interior
- Project Manager – Billing (Civil & Interior)
- Engineers – Civil & Interior
- Supervisors – Civil & Interior
- Foreman – Civil & Interior
- Safety Engineer
- Store Keeper Experience in relevant field preferred

Fiberfill Interiors and Construction India Pvt. Ltd

Contact: 9910489807 & Email: info@fiberfillgroup.com

**AFFIDAVIT**

I, Santosha Kumar Das, aged about 43 years, S/o- Kailash Chandra Das, resident of AT- Gondia, PO- Gondia, Dist- Dhenkanal, State- Odisha, PIN- 759016 declared by this affidavit No. 87AA 928993, dtd- 02/04/2026 that now onwards I shall be known as **SANTOSH KUMAR DAS**, Son of Kailash Chandra Das for all future purposes.

**OFFICE OF THE COLLECTOR & DISTRICT MAGISTRATE, JAGATSINGHPUR**

24001/61/2627

(District Social Welfare Section)

Ph 06724-220865, E. Mail – dswojspur@nic.in

NO. 1654 /DT. 28/4/2026

**TENDER CALL NOTICE**

Sealed tenders are invited from the intending eligible and Registered Firms/authorized licensed Transport Contractors/Agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concern Transportation Authority for Transportation of Rice & Wheat under SNP feeding Programme in all 8 nos ICDS of Jagatsinghpur District (Balikuda, Biridi, Erasama, Jagatsinghpur, Kujanga, Naugaon, Raghunathpur & Tirtol ICDS Project) for the year 2026-2027. Details of the Term & Condition is available in the Office of the Collector, Jagatsinghpur (Social Welfare Section) and District Website i.e www.jagatsinghpur.nic.in

The details of Tender process as follows:

1. Period of sale of Tender document from :- 28.04.2026 (9.00 AM)
2. Last date for receipt of Tender document :- 11.05.2026 (1.00 PM)
3. Date of Opening of Tender :- 12.05.2026 (10.00 AM)
4. Tender Paper cost :- Rs. 3000.00 (Rupees Three thousand) only

Collector & District Magistrate, Jagatsinghpur

OIPR-24001/24275/1/26-27/0001

GOVERNMENT OF ODISHA

AGRICULTURE DEPARTMENT

1001/37/2627

**OFFICE OF THE EXECUTIVE ENGINEER (AGRL.), HORTICULTURE, SOUTHERN ZONE, BERHAMPUR**

No.722 | INVITATION FOR BIDS (IFB) | Date 29.04.2026

e procurement notice

Bid identification number / Tender call notice no – E E (A) Hort S/Z-01 of 2026-27

The Executive Engineer (Agril.), Horticulture, Southern Zone, Berhampur who has been authorized as the procuring officer for the projects of Directorate of Horticulture, Southern Zone is directed to invite percentage rate bid on behalf of the Governor of Odisha for the Civil construction works under Directorate of Horticulture, Southern Zone. The costs of the projects are approximately from 8.00 lakhs to 13.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 07.05.2026 at 10.00 hours to 16.00 hours of 22.05.2026. The bid will be opened on 28.05.2026 at 11.00 hours in the O/o Executive Engineer (Agril.), Horticulture, Southern Zone, Berhampur. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in

Email ID:- executiveengineerhortsouthern@gmail.com

Executive Engineer (Agril)
Horticulture, Southern Zone
Berhampur

OIPR-1001/1469/1/26-27/0001

**AFFIDAVIT**

I, Jyotsna Kumari Sahu, aged about 62 years, W/o- Dambarudhar Sahu resident of At- Jamuguda, Po/Ps- Tikiri, Dist- Rayagada, Pin-765015, Odisha do hereby declare by this affidavit No.925, dtd- 05/05/2026, that now onwards I shall be known as **JYOSTNA KUMARI SAHU** for all future purposes.

## ତିହିଡ଼ି ତହସିଲ ରାସ୍ତାରେ ଆଣ୍ଠୁଏ ପାଣି

# ହୀନସ୍ତା ହେଉଛନ୍ତି ୭ ସରକାରୀ କାର୍ଯ୍ୟାଳୟର କର୍ମଚାରୀ

ତିହିଡ଼ି, ୫।୫(ସମିସ)

ତିହିଡ଼ି-ବଉଳପାଳ ଛକ ରାସ୍ତାର ତିହିଡ଼ି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସାମାନ୍ୟ ବର୍ଷାରେ ଜମୁଛି ଆଣ୍ଠୁଏ ଉଚ୍ଚର ପାଣି। ଫଳରେ ସାଧାରଣ ଜନତା ଯାତାୟାତରେ ଘୋର ସମସ୍ୟା ଭୋଗୁଥିବାବେଳେ ହୀନସ୍ତା ହେଉଛନ୍ତି ଏହି ରାସ୍ତା ଉପରେ ନିର୍ଭର କରୁଥିବା ୭ଟି ସରକାରୀ କାର୍ଯ୍ୟାଳୟର କର୍ମଚାରୀ। ଗତକାଲି ସନ୍ଧ୍ୟାରେ ବର୍ଷା ହେବା ଫଳରେ ଭଦ୍ରକ-ଚାନ୍ଦବାଲି ରାସ୍ତା ଠାରୁ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାଣିରେ ଆଜି ପର୍ଯ୍ୟନ୍ତ ବୁଡ଼ି ରହିଛି। ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହି ରାସ୍ତାରେ ଖାଲି ତିହିଡ଼ି ବ୍ଲକର ୮ଟି ପଞ୍ଚାୟତବାସୀ ଯାତାୟତ ପାଇଁ ନିର୍ଭର କରୁନାହାନ୍ତି, ଧାମନଗର ବ୍ଲକକୁ ଯିବା ପାଇଁ ମଧ ଏହି ରାସ୍ତା ଉପରେ ଶହଶହ ଲୋକ ନିର୍ଭର କରିଥାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ତିହିଡ଼ି ତହସିଲ କାର୍ଯ୍ୟାଳୟ, ଭାଟପଡ଼ା ରାଜସ୍ୱ ନିରୀକ୍ଷକ, ଉପନିବନ୍ଧନ କାର୍ଯ୍ୟାଳୟ, ତିହିଡ଼ି ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟ, ଭାଟପଡ଼ା ପୋଷ୍ଟ ଅଫିସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଆଦି ବହୁ କାର୍ଯ୍ୟାଳୟ ରହିଛି। ସାଧାରଣ ଲୋକଟିଏ ଏଠାକୁ ଆସିବାକୁ ହେଲେ ଆଣ୍ଠିଏ ପାଣିରେ ପଶିବା ନିଶ୍ଚିତ। ଆଗକୁ ବର୍ଷା ଋତୁ ଆସୁଛି। ସମସ୍ୟା ଅଧିକ ଉଗ୍ର ହେବା ସ୍ୱାଭାବିକ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରୁ ବର୍ଷା ଜଳ ବାହାରିଯିବା ପାଇଁ ତୁରନ୍ତ ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ପୂର୍ବତନ ସମିତି ସଭ୍ୟ ସଂଗ୍ରାମ କେଶରୀ ଦାସ, ସମାଜସେବୀ ଗଣେଶ ପ୍ରସାଦ ନାୟକ ପ୍ରମୁଖ ଦାବି କରିଛନ୍ତି।



# ରେମୁଣା ସାମ୍ବାଦିକ ୟୁନିଅନ ପକ୍ଷରୁ ନାରଦ ଜୟନ୍ତୀ

ରେମୁଣା, ୫।୫ (ସମିସ): ରେମୁଣା ସାମ୍ବାଦିକ ୟୁନିଅନ ପକ୍ଷରୁ ଆଦ୍ୟ ସାମ୍ବାଦିକ 'ଦେବର୍ଷୀ ନାରଦ ଜୟନ୍ତୀ 'ସତ୍ୟବତୀ ନଗର ସ୍ଥିତ ସାରସ୍ୱତ ଭବନରେ ଆଜି ଅପରାହ୍ନ ୪ଟା ସମୟରେ ୟୁନିଅନର ସଭାପତି ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀଙ୍କପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଉଦଘାଟକ ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମିର ପ୍ରାକ୍ତନ ସଦସ୍ୟ ସାହିତ୍ୟିକ ଡ଼. ଭାଗବତ ପ୍ରସାଦ ଦାସ, ମୁଖ୍ୟ ବକ୍ତା ବରିଷ୍ଠ ଆଇନଜୀବୀ ସରୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ୟାକରଣବିତ ପଣ୍ଡିତ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଜୟନ୍ତୀ ଉତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟତମ ବକ୍ତା ଭାବେ ମେଜର ଗିରିଶ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ ବୃନ୍ଦାବନ ବେହେରା, ଯୋଗେଶ ଚନ୍ଦ୍ର ବେହେରା, ବଡ଼ପାଳ ସରପଞ୍ଚ କମଲ ଲୋଚନ ପଣ୍ଡା, ଯୁବ ସାମ୍ବାଦିକ ସରୋଜ କୁମାର ସାହୁ, ଦୀପକ କୁମାର ମାଝୀ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା ପ୍ରମୁଖ ଦେବର୍ଷୀ ନାରଦଙ୍କ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ଦେଇଥିଲେ। ୟୁନିଅନର ସମ୍ପାଦକ ଲୋକନାଥ ପିରି ସ୍ୱାଗତ ଅଭିଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ବେଦପାଠ ସହିତ ଅତିଥି ପରିଚୟ ଦେଇଥିଲେ। ସଭାପ୍ରାରମ୍ଭରେ ରେମୁଣାର ଜଣେ ମହିଳା ଖବର କାଗଜ ବିତରକ ଅନ୍ନପୂର୍ଣ୍ଣା ଦାସଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାଥନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗକବି ପ୍ରଭାକର ସାହୁଙ୍କ ସଂଯୋଜନାରେ ଦେବର୍ଷୀ ନାରଦାଙ୍କ




ଉପରେ ଏକ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବୟିତ୍ରୀ ସଇଦନ ବିବି, ଜୟଶ୍ରୀ ମିଶ୍ର, ସୁନାମଣି ଜେନା, ଅଜିତ କୁମାର ପଣ୍ଡା, ହିରାଲାଲ ପାକଳ, ବରିଷ୍ଠ କବି ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପ୍ରମୁଖଙ୍କ ସହିତ ୨୦ ରୁ ଅଧିକ କବି, କବୟିତ୍ରୀ ମାନେ କବିତା ପାଠ କରିଥିଲେ। ଜୟନ୍ତୀ ଉତ୍ସବ ପ୍ରାରମ୍ଭରେ କଣ୍ଠଶିଳ୍ପୀ ସଙ୍ଗୀତ ଗୁରୁ ହିରାଲାଲ ପାକଳ ସ୍ୱାଗତ ସଙ୍ଗୀତ ଦେବର୍ଷୀ ନାରଦଙ୍କ ଉପରେ ଗାନ କରିଥିଲେ। ଯୁବ ସାମ୍ବାଦିକ ମାନସ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ପାଣି ପାଇଁ ମହିଳାଙ୍କ ରାସ୍ତା ଅବରୋଧ



ନୀଳଗିରି, ୫।୫ (ସମିସ): ନୀଳଗିରି ବ୍ଲକର ମାଟିଆଳି ପଞ୍ଚାୟତର ନଟାପଡ଼ା ଗ୍ରାମର ୨୦୦ରୁ ଅଧିକ ପରିବାର ରହୁଥିବା ବେଳେ ଆଜକୁ ୧୫ଦିନ ଧରି ଜଳ ଯୋଗାଣ ପାଇପ୍‌ରେ ପାଣି ଆସୁ ନ ଥିବା ବେଳେ ଗ୍ରାମର ସମସ୍ତ ପରିବାର ତହଳ ବିକଳ ହେଉଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ ବି କୌଣସି ସୁଫଳ ନ ମିଳିବାରୁ ଶେଷରେ ମଙ୍ଗଳବାର ଦିନ ମହିଳାମାନେ ହାତରେ ଗରା ବାଲଟି ଧରି ନରଣପୁର ମାଟିଆଳୀ ରାସ୍ତାର ନଟାପଡ଼ା ଛକ ନିକଟରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଛନ୍ତି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କଲା ପରେ ଘଟଣା ସ୍ଥଳରେ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ତୁରନ୍ତ ପାଇପ୍ ଯୋଗେ ଜଳ ଯୋଗାଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏହି ରାସ୍ତାରୋକରେ ଶାନ୍ତିଲତା ବିଶ୍ୱାଳ, ଜୟନ୍ତ ସିଂ, କଳ୍ପଲତା ବେହେରା, କରୁଣାକର ଦାସ, ସୁଷମା ଦାସ, ସତ୍ୟଜିତ୍ ବେହେରା, ମାମି ମଲିକ୍, ଶାନ୍ତିଲତା ସ, ରାମଚନ୍ଦ୍ର ସିଂ, କରୁଣାକର ବେହେରା, ଶ୍ୟାମସୁନ୍ଦର ସିଂ, ରବୀନ୍ଦ୍ର ସିଂ ପ୍ରମୁଖ ସାମିଲ ଥିଲେ।

# ମାତୃଶକ୍ତି ବନ୍ଦନ; ମା' ଓ ମାଟି ମହୋତ୍ସବର ତୃତୀୟ ସନ୍ଧ୍ୟା

ଭଦ୍ରକ, ୫।୫(ସମିସ): ପୁରାଣରେ ବର୍ଣ୍ଣିତ ନାରୀ ଚରିତ୍ର ସାବିତ୍ରୀ, ସୀତା, ଉର୍ମିଳା, ଅନସୂୟା, କୁନ୍ତୀ, ଗାନ୍ଧାରୀ, ଅହଲ୍ୟା, ଦ୍ରୌପଦୀ, ଯଶୋଦା, ଗାର୍ଗୀ, ଲୋପାମୁଦ୍ରା ପରି ଅଧିକାଂଶ ନାରୀ ଚରିତ୍ର ଯେପରି ପୂଜନୀୟା ସେପରି ଇତିହାସର ତଥା ସାମ୍ପ୍ରତିକ ସମୟର ବହୁ ନାରୀ ଚରିତ୍ର ବନ୍ଦନୀୟା। ଯୁଗେ ଯୁଗେ ମା' ତଥା ନାରୀ ଚରିତ୍ର ବନ୍ଦନୀୟା ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟିର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟ ତଥା ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶାର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। 'ଅମୃତ ଦର୍ଶନ'ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ପ୍ରବାଚକ




ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, କାଉନସିଲର ସ୍ୱାଗତିକା ନାୟକ, କବୟିତ୍ରୀ ଓ ଅଧିବକ୍ତା ଚୈତାଲି ଖିଲାର ସମ୍ମାନନୀୟା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠ ହୋଇ ଥିଲା ଏବଂ କବୟିତ୍ରୀ ଓ ପ୍ରାବନ୍ଧିକା ପ୍ରୀତିଲତା ପଣ୍ଡା ଓ ଅଧ୍ୟାପିକା ଦେବସ୍ମିତା ମିଶ୍ର କବିତା ସଂଯୋଜନା କରିଥିଲେ। ବିଶିଷ୍ଟ କବୟିତ୍ରୀ ବିଦ୍ୟୁତ୍ ପ୍ରଭାଙ୍କ ସ୍ମୃତିରେ ୩ୟ ସନ୍ଧ୍ୟା ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ତେଜସ୍ୱିନୀ ମହିଳା ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, କବୟିତ୍ରୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଙ୍ଗୀତ ପରିବେଷଣ କରିଥିଲେ ଓ ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୨ସଂଗଠନର ମାର୍ଗଦର୍ଶକ ଓ ମହୋତ୍ସବ କମିଟି ର ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ନୀହାର ରଞ୍ଜନ କର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ସୁଦର୍ଶନ ନାୟକ ପରିଚାଳିତ ଦର୍ଶନ ସାଂସ୍କୃତିକ ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଓଲଙ୍ଗ ଓଏଭି ପକ୍ଷରୁ ଦହି ସରବତ ବଣ୍ଟନ



ଭଦ୍ରକ, ୫।୫(ସମିସ): ପ୍ରଚଣ୍ଡ ରୌଦ୍ର ତାପକୁ ଦୃଷ୍ଟିରେ ରଖି ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଏକ ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଫିସରୀ ଛକଠାରେ ଦହି ସରବତ ବଣ୍ଟନ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ମାନସ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ମିଳିତ ଭାବେ 'ଦହି ସରବତ ବଣ୍ଟନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ହଜାରେ ଯାତ୍ରୀ ଓ ସ୍ଥାନୀୟ ଲୋକମାନଙ୍କୁ ସେବା ପ୍ରଦାନ କରାଯାଇଥିଲା।

# ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସମୂହ ବ୍ରତୋପନୟନ

ଜଳେଶ୍ୱର, ୫।୫ (ସମିସ): ଜଳେଶ୍ୱର ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ମଙ୍ଗଳବାର ଦିନ ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟ ତଥା ରାଜ୍ୟ ବାହାର ସ୍ୱଚ୍ଛଳ ନ ଥିବା ବ୍ରାହ୍ମଣ ପିଲା ମାନଙ୍କର ବ୍ରତଘର ସାଇ ମନ୍ଦିର ସ୍ଥିତ ପ୍ରଶାନ୍ତି ପ୍ରଜ୍ଞା ପ୍ରକୋଷ୍ଠ ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ସାଇ ସମିତି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବ୍ରତଘର ହୋଇଥିବା ବ୍ରହ୍ମଚାରୀ ମାନେ ହେଲେ ପଶ୍ଚିମବଙ୍ଗର ଦାନ୍ତନ ଥାନା କୁସୁମୀ ଗ୍ରାମର ରାଜ କିଶୋର ପଣ୍ଡା, ସାଇପୁର ଗ୍ରାମର ସୁବ୍ରତ ପଣ୍ଡା, ସତରଙ୍ଗ ଗ୍ରାମର ଦୀପମ ନନ୍ଦ, ଦୀଘା ଥାନା ମିର୍ଜାପୁର ଗ୍ରାମର ଅତନୁ ପଣ୍ଡା, ଜଳେଶ୍ୱର ଥାନା ଶାନ୍ତିଆ ଗ୍ରାମର ଶଙ୍କର ପଣ୍ଡା, ଦୀପୁ ପଣ୍ଡା, ଗବରଘଟା ଗ୍ରାମର ଶିବଶଙ୍କର ଆଚାର୍ଯ୍ୟ, ଭୋଗରାଇ ଥାନା ଜଳେଶ୍ୱରପୁର ଗ୍ରାମର ଶୁଭଶଙ୍କର ଆଚାର୍ଯ୍ୟ ପ୍ରମୁଖ ୮ଜଣଙ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସକାଳେ ସୁବର୍ଣ୍ଣରେଖା ନଦୀରୁ ସମ୍ମିଳିତ ଘଟ ଉତୋଳନ ସହିତ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସାଇ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ଜଳେଶ୍ୱର ସତ୍ୟସାଇ ସଂଗଠନର ସାହାଯ୍ୟରେ ଏହି କାର୍ଯ୍ୟକ୍ରମ ୧୯ବର୍ଷ ଧରି ବହୁ ବ୍ରାହ୍ମଣ ପିଲାମାନଙ୍କର ବ୍ରତଘର କରାଯାଇ ଆସୁଅଛି। ଫଳରେ ବହୁ ଗରିବ ବ୍ରାହ୍ମଣ ଉପକୃତ ହେଉଥିବା ଜଣାଯାଇଛି।

# କଲଚରାଲ କାନଭାସ ଏକାଡେମୀର ବାର୍ଷିକ ଉତ୍ସବ

ବାଲେଶ୍ୱର, ୫।୫ (ସମିସ): ଦୁଇ ଦିନ ଧରି କଲଚରାଲ୍ କାନଭାସ ଏକାଡେମୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ନାଚ, ଗୀତ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇ ବିଚାରକ ମଣ୍ଡଳୀ ଦ୍ୱାରା ବିଜେତା ଚୟନ କରାଯାଇଥିଲା। ଅନୁଷ୍ଠାନ ସଭାପତି ଡ. ବିଜୟ ମହାକୁଡ଼ଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାକୁ ଉଦ୍‌ଘାଟନ କରିଥିଲେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ। ଉଦଘାଟକ ସହ ଅନୁଷ୍ଠାନ ସଭାପତି ନାଟ୍ୟକାର, ଗବେଷକ ବିଜୟ ମହାକୁଡ଼,



ଉପଦେଷ୍ଟା ସାହିତ୍ୟିକ, ଗୀତିକାର, ନାଟ୍ୟକାର ପୀତାମ୍ବର ଦାସ, ଅନୁଷ୍ଠାନ ଅଧକ୍ଷା ଜ୍ୟୋର୍ତିମୟୀ ରଣା, ଉପସଭାନେତ୍ରୀ ଶୁଭଶ୍ରୀ ଦାସ, ସମ୍ପାଦକ ପ୍ରକାଶ ଦାସ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ପୀତାମ୍ବର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉପଦେଷ୍ଟା ପୀତାମ୍ବର ଦାସଙ୍କ ତତ୍ତ୍ୱାବଧାନରେ ଏକ କବିତା ପାଠ ଉତ୍ସବ ପାଳନ କରାଯାଇଥିଲା। ଡ. ରାଧା ରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅଥିତି ଡ. ଭାଗବତ ଦାସ ମୁଖ୍ୟ ଅତିଥି, ଡ. ଜ୍ୟୋସ୍ନା ରାୟ, ପଦ୍ମଲୋଚନ ପ୍ରଧାନ, ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଚାଳିଶରୁ ଊର୍ଦ୍ଧ୍ୱ କବି ଓ କବୟତ୍ରୀ କବିତା ପାଠ କରିଥିଲେ। ସଭାପତି ବିଜୟ ମହାକୁଡ଼ଙ୍କ ସଭାପତିତ୍ୱରେ ସଭା ଆରମ୍ଭ କରାଯାଇ ସମ୍ପାଦକ ପ୍ରକାଶ ଦାସ ଅଧିକାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ମା' ସ୍ୱପ୍ନେଶ୍ୱରୀ ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୫।୫(ସମିସ): ସହର ଉପକଣ୍ଠ ଫକୀରମୋହନ ନଗର ସ୍ଥିତ ମା' ସ୍ୱପ୍ନେଶ୍ୱରି ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବେଣୁ ମାଧବ ଶତପଥୀ ଓ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ଲକ୍ଷ୍ମୀଧର ପଣ୍ଡା ଓ ସମ୍ପାଦକ ତଥା ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୧୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।



# ମହୁମାଛି ଆକ୍ରମଣରେ ୨ ଗୁରୁତର

ନୀଳଗିରି, ୫।୫ (ସମିସ): ମହୁମାଛି ଆକ୍ରମଣରେ ଦୁଇ ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆସିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ବାଲେଶ୍ୱର ଅଞ୍ଚଳର ସାର୍ଥକ ରଞ୍ଜନ ଦାସ ରଞ୍ଜନ ବେହେରା ମିତ୍ରପୁରରୁ ନୀଳଗିରି ଆସୁଥିବା ବେଳେ ଧୋବାସିଳା ନିକଟରେ ମହୁମାଛି ଅତର୍କିତ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ପାଖ ପାଖି ଦୁଇ ଶହରୁ ତିନିଶହ ମହୁମାଛି ଆକ୍ରମଣ କରିଥିବା ଦେଖିବାକୁ ମିଳିଥିଲା।

# ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ନୀଳଗିରି, ୫।୫ (ସମିସ): ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆ ପାଟଣା ଗ୍ରାମର ମନୋରଞ୍ଜନ ମଲ୍ଲିକଙ୍କ ପୁଅ ବବୁଲ ମଲ୍ଲିକ ଚଳିତ ମାଟ୍ରିକ ପରୀକ୍ଷାରେ ପାସ କରିଥିଲେ। କୌଣସି କାରଣରୁ ଆଜି ରାତି ପ୍ରାୟ ୮ ଘଟିକା ସମୟରେ ମାନସିକ ଭାରସାମ୍ୟ ହରାଇ ନିଜ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଆସନ୍ତା ୬ରେ ବ୍ୟବଚ୍ଛେଦ ହେବ ବୋଲି ଜଣା ପଡ଼ିଛି।

# ୩ ଟପ୍ପରଙ୍କୁ ପୂର୍ବତନ ବିଧାୟକଙ୍କ ସମ୍ବର୍ଦ୍ଧନା

ନୀଳଗିରି, ୫।୫(ସମିସ): ଚଳିତ ମାଟ୍ରିକ ବୋର୍ଡ ପରୀକ୍ଷାରେ ରାଜ୍ୟ ଓ ନୀଳଗିରି ଉପଖଣ୍ଡରେ ୩ ଟପ୍ପରଙ୍କୁ ଆଜି ନୀଳଗିରି ର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ନୀଳଗିରି ସାରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ର ତଥା ଔପଦା ବ୍ଲକ ବାଉଁଶ ବଣିଆ ଗ୍ରାମର ଆୟୁଷ୍ମାନ ଦାସ ସର୍ବାଧିକ ୫୮୨ ନମ୍ବର ରଖି ଏ -୧ ରେ ପାସ କରି ରାଜ୍ୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ, ଉକ୍ତ ବ୍ଲକ ଫତେପୁର ପଞ୍ଚାୟତ ର ଛାତ୍ର ରଶ୍ମିରଞ୍ଜନ ବାରିକ ୫୮୦ ରଖି ଏ -୧, ଜ୍ୟୋତିର୍ମୟୀ ବାରିକ ୫୬୯ ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇ ଟପ୍ପର ହୋଇଛନ୍ତି। ଏ ନେଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସମସ୍ତ ମେଧାବୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ଛାତ୍ର ଛାତ୍ରୀ ମାନେ ସମସ୍ତ ଶ୍ରେୟ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ପିତା, ମାତାଙ୍କୁ ଦେଇଛନ୍ତି। ଭବିଷ୍ୟତ ରେ ଜଣେ ଜଣେ ଦେଶର ସେବକ ସେବିକା ହେବେ ବୋଲି କହିଛନ୍ତି।

# କଳା କ୍ଷେତ୍ରରେ ସମର କ୍ୟାମ୍ପ୍ ଉଦ୍‌ଘାଟିତ

ବାଲେଶ୍ୱର, ୫।୫(ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟ ଏବଂ ଫକୀରମୋହନ ଆର୍ଟିଷ୍ଟିକ କ୍ରାଫ୍ଟ ସ୍କୁଲ ଓ ଇନ୍‌ଟାକ ବାଲେଶ୍ୱର ଚାପଟର ମିଳିତ ସହଯୋଗରେ ଆର୍ଟ ଓ କ୍ରାଫ୍ଟର ସମର କ୍ୟାମ୍ପ ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇନ୍‌ଟାକ ଚାପଟର ବାଲେଶ୍ୱରର କନ୍‌ଭେନର ଉଦୟ ନାରାୟଣ ଦାସ ଯୋଗ ଦେଇ ସମର କ୍ୟାମ୍ପକୁ ଉଦ୍‌ଘାଟନ କରି ସମର କ୍ୟାମ୍ପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ କଳାକୁ ପରିପ୍ରକାଶ କରିବାରେ ଏହା ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଡାକ୍ତର ଦେବାଶିଷ ମିସ୍ତ୍ରୀ, ଅଧ୍ୟାପକ ଦୈତାରୀ ବେହେରା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ୟାମ୍ପରେ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏଥିରେ ଚିତ୍ରକଳା, ଜଳରଙ୍ଗ ଚିତ୍ର, ଟେରାକୋଟା, ମାଟି କାମ, ଫୁଲ ତିଆରି ଓ ପଟ୍ଟଚିତ୍ର ସକାଳ ୭ ରୁ ୯ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଶିକ୍ଷା ପ୍ରଦାନ କରାଯିବ। ଏହି କ୍ୟାମ୍ପରେ ବହୁଳ ମାତ୍ରାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ଅଧକ୍ଷ ଶ୍ରୀ ଦାସ ସୂଚନା ଦେଇଛନ୍ତି।



# ପୁନରୁଦ୍ଧାର ସତ୍ତ୍ୱେ ସାଇଫନ ଦଳପୂର୍ଣ୍ଣ

ବାରିକପୁର, ୫।୫(ସମିସ)

ଭଣ୍ଡାରିପୋଖରୀ ବ୍ଲକ ପରିସୀମା ମଧ୍ୟରେ ରହିଥିବା ଡ୍ରେନେଜ ନାଳ ଗୁଡିକର ପୁନଃରୁଦ୍ଧାର କାର୍ଯ୍ୟ ଜାରି ରହିଛି। ବିଶେଷକରି ଜଳ ନିଷ୍କାସନ ପାଇଁ ଗୁରୁତ୍ୱ ବହନ କରୁଥିବା ପର୍ବତୀ ସାଇଫନ ସଂଲଗ୍ନ ଡ୍ରେନେଜ ନାଳର ସଫେଇ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଏହି ନାଳଦେଇ ସୁଦୂରମଞ୍ଜୁରୀରୋଡ଼ ଠାରୁ ମଞ୍ଜୁରୀ ଯାଏଁ ବର୍ଷା ଦିନିଆ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇଥାଏ। ପ୍ରତ୍ୟେକ ବର୍ଷ ଜଳ ନିଷ୍କାସନରେ ବାଧା ଉପୁଜିବାରୁ ନାଳଟିର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଉଥିଲା। ତେଣୁ ଚଳିତ ବର୍ଷ ଡ୍ରେନେଜ ବିଭାଗ ପକ୍ଷରୁ ଉକ୍ତ ନାଳର ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ମାଳଦା ନିକଟସ୍ଥ ସରତା ପୋଲ ଠାରୁ ଜୋରାଗଡ଼ିଆ, ଗିଲପଦୀ, ନପଙ୍ଗ, ଖଡ଼ିଶିଙ୍ଗା, ଲକ୍ଷ୍ମୀସାଗର ଦେଇ ପର୍ବତୀ ସାଇଫନ ଯାଏଁ ନାଳ ସଫେଇ ହୋଇଥିବା ବିଭାଗ କହିଛି। ପ୍ରକୃତ ପକ୍ଷେ ନାଳଟି ଯେଉଁଭଳି ପୁନରୁଦ୍ଧାର ହେବା କଥା ତାହା ହୋଇନଥିବା ଲୋକେ କହିଛନ୍ତି। କିଛି ଜାଗାରେ ନାଳ ସଫେଇ ସାମାନ୍ୟ ଆଖିଦୃଶିଆ ହୋଇଥିବା ବେଳେ ଆଉକିଛି ସ୍ଥାନରେ ନାଳରୁ ସ୍ୱଳ୍ପ ମାଟି ଉଠାଯାଇଛି। କିଛି ଜାଗାରେ ଏବେ ବି ଅମରୀ ବଣ ରହିଛି। ବିଶେଷ କରି ପର୍ବତୀ ସାଇଫନ ଠାରୁ ପ୍ରାୟ ୧୦୦ ମିଟର ଯାଏଁ ଦଳ ସଫା ହୋଇଥିଲେ ସୁଦ୍ଧା ବର୍ଷାଦିନ ପୂର୍ବରୁ ଏବେ ପୁଣି ସେଠାରେ ଦଳ ଭର୍ତି ହୋଇଗଲାଣି। ସାଇଫନ ନିକଟରେ କୁଜି ବରୁଆଁ ଓ ଦଳ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହା ଜଳ ନିଷ୍କାସନରେ ଘୋର ବାଧା ସୃଷ୍ଟି କରିବ। ବିଗତ ୨/୩ ମାସ ମଧ୍ୟରେ ଦଳ ସଫା ହୋଇଥିବା ବିଭାଗୀୟ ଯନ୍ତ୍ରୀ କହିଥିଲେ ମଧ ପୁଣି କେଉଁ କାରଣରୁ ସାଇଫନ ସ୍ଥାନଟି ଜରାଜୀର୍ଣ୍ଣ ହେବାକୁ ଯାଉଛି ତାହା ବୁଝା ପଡୁନାହିଁ। ତେଣୁ ବର୍ଷାଦିନ ଆସିବା ପୂର୍ବରୁ ସାଇଫନ ମୁହଁରୁ ସମ୍ପୂର୍ଣ୍ଣ ଦଳ ସଫା ପାଇଁ ଦାବି ହୋଇଛି।



## ପ୍ରତାପ ମହାନ୍ତିଙ୍କୁ ବିଜେଡି ସଂପାଦକ ଦାୟିତ୍ୱ



ଯାଜପୁର,୫ା୫(ସମିସ): ଯାଜପୁର ଜିଲ୍ଲା ଯୁବ ବିଜୁ ଜନତା ଦଳର ପୂର୍ବତନ ସଭାପତି ବରିଷ୍ଠ ଯୁବ ନେତା ପ୍ରତାପ ମହାନ୍ତିଙ୍କୁ ରାଜ୍ୟ ବିଜୁ ଜନତା ଦଳର ସଂପାଦକ ଭାବେ ଦାୟିତ୍ୱ ମିଳିଛି । ଆଜି ଏ ସଂକ୍ରାନ୍ତରେ ଶଙ୍ଖଭବନରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରତାପଙ୍କ ସମର୍ଥକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଏକାନ୍ତ ଅନୁଗତ ଥିବା ପ୍ରତାପ ଜିଲ୍ଲାରେ ବିଜୁ ଯୁବ ଜନତା ସଂଗଠନକୁ ମଜବୁତ କରି ବେଶ ଚର୍ଚ୍ଚାରେ ଥିଲେ । ଆଜି ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରତାପଙ୍କୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ମିଳିବାରେ ଲାଗିଛି । ବିଜୁ ଜନତା ଦଳ ପକ୍ଷରୁ ଏଭଳି ଏକ ଗୁରୁ ଦାୟିତ୍ୱ ଦେଇଥିବାରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ଯାଜପୁର ଜିଲ୍ଲାର ସମସ୍ତ ନେତୃବୃନ୍ଦଙ୍କୁ ନିଜର କୃତଜ୍ଞତା ଅର୍ପଣ କରିଛନ୍ତି ପ୍ରତାପ ।

## ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଜବରଦଖଲ ଉଚ୍ଛେଦ



ଯାଜପୁର,୫ା୫(ସମିସ): ଯାଜପୁର ପୌରପାଳିକା ପକ୍ଷରୁ କରାଯାଉଛି ଏହି ଜବରଦଖଲଉଚ୍ଛେଦ । ମୁଖ୍ୟଚିକିତ୍ସାଳୟସମ୍ମୁଖରେଥିବାଉଠାଦୋକାନୀଭଙ୍ଗାଯାଉଛି । ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ଆମ୍ବୁଲାନ୍ସ ଓ ରୋଗୀମାନେ ଯିବା ପାଇଁ ଏହି ଉଠାଦୋକାନୀ ଜବର ଦଖଲ ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ବାରମ୍ବାର ଅଭିଯୋଗଆସିବାପରେଆଜିମାଜିଷ୍ଟ୍ରେଟଜିହରେକୃଷ୍ଣଙ୍କଉପସ୍ଥିତିରେପୌରନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି ।

## ବଡ଼ତ୍ରିଲୋଚନପୁର ଗାଁ ଗଣ୍ଡଗୋଳ:୩ ଗିରଫ



ବରୁଆଁ, ୫।୫ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଗ୍ରାମରେ ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପଦ୍ମନାଭ ରାଉତ ଓରଫ ଲିପୁନ (୨୪), ସସ୍ମିତା ସାମଲ ଓରଫ କୁନି (୪୫), ଦିବ୍ୟଜ୍ୟୋତି ଶାଶ୍ୱତାନନ୍ଦ ବେହେରା (୩୧) । ଏଠାରେ ସୂଚନା ଯୋଗ୍ୟ ବଡ଼ତ୍ରିଲୋଚନପୁର ଗ୍ରାମର ଏକ ବିବାଦୀୟ ଜମିରେ ଘର ନିର୍ମାଣକୁ ନେଇ ଗୋବିନ୍ଦ ଘଡ଼େଇ (୬୨) ଓ ନରେନ୍ଦ୍ର ଘଡ଼େଇ ପରିବାର ମଧ୍ୟରେ ବିବାଦ ଲାଗିଥିଲା । ଉକ୍ତ ବିବାଦୀୟ ଜମି ଉପରେ ନରେନ୍ଦ୍ର ଘଡ଼େଇ ଘର ନିର୍ମାଣ କରିଥିଲେ । ଏହି ଘର ନିର୍ମାଣକୁ ଗୋବିନ୍ଦ ଘଡ଼େଇ ବିରୋଧ କରିବାରୁ ନରେନ୍ଦ୍ର ଓ ତାର ବନ୍ଧୁବାନ୍ଧବ ସହଯୋଗୀମାନେ ମିଳିତ ଭାବେ ଗୋବିନ୍ଦଙ୍କୁ ଠେଙ୍ଗା ବାଡ଼ି ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଖବର ପାଇ ଗୋବିନ୍ଦଙ୍କ ଦୁଇ ପୁଅ ସଞ୍ଜୟ, ସରୋଜ ଓ ଗୋବିନ୍ଦର ପତ୍ନୀ ଓ ଝିଅ ଘଟଣାସ୍ଥଳକୁ ଯିବାବେଳେ ବିପକ୍ଷ ପକ୍ଷ କଟୁରିରେ ଆକ୍ରମଣ କରିଥିଲେ ।

## ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ



କୁଆଖିଆ,୫ା୫(ସମିସ): କୁଆଖିଆ ନିକଟସ୍ଥ ଚଣ୍ଡିପୁର ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈଜେନ୍ଦ୍ରନାଥ ସାହୁ ଦୀର୍ଘ ୩୪ ବର୍ଷ ପରେ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ପଣ୍ଡିତ ଯୋଗେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଉଦ୍‌ଘାଟକ ଡ. ସୁଦର୍ଶନ ମଲ୍ଲିକ ମଣ୍ଡଳ ଶିକ୍ଷାଧିକାରୀ ରସୁଲପୁର, ମୁଖ୍ୟଅତିଥି ପ୍ରାକ୍ତନ ପ୍ରାଧ୍ୟପକ ବେଣୁଧର ଶରଣ, ମୁଖ୍ୟବକ୍ତା ପ୍ରାକ୍ତନ ଅଧାପକ ଡ.ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି କାହ୍ନୁ ଚରଣ ଦାସ, ରାଧେଶ୍ୟାମ ମିଶ୍ର, ରମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ପରିଚୟ ସୁଶାନ୍ତ କୁମାର ମହାରଣା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପୁରାତନ ଛାତ୍ର ସଂସଦ ତରଫରୁ ସୁରେଶ ସାର୍‌ଙ୍କୁ ମାନପତ୍ର, ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ତାଙ୍କ ନାଁରେ ଗୋଟିଏ ପାଠାଗାର କକ୍ଷ ନାମିତ କରାଯିବ ବୋଲି ଘୋଷଣା ହୋଇଛି। ଅବସର ପରେ ବି ସୁରେଶ ସାର୍ ଗାଁ ପିଲାଙ୍କୁ ମାଗଣା ଶିକ୍ଷା ଦେବେ ବୋଲି କହିଛନ୍ତି ।

## 'ଲକ୍ଷ୍ମୀ' ପାଇଁ ରାଜରାସ୍ତାରେ ଆନନ୍ଦପୁରବାସୀ

# ୨୦ ଦିନର ମହଲତ ଦେଲା ପ୍ରଶାସନ

ଦୋବଲ,୫।୫(ସମିସ)



ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି ଓ ଚରମ ଅବହେଳା ବିରୋଧରେ ଧାମନଗର ବ୍ଲକ୍ ଖଡ଼ିପଦା ଛକରେ ପ୍ରତିବାଦ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ଆନନ୍ଦପୁର ପଞ୍ଚାୟତକୁ 'ଲକ୍ଷ୍ମୀ ବସ୍' ସେବାରୁ ବଞ୍ଚିତ ରଖାଯିବା ପ୍ରତିବାଦରେ ପଞ୍ଚାୟତବାସୀ ସକାଳୁ ରାସ୍ତା ଅବରୋଧ କରି ପ୍ରଶାସନ ବିରୋଧରେ ଗର୍ଜିଥିଲେ । ସଞ୍ଜୟମିଶ୍ର ଓ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନବେଳେ ପଧାନି ଓ ଦୋବଳ ଦେଇ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସକୁ ଆନ୍ଦୋଳନକାରୀ ଅଟକାଇ ଦେଇଥିଲେ। ଘଟଣାର ଗମ୍ଭୀରତା ଦେଖି ଧାମନଗର ବିଡ଼ିଓ ବନବିହାରୀ ଦିନ୍ଦା ଟେଲିଫୋନ ଯୋଗେ ଆନ୍ଦୋଳନକାରୀଙ୍କ ସହ ସମ୍ପର୍କ କରିଥିଲେ। ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଓଏସ୍‌ଆର୍‌ଟିସି ବ୍ଲକ ସୁପରଭାଇଜର ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୨୦ ଦିନ ମଧ୍ୟରେ ଧାମନଗର-ଆନନ୍ଦପୁର ଭାୟା ଖଡ଼ିପଦା ରୁଟରେ ବସ୍ ଚଳାଚଳ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

ସୂଚନାଯୋଗ୍ୟ, ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଥିଲା, ଯାହାଦ୍ୱାରା ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉତେଇପୁର ଗ୍ରାମର ହଜାର ହଜାର ଲୋକ ଉପକୃତ ହୋଇଥାନ୍ତେ। ମାତ୍ର ବିଗତ ୩ ବର୍ଷ ଧରି ଏହି ଦାବି କେବଳ କାଗଜପତ୍ରରେ ସୀମିତ ରହିଛି। ଗ୍ରାମବାସୀ ବାରମ୍ବାର ଭଦ୍ରକ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଗୁହାରି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିଥିଲା। ଗତ ଏପ୍ରିଲ ୨୭ତାରିଖରେ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ମେ ୫ ସୁଦ୍ଧା ବସ୍ ଚଳାଚଳ ନହେଲେ ଆନ୍ଦୋଳନ ପାଇଁ ଶେଷ ଚେତାବନୀ ଦିଆଯାଇଥିଲା । ଆଜିର ପ୍ରତିବାଦ ସଭାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ସାମିଲ ହୋଇଥିଲେ। ସରୋଜ ଖୁଣ୍ଟିଆ, ରାଜେଶ ମିଶ୍ର, ସୁଦାମବାରିକ, ଶ୍ରୀତମଖୁଣ୍ଟିଆ, ଜ୍ୟୋତି ନାରାୟଣପୋଥାଳ, ସାଗରମିଶ୍ର, ବିଷ୍ଣୁଚରଣ ଦାସ, ଧନେଶ୍ୱର ସେଠୀ, ଧୀରେନ୍ଦ୍ର ଆଦିଆ, ପ୍ରକାଶ ଦାସ, ଶୁକଦେବ ଜେନା ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ସାମିଲ୍ ହୋଇଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଅସୁରାଲି,୫।୫(ସମିସ): ଗୋବିନ୍ଦପୁର ପଞ୍ଚାୟତ କୋରୁଆ ପାଟଣାସାହି ଗାଁରେ ଗତକାଲି ଠାରୁ ଶୁଭାରମ୍ଭ ହୋଇଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ। ଗ୍ରାମବାସୀ ଓ ସେବାୟତଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ଓ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଏକ ଉପାସନା ପଦ୍ଧତି ନୁହେଁ, ବରଂ ଏହା ସମାନତା, ସହନଶୀଳତା ଏବଂ ବିଶ୍ୱଭ୍ରାତୃତ୍ୱର ପ୍ରତୀକ। ମହାପ୍ରଭୁଙ୍କ ଦର୍ଶନରେ ଜାତି-ଧର୍ମ-ବର୍ଣ୍ଣର ଭେଦଭାବ ଶୂନ୍ୟ। ଏହି ମହାନ ପରମ୍ପରାକୁ ଆଖିରେ ରଖି କୋରୁଆ ପାଟଣାସାହିରେ ନିର୍ମିତ ଏହି ନୂତନ ମନ୍ଦିର ଆଗାମୀ ଦିନରେ ଅଞ୍ଚଳର ଏକତା ଓ ସାଂସ୍କୃତିକ ଜାଗରଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ଆଶା କରାଯାଉଛି । ଗତ ୪ ତାରିଖ (ସୋମବାର) ରୁ ଅଙ୍କୁରାରୋପଣ ଓ ଅଧିବାସ କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ, ଗତକାଲି (ମଙ୍ଗଳବାର) ଶତାଧିକ ମହିଳାଙ୍କ ସମାଗମରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ଅର୍ଥାତ୍ ବୁଧବାର ଦିନ ମଣ୍ଡଳ ପୂଜା, ଘଟ ପୂଜା ଏବଂ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ କାର୍ଯ୍ୟ ସମ୍ପନ୍ନ ହେବାର ସୂଚନା ରହିଛି। ଆସନ୍ତାକାଲି ମହାପ୍ରଭୁଙ୍କ ବିଗ୍ରହମାନଙ୍କର ନଗର ଭ୍ରମଣ, ମନ୍ଦିର ପ୍ରତିଷ୍ଠା, ପ୍ରାଣ ପ୍ରତିଷ୍ଠା ଓ ପହଣ୍ଡି ବିଜେ। ସେହିପରି ୮ ମଇ (ଶୁକ୍ରବାର) ମହୋତ୍ସବର ଶେଷ ଦିନରେ ମହାପ୍ରଭୁଙ୍କ ପବିତ୍ର ନବଯୌବନ ଦର୍ଶନ ଅନୁଷ୍ଠିତ ହେବ। ମଧ୍ୟାହ୍ନ ୧୨ଟା ପରେ ଗୀତାଯଜ୍ଞ ଓ ପୂର୍ଣ୍ଣାହୁତି ସହ ଭକ୍ତଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପାଟଣାସାହି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯେ, ଶ୍ରୀଜୀଉଙ୍କ ଏହି ଅପାର କରୁଣାରୁ ସମ୍ଭବ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବରେ ଅଂଚଳର ସମସ୍ତ ଶ୍ରଦ୍ଧାଳୁ ସପରିବାର ଯୋଗଦେଇ ପୁଣ୍ୟ ଅର୍ଜନ କରନ୍ତୁ। ଏହି ୫ଦିନିଆ ଉତ୍ସବକୁ ସଫଳ କରିବା ପାଇଁ ସ୍ଥାନୀୟ ଯୁବକ ସଂଘ ଓ ଗ୍ରାମର ମୁରବୀମାନେ ଅହୋରାତ୍ର କାର୍ଯ୍ୟ କରୁଛନ୍ତି।

## ● ଯାଜପୁର ରଗ୍‌ବୀ ସମର କୋଚିଂ କ୍ୟାମ୍ପ୍ ଆରମ୍ଭ

## ପ୍ରଦର୍ଶନୀ ମ୍ୟାଚ ମହିଳାରେ କେନ୍ଦ୍ରାପଡ଼ା ବିଜୟୀ

ଦଶରଥପୁର, ୫।୫ (ସମିସ): ଦଶରଥପୁର ହାଇସ୍କୁଲ ସ୍ଥିତ ଦିଲୀପ ତାର୍କି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଯାଜପୁର ଜିଲ୍ଲା ରଗ୍‌ବୀ ଫୁଟବଲ ଆସୋସିଏସନ୍ ଦ୍ୱାରା ଆଜି ଠାରୁ ରଗ୍‌ବି ଫୁଟବଲ୍ ଓ ଦୌଡ଼କୁଦ ସମର କୋଚିଂ କ୍ୟାମ୍ପ ପୂର୍ବତନ ତହସିଲଦାର ଅମିୟ କୁମାର ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ୧୨ ବର୍ଷରୁ ଅଧିକ ଓ ୨୨ ବର୍ଷରୁ କମ୍ ୫୩ ଜଣ କ୍ୟାମ୍ପରେ ଯୋଗ ଦେଇଥିବା ବେଳେ ଏହି ଶିବିର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଅପରାହ୍ନରେ କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲା ମଧ୍ୟରେ ପ୍ରଦର୍ଶନୀ ରଗବୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମହିଳା ବିଭାଗର କେନ୍ଦ୍ରାପଡା ୨୦-୧୦ ବିଜୟ ହୋଇଥିବା ବେଳେ ପୁରୁଷ ବିଭାଗରେ ୨୦-୨୦ ଡ୍ର ହୋଇଥିଲା। ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସମାଜସେବୀ ଅଞ୍ଜନେୟ ପ୍ରସାଦ ରାୟ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ୍, ସାହିତ୍ୟିକ ରାମଚନ୍ଦ୍ର ଦାଶ, ସମାଜସେବୀ ମନୀଷ ସାହୁ, ଶିକ୍ଷାବିତ୍ ବିରଜା ପ୍ରସାଦ ଦାସ୍, ବିରଞ୍ଚି ବାସୁଦେବ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ଭରତ ସାହୁ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ। କ୍ୟାମ୍ପକୁ ରଗ୍‌ବୀ ଇଣ୍ଡିଆ ରେଫରୀ ଲୋକନାଥ ସାହୁ, ବିଶାଳ ଚୌଧୁରୀ, କୋଚ୍ ଅଜୟ ପ୍ରଧାନ, ବିଘ୍ନେଶ୍ୱର ମଲ୍ଲିକ ପରିଚାଳନା କରୁଛନ୍ତି। ଏହି କ୍ୟାମ୍ପ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଅସ୍ତିତ୍ୱ ରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ,୫।୫(ସମିସ): ଭଦ୍ରକ ଧର୍ମରକ୍ଷା ସମିତି, ଭଦ୍ରକ ନାଗରିକ ପରିଷଦ ଓ ଅନ୍ୟାନ୍ୟ ସଙ୍ଗଠନ ତରଫରୁ ଭଦ୍ରକ ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ଦେବେନ୍ଦ୍ରନାଥ ଦାସଙ୍କ ଦାନରେ ନିର୍ମିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ରକ୍ଷା କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ସ୍ୱର୍ଗତ ଦେବେନ୍ଦ୍ରନାଥଙ୍କର ସ୍ୱଅର୍ଜିତ କୋଟି କୋଟି ଟଙ୍କାର ଜମି ଏବଂ କୋଠାବାଡ଼ି ୧୯୯୫ ମସିହାରେ ରାଜ୍ୟ ସରକାରଙ୍କୁ ଚକ୍ଷୁ ଚିକିତ୍ସାଳୟ ନିମନ୍ତେ ଦାନ କରିଥିଲେ ଏବଂ ଉକ୍ତ ଜମିରେ ପରବର୍ତ୍ତୀ ସମୟରେ ସରକାରୀ ଚିକିତ୍ସାଳୟ ନିର୍ମାଣ କରାଯାଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରତ୍ୟହ ୨୦୦ ରୁ ଊର୍ଦ୍ଧ୍ୱ ରୋଗୀ ଚକ୍ଷୁ ଚିକିତ୍ସା ପାଇଁ ଏଠାକୁ ଆସୁଥେଠିଲ। ଏହାକୁ ସ୍ୱତନ୍ତ୍ର ଚିକିତ୍ସାଳୟ ରୂପେ ସରକାରୀ ମାନ୍ୟତା ପ୍ରଦାନ କରିଥିଲା। ଦୁଃଖର ବିଷୟ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ଗେଲପୁର ସ୍ଥାନାନ୍ତର ହେବା ପରେ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ବନ୍ଦ କରିବା ପାଇଁ କିଛି ବ୍ୟକ୍ତି ଷଡ଼ଯନ୍ତ୍ର କରିଥେଠିଲ। ଚକ୍ଷୁ ଚିକିତ୍ସାଳୟର ସମସ୍ତ ସାମଗ୍ରୀକୁ ସ୍ଥାନାନ୍ତରିତ କରି ଉକ୍ତ ସ୍ଥାନରେ ମୁଖ୍ୟ ଚିକିତ୍ସାଳୟର ସମସ୍ତ ଆବର୍ଜନା ଏବଂ ପରିତ୍ୟକ୍ତ ଆସବାବପତ୍ର ଠୁଳ କରିଥିଲେ। ସ୍ୱର୍ଗତ ଦାସଙ୍କର ସ୍ୱପ୍ନର ଚିକିତ୍ସାଳୟ ଏବଂ ତାଙ୍କର ମହତ ଉଦ୍ଦେଶ୍ୟର ଦାନକୁ ଜିଲ୍ଲା ପ୍ରଶାସନର ଅବେହଳା ହେତୁ ଭଦ୍ରକର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି



ହୋଇଥିଲା। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଉକ୍ତ ଚିକିତ୍ସାଳୟକୁ ଜଣେ ଡାକ୍ତରଙ୍କ ଦ୍ୱାରା ପରିଚାଳନା କରାଯାଉଥିଲା। ଏବେ ପ୍ରତ୍ୟେକ ଦିନ ଆସୁଥିବା ରୋଗୀମାନଙ୍କର ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ସାମଗ୍ରୀମାନ ନ ଥିବା, ଡାକ୍ତର ଅଭାବ ଓ ଷ୍ଟାଫଙ୍କ ଅଭାବ, ବିଲଡିଂର ମରାମତି ଓ ଚିକିତ୍ସାଳୟ ପରିସରରେ ପାଚେରି ନିର୍ମାଣ କରିବା ଆଦି ଦାବିକୁ ଏବେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଧର୍ମରକ୍ଷା ସମିତିର ସଭାପତି ସନ୍ତୋଷ ପରିଡ଼ା ମତ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ମାନସ ମହାନ୍ତି, ନବଘନ ପ୍ରସାଦ ଦାସ, ବଳରାମ ଜେନା, ସଞ୍ଜୀବ ଦାସ, ରଘୁନାଥ ପାଢ଼ୀ, ତପନ ମହାନ୍ତି, ବ୍ରଜକିଶୋର ମହାରଣା, ପ୍ରେମାଦ ସାହୁ, ବୃଷଭାନୁ ସାହୁ, ଅମିତ ଦାସ, ଦଶରଥ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୁଆଖିଆ,୫ା୫(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପ୍ରମୋଦ ପତି ଫାଉଣ୍ଡେସନ ପକ୍ଷରୁ ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ରଖିଥିବା ଜିଲ୍ଲା ଟପ୍ପର ଓ ରସୁଲପୁର ବ୍ଲକରେ ଏ-୧ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଫାଉଣ୍ଡେସନର ସଭାପତି ସରୋଜିନୀ ପତି ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ, ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ଜେନା, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ସରକାରୀ ଆଇନଜୀବୀ ମନୋରଞ୍ଜନ ପତି, ରବୀନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଜିଲ୍ଲାରେ ଏ-୧ ଟପ୍ପର ଛାତ୍ର ଶୁଭମ ସାହୁ ଓ ରସୁଲପୁର ବ୍ଲକରେ ସମସ୍ତ ଏ-୧ ପାଇ ଥିବା ଆଦ୍ୟାସା ଦାସ, ଗୁରୁଦେବ ଦାସ, ପଲକ ସ୍ୱାଇଁ, ଦେବଂଶୀ ଦେବନିତା ମହାନ୍ତି, ଆର୍ଯ୍ୟାଭିଷେକ ସାହୁ, ପ୍ରତ୍ୟାଶା ଦାସ, କୌଶଲ୍ୟା ପତି, ରାଜଶ୍ରୀ ରାଜନନ୍ଦିନୀ ଜେନା, ପ୍ରିୟାନ୍ସି ସାହୁ, ସାଇଶ୍ରୀ ମହାରଣା, ଆଦର୍ଶ ପଣ୍ଡାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁରସ୍କାର ପ୍ରଦାନ କରିଥିଲେ।

# ସାମ୍ବାଦିକଙ୍କ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ,୫ା୫(ସମିସ)



ସାମ୍ବାଦିକଙ୍କ ସୁରକ୍ଷା ଓ ଆର୍ଠଥକ ସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପତ୍ରଟି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାମଲ, ଆବାହକ ଅବିନାଶ ପଣ୍ଡା, ସାମ୍ବାଦିକ ରାମ ନାରାୟଣ ମହାନ୍ତି, ସଞ୍ଜୀବ ନାଏକ, କୋଷାଧ୍ୟକ୍ଷ ସୁଜୟ ପାକଳ, ଅମର ନାଏକ, ରଞ୍ଜନ ମଲ୍ଲିକ, ଅଜୟ ମଲ୍ଲିକ, କାହ୍ନୁ ଯେନା, ଅଭିଳାଷ ପଣ୍ଡା, ସୀତାକାନ୍ତ ବିଶ୍ୱାଳ, ଅଶୋକକୁମାରସାହୁ, ଅକ୍ଷୟନାଏକ, ସୁଶାନ୍ତରାଉତ, ସେକ ଜାଫର ଅଲ୍ଲୀ, ସନ୍ତୋଷ ସାହୁ, ମାନସ ପରିଡା, ସିଦ୍ଧାର୍ଥ ଶଙ୍କର ମିଶ୍ର, କାଳନ୍ଦୀ ବେହେରା, ରାଜେନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ଲେଙ୍କା, ବିରଂଚି ବେହେରା, ଆକାଶଆଦିତ୍ୟ ବେହେରା, ସୌଜନ୍ୟ ପ୍ରକାଶ ପାଣି, ମନୋରଞ୍ଜନ ମହାନ୍ତି, ଭଗବାନ ସାମଲ, ଦୀପ୍ତି ରଞ୍ଜନ ନାୟକ, ସନ୍ତୋଷ ଦାସ, ରତିକାନ୍ତ ନାୟକ, ରମେଶ ଚନ୍ଦ୍ର ପାଗଳ, ସାଧନ ଧର, ଆଶିଷ ମହାନ୍ତି, ଅଶ୍ୱିନୀ ପାଢ଼ୀ, ଜଗନ୍ନାଥ ବେହେରା, ପ୍ରଦୀପ ବଳ, ଶୁଭାଶିଷ ଦ୍ୱିବେଦୀ ପ୍ରମୁଖ ଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ଆର୍ଠଥକ ଓ ସାମାଜିକ ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ। ଆମ ଦେଶର ଅଧିକାଂଶ ରାଜ୍ୟରେ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ଦିଆଯାଉଥିଲାବେଳେ, ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ। ଉତ୍ତରପ୍ରଦେଶ, ବିହାର, ହରିୟାଣା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଅରୁଣାଚଳ ପ୍ରଦେଶ ସମେତ ଦେଶରେ ୨୦ ରୁ ଅଧିକ ରାଜ୍ୟରେ ୧୦ ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ପେନସନ୍, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମାଜିକ ସୁରକ୍ଷା ଆଇନ ମାଧ୍ୟମରେ ବୃତିଗତ ଭତ୍ତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ପ୍ରଦାନ କରାଯାଉଛି । ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକୀୟ ମୌଳିକ ସୁବିଧାରୁ ସାମ୍ବାଦିକ ବର୍ଗଙ୍କୁ ବଞ୍ଚିତ କରାଯାଇଛି। ରାଜ୍ୟ ସରକାର ସାମ୍ବାଦିକଙ୍କ ଦାବି ପ୍ରତି ଆବଶ୍ୟକ ସମ୍ବେଦନଶୀଳ ନୁହନ୍ତି। ଏହି ପରିପ୍ରେକ୍ଷୀରେ "ଉତ୍କଳ ସାମ୍ବାଦିକ ସଂଘ' ପକ୍ଷରୁ ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ସାମ୍ବାଦିକଙ୍କୁ ବ୍ୟାପକ ଭାବରେ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହୋଇଛି। ସେହିପରି ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ୬୦ ବର୍ଷରୁ ଅଧିକ ସାମ୍ବାଦିକଙ୍କ ପାଇଁ ୧୫ ହଜାର ଟଙ୍କାର ପେନସନ୍ ବ୍ୟବସ୍ଥା, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ସ୍ୱଳ୍ପ ମୂଲ୍ୟରେ ରହଣି ବ୍ୟବସ୍ଥା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା, ପିତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ କରିବାକୁ ଦାବି ରଖିଛି ।

## ନାହିଁ ନାହିଁରେ ଚାଲିଛି ସରକାରୀ କାର୍ଯ୍ୟାଳୟ

# ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ଦାବି

ଧାମନଗର,୫।୫(ସମିସ): ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବେ ନାହିଁ ନାହିଁରେ ଚାଲିଛି । ଏହି ଅଞ୍ଚଳରେ ଥିବା ବିଇଓ ଅଫିସ୍, ଉଦ୍ୟାନ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଧାମନଗର ବିଇଓ ଅଫିସରେ ସ୍ଥାୟୀ ଅଧିକାରୀ ନାହାନ୍ତି। ବରିଷ୍ଠ କିରାଣି ଓ କନିଷ୍ଠ କିରାଣି ସ୍ଥାୟୀ ଭାବରେ ୩ ଜଣ ମଧ୍ୟରୁ କେହି ନଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ ନାହାନ୍ତି। ଦୀର୍ଘ ଦିନ ହେବ ଜଣେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଛି। ଧାମନଗର ଉଦ୍ୟାନ କୃଷି ଭବନ ଅଧିକାରୀ ଅବସର ପରେ ଏହି ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ସ୍ଥାୟୀ ଅଧିକାରୀ ନଥିବା ବେଳେ ଓ ଅନ୍ୟ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଛି ।




ସ୍ୱାସ୍ଥ୍ୟ ବିଭାଗ କଥା ନ କହିବା ଭଲ। ବହୁ ସମସ୍ୟା ଘେରରେ ରହିଛି ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର । ପ୍ରାୟ ୧୬ ଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ହଜାର ହଜାର ଲୋକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ସିଏଚ୍‌ସିରେ ଏବେ କର୍ମଚାରୀ ଓ ଅଧିକାରୀ ମରୁଡ଼ି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ପବ୍ଲିକ ହେଲଥ ଅଫିସର (ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ) ନାହାଁନ୍ତି। ଏଠାରେ ମେଲ ଓ ଫିମେଲ ହେଲଥ ସୁପରଭାଇଜର ପଦବୀ ଶୂନ୍ୟ ଥିବାବେଳେ ହେଲଥ ୱାର୍କର ଫିମେଲଙ୍କ ପଦୋନ୍ନତି ପରେ ଏହି ସ୍ଥାନ ମଧ ଖାଲି ପଡ଼ିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସବସେଣ୍ଟର ୨୮ ଟିରୁ ୧୮ ଟିରେ ଅଧିକାରୀ ନାହାନ୍ତି । ଏଥି ସହିତ ସ୍ୱାସ୍ଥ୍ୟ ପରିଦର୍ଶକ ପଦବୀ ୬ ଟି ଥିବା ବେଳେ ଗତ ସରକାର ସମୟରେ ୩ ଟି ବଢ଼ି ୯ ଟି ହୋଇଥିଲା । ଏବେ ଏହି ପଦବୀ ୮ଟି ଫାଙ୍କା ପଡ଼ିଥିବା ବେଳେ ଗୋଟିଏ ବିଭାଗରେ ୯ ଜଣଙ୍କ କାମକୁ ଜଣେ କିପରି ସମ୍ଭାଳିବେ ତାହା ଆଶ୍ଚର୍ଯ୍ୟର ବିଷୟ । ଏଥି ସହିତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ଜଣ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପଦବୀରୁ ମାତ୍ର ଜଣିଏ ଥିବା ବେଳେ ଆଉ ୯ଟି ପଦବୀ ଶୂନ୍ୟ ପଡ଼ିଛି । ଏତିକିରେ ସରିନି ଏଠାରେ ଡିଜିଟାଲ ଏକ୍ସରେ ବ୍ୟବସ୍ଥା ମଧ ନାହିଁ। ଯେଉଁ ଏକ୍ସରେ ଅଛି ବାରମ୍ବାର ଅଚଳ ହେବାରୁ ରୋଗୀର ରୋଗ ଭଲ ହେବା ପାଇଁ ବାହାରେ ଏକ୍ସରେ କରି ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ ଓ ଚକିତ ହେବାଭଳି କଥା ହେଲା ଯେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ସମ୍ପୂର୍ଣ୍ଣ ଶୂନ୍ୟ ପଡ଼ିଛି । ପୂର୍ବରୁ ଏହି ପଦବୀରେ ୮ ଜଣ କାର୍ଯ୍ୟ କରୁଥିବା ବେଳେ ଧୀରେ ଧୀରେ ସମସ୍ତେ ଅବସର ନେବାରୁ ତାହା ଫାଙ୍କା ପଡ଼ିଛି । ନାହିଁ ନାହିଁରେ ଚାଲିଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଣ ଏବଂ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ବିଭାଗୀୟ ସଚିବ, ଜିଲ୍ଲାପାଳ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।



**ଜୁଣପଶି ଗାଁକୁ ରାସ୍ତା ନାହିଁ; ଯାଇପାରିଲାନି ଆମ୍ବୁଲାନ୍ସ**

# ୪ କିମି ଷ୍ଟ୍ରେଚର୍‌ରେ ବୁହାହେଲେ ରୋଗୀ

**ଆନନ୍ଦପୁର/ହାଟଡିହି, ୫।୫ (ସମିସ):** ଗାଁକୁ ରାସ୍ତା ନଥିବାରୁ ୪ କିଲୋମିଟର ଖଟିଆରେ ବୁହାହେଲେ ୨ ରୋଗୀ। ଏଭଳି ଏକ ଅଭାବନୀୟ ଓ ହୃଦୟବିଦାରକ ଘଟଣା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଜୁଣପଶି ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗ୍ରାମର କୁନା ଜାଙ୍ଗୁଲା କିଡନୀ ରୋଗରେ ପୀଡ଼ିତ ଥିବାବେଳେ ହଠାତ୍ ତାଙ୍କର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହି ସମୟରେ ଗାଁର ଅନ୍ୟ ଜଣେ ବ୍ୟକ୍ତି ପଞ୍ଚୁ ଜାଙ୍ଗୁଲା ମଧ୍ୟ ଭୟଙ୍କର ଜ୍ୱରରେ ପୀଡ଼ିତ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ଉଭୟଙ୍କ ଅବସ୍ଥା ଗମ୍ଭୀର ହେବାରୁ ପରିବାର ଲୋକ ତୁରନ୍ତ ଆମ୍ବୁଲାନ୍ସକୁ ଡାକିଥିଲେ; କିନ୍ତୁ ଦୁର୍ଭାଗ୍ୟବଶତଃ ଗାଁକୁ ଯିବା ପାଇଁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗ୍ରାମ ଭିତରକୁ ପହଞ୍ଚିପାରି ନଥିଲା। ଫଳରେ ଗାଁଠାରୁ ପ୍ରାୟ ୪ କିଲୋମିଟର ଦୂରରେ ଆମ୍ବୁଲାନ୍ସକୁ ରଖିବାକୁ ପଡ଼ିଥିଲା। ଏହି ଜରୁରୀ ସମୟରେ ଆମ୍ବୁଲାନ୍ସ କର୍ମଚାରୀ ଓ ଗ୍ରାମବାସୀଙ୍କ ମାନବିକତା ଦେଖିବାକୁ ମିଳିଥିଲା। ଉଭୟ ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ପ୍ରାୟ ୪ କିଲୋମିଟର ଦୂର ଚାଲି ଚାଲି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଯାଇଥିଲେ। ପରେ ଆମ୍ବୁଲାନ୍ସ ସାହାଯ୍ୟରେ ଉଭୟଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ବର୍ତ୍ତମାନ ଉଭୟ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଓ ଭଲ ଥିବା ସୂଚନା ମିଳିଛି। ଏହି ଘଟଣା ଆମ୍ବୁଲାନ୍ସ କର୍ମଚାରୀଙ୍କ ସହଯୋଗ ଓ ମାନବିକତାକୁ ଦର୍ଶାଉଥିବା ସହିତ ସରକାରୀ ଯାତାୟାତ ବ୍ୟବସ୍ଥାର ଦୁର୍ବଳତାକୁ ମଧ୍ୟ ଉଜାଗର କରିଛି। ଆଜିବି ଅନେକ ଗ୍ରାମରେ ମୌଳିକ ସୁବିଧା, ବିଶେଷକରି ରାସ୍ତା ବ୍ୟବସ୍ଥା ନଥିବାରୁ ଲୋକମାନେ ଏପରି ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହି ଗ୍ରାମରେ ରାସ୍ତା ସୁବିଧା କରିବାକୁ ପଦକ୍ଷେପ ନେବ ବୋଲି ଆଶା କରାଯାଇଛି।

## ଗୋପବନ୍ଧୁନଗର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା



**କୁଆଁମରା, ୫।୫ (ସମିସ):** ଗୋପବନ୍ଧୁନଗର ବ୍ଲକ ପରିସର ନୂତନ ସଭାଗୃହରେ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଓ ପିଏମ୍ ପୋଷଣ ଉପରେ ସମୀକ୍ଷା, ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ବ୍ଲକ ଉପାଧ୍ୟକ୍ଷ ରଶ୍ମିତା ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଜ୍ଞାରଞ୍ଜନ ପରିଡ଼ା, ଏବିଡିଓ ବିଘ୍ନେଶ ବେହେରା, ସହକାରୀ ଯନ୍ତ୍ରୀ ଅଭିଷେକ ଜାୟୁଡ଼ିଆ ପ୍ରମୁଖ ମଞ୍ଚାସୀନ ଥିଲେ। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ମନରେଗାରେ ୯୩୮ ୨୫ ପରିବାର ପଞ୍ଜିକୃତ ହୋଇଥିବାବେଳେ ୨୦୫ ପରିବାର ଶହେ ଦିନର କାମ ପୂରଣ କରିଛନ୍ତି। ୬୭୦ଟି ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୫୮୦୩ ଶ୍ରମିକଙ୍କ କାର୍ଯ୍ୟ ଯୋଗାଇ ଦିଆଯାଇଛି। ୧୫୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୧୨୫୪୯ ଦିବସ ଶ୍ରମ ଦିବସ ସୃଷ୍ଟି ହୋଇଥିବାବେଳେ ଏଥିରେ ୯୯୮ ଲକ୍ଷ ୩୯ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଛି। ସେହିପରି ଏଥିପୂର୍ବରୁ ପଞ୍ଚାୟତରେ ଅଡିଟ୍ ସମୟରେ ବିଭିନ୍ନ ଅନିୟମିତତା ପଦାକୁ ଆସିଥିଲା। ଅନେକ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ କାଗଜପତ୍ରରେ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ସେହିପରି କେତେକ ସ୍ଥାନରେ ଗ୍ରାମ ସଭାର ରିଜୋଲେସନ କପି ମିଳି ନ ଥିବା କୁହାଯାଇଥିଲା। କେସ୍ ରେକର୍ଡ ଓ ୱାର୍କ ଅର୍ଡର ମଧ୍ୟ ଦେଖିବାକୁ ମିଳି ନ ଥିଲା। ଏଥିପାଇଁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ତେବେ ସପ୍ତାହ ମଧ୍ୟରେ ଏହାକୁ ଠିକ୍ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷା ବିଭାଗ ଉପରେ ଆଲୋଚନା ହୋଇଥିଲା। ମଧ୍ୟାହ୍ନଭୋଜନ ରନ୍ଧା ଖାଦ୍ୟ ପରୀକ୍ଷା କରି ପିଲାଙ୍କୁ ଖାଇବାକୁ ଦିଆଯିବାକୁ କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି। ଏଥିନିମନ୍ତେ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରାଯିବାକୁ କୁହାଯାଇଛି। କୁଆଁମରା ଉଚ୍ଚବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ଉପରେ ବିଡିଓ ବିରକ୍ତି ପ୍ରକାଶ କରିଥିଲେ। ଚତୁରେଶ୍ୱର ହାଇସ୍କୁଲରେ ରୋଷେଇ ଘର ନ ଥିବା ନେଇ ଆଲୋଚନା ହୋଇଥିଲା। ପୁରୁଣା ବାରିପଦା ରିଜିଓନାଲରେ ଷ୍ଟକ ରେଜିଷ୍ଟ୍ରେସନ ଠିକ୍ ଭାବେ ମେଣ୍ଟେନ ହୋଇ ନ ଥିବା ନେଇ ବିଡ଼ିଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଅନେକ ବିଦ୍ୟାଳୟରେ ରୋଷେଇ ସାମଗ୍ରୀ ମସଲା ଏକ୍ସପାୟର ହୋଇଯାଇଥିଲେ ମଧ୍ୟ ତାହାକୁ ବ୍ୟବହାର କରାଯାଉଥିବା ପରିଦର୍ଶନ ସମୟରେ ଦେଖିବାକୁ ପାଇଥିଲେ ବିଡିଓ। ସେ ଉପରେ କଡାକଡି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସରପଞ୍ଚ, ସମିତି ସଭ୍ୟ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକର ବିଭିନ୍ନ ପଦାଧିକାରୀ, ବ୍ଲକ ଓ ଗାଁ ସାମାଜିକ ସମୀକ୍ଷକ ଉପସ୍ଥିତ ଥିଲେ।

**● ଘୋଷଣାରେ ସୀମିତ ରାଇରଙ୍ଗପୁର ପୁଲିସ ଜିଲ୍ଲା**

## କାର୍ଯ୍ୟକାରିତାରେ ହେଉଛି ବିଳମ୍ବ, ନିଯୁକ୍ତି ହେଉନାହାନ୍ତି ଏସ୍‌ପି

**ରାଇରଙ୍ଗପୁର, ୫।୫ (ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା କରିବା କେବଳ ଘୋଷଣାରେ ହିଁ ସୀମିତ ରହିଛି। ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବାବେଳେ ନୂତନ ଏସପି ନିଯୁକ୍ତ କରାଯାଇନାହିଁ। ଯାହାକୁ ନେଇ ରାମଦୋଳି ୟୁଥ ପାୱାର ଆସୋସିଏସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବାମନଘାଟି ଓ ପାଞ୍ଚପିଢ଼କୁ ନେଇ ନୂତନ ପୁଲିସ ଜିଲ୍ଲା ହେବ। ଆଦିବାସୀ ବହୁଳ ଦୁଇ ଉପଖଣ୍ଡର ଲୋକମାନେ ତ୍ୱରିତ ନ୍ୟାୟ ପାଇବେ। ସ୍ଥାନୀୟ ଲୋକମାନେ ମଧ୍ୟ ଉପକୃତ ହେବେ। କିନ୍ତୁ ଘୋଷଣା ପରେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ମୟୂରଭଞ୍ଜ ସାଂସଦ, ସାରସକଣା ବିଧାୟକ, ରାଇରଙ୍ଗପୁର ବିଧାୟକ, ଯଶିପୁର ବିଧାୟକ ଓ କରଞ୍ଜିଆ ବିଧାୟକ ମଧ୍ୟ ନିରବ ରହିଛନ୍ତି। ନୂତନ ପୁଲିସ ଜିଲ୍ଲା ସହ ଏସପି ନିଯୁକ୍ତି ହେଲେ ପୁଲିସ ବ୍ୟବସ୍ଥା ମଜବୁତ ହେବ। ଏଥିସହିତ ଲୋକଙ୍କୁ ଉନ୍ନତ ପୁଲିସ ସେବା ମିଳିପାରିବ। ଅପରାଧ ଉପରେ କଡ଼ା ନଜର ରହିବା ସହ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରହିବ। ତୁରନ୍ତ ପୁଲିସ ଜିଲ୍ଲା କାର୍ଯ୍ୟକାରୀ କରି ତୁରନ୍ତ ନୂତନ ଏସପି ନିଯୁକ୍ତି ନେଇ ଦାବି ହୋଇଛି। ନଚେତ ଆଗକୁ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

**ରାମଦୋଳି ୟୁଥ୍ ପାୱାର ଆସୋସିଏସନ ପକ୍ଷରୁ ଦାବିପତ୍ର**

# କୋଟିକୋଟି ଟଙ୍କାର ସରକାରୀ କୋଠା ଭୂତକୋଠି

**■ ଦୃଷ୍ଟି ଆକର୍ଷଣ କଲେ ବି ଆନନ୍ଦପୁର ପ୍ରଶାସନ ନିରବ**





**ଆନନ୍ଦପୁର, ୫।୫ (ସମିସ):** କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡରେ ବିକାଶକୁ ନେଇ ଏବେ ଗଭୀର ପ୍ରଶ୍ନ ଉଠିଛି। ଯେଉଁଠି ସରକାର ଲୋକମାନଙ୍କ ସୁବିଧା, ଆଶ୍ରୟ ଓ ଅଗ୍ରଗତିକୁ ପ୍ରାଥମିକତା ଦେବା ଦରକାର, ସେଠି ଦୃଶ୍ୟ ପୂରାପୁରି ଓଲଟା। ଦିନକୁ ଦିନ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ଉଠୁଛି ଗୁରୁତର ପ୍ରଶ୍ନ। ଆନନ୍ଦପୁର ପୌରପାଳିକାର ୩ ନଂ ୱାର୍ଡରେ, ପାଠାଗାର ଓ ଝାଡେଶ୍ୱର ମନ୍ଦିରକୁ ଯିବା ରାସ୍ତା ପାଖରେ, ଘଷିପୁରା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଦୁଇଟି ସରକାରୀ କୋଠା ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ବର୍ଷରୁ ବର୍ଷ ଧରି ଏହି କୋଠାଗୁଡ଼ିକର କୌଣସି ବ୍ୟବହାର ହେଉନାହିଁ, ବରଂ ଏହା ଏବେ ଅସାମାଜିକ ତତ୍ତ୍ୱ ଓ ମଦୁଆମାନଙ୍କ ଆଡ୍ଡା ସ୍ଥଳୀରେ ପରିଣତ ହୋଇଛି। ବାରମ୍ବାର ଏନେଇ ଖବର ପ୍ରସାରଣ କରି ପ୍ରସାଶନର ଦୃଷ୍ଟି ଆକର୍ଷଣ କରିଲେ ବି କାହିଁକି ନିଦାବିଷ୍ଟ ସାଜିଛି ପ୍ରଶାସନ ତାହା ସଭିଙ୍କ ମନରେ ଏବେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏହା ପ୍ରଶାସନର ଉଦାସୀନତାକୁ ସ୍ପଷ୍ଟ କରୁଛି। ଏଠି ପ୍ରଶ୍ନ ଉଠୁଛି, ଯେଉଁଠି ଗରିବ ଓ ଅବସ୍ଥାପନ୍ନ ଲୋକମାନେ ଆଜି ମଧ୍ୟ ଘର ଅଭାବରେ ଦୁଃଖ ଭୋଗୁଛନ୍ତି, ସେଠି କୋଟି କୋଟି ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥିବା ସରକାରୀ କୋଠା ଏଭଳି ଅବହେଳାରେ କାହିଁକି ପଡ଼ି ରହିଛି? ଏହା କାହା ପାଇଁ ତିଆରି ହୋଇଥିଲା? କାହିଁକି ଏହାର ବ୍ୟବହାର ହେଉନାହିଁ? ସରକାରୀ ସମ୍ପତ୍ତି ଯଦି ଏଭଳି ଭାବରେ ଅବହେଳିତ ହୋଇ ପଡ଼ି ରହେ, ତେବେ ଏହା କେବଳ ଟଙ୍କାର ଅପଚୟ ନୁହେଁ, ବରଂ ବିକାଶ ପ୍ରତି ଏକ ଅବହେଳାର ସଂକେତ ମଧ୍ୟ ଅଟେ। ଏବେ ସାଧାରଣ ଲୋକଙ୍କ ଦାବି, ଏହି ଜରାଜୀର୍ଣ୍ଣ କୋଠାଗୁଡ଼ିକୁ ଶୀଘ୍ର ପୁନରୁଦ୍ଧାର କରାଯାଇ ସେଗୁଡ଼ିକୁ ଲୋକଙ୍କ ଉପକାରରେ ବ୍ୟବହାର କରାଯିବାକୁ ଦାବି ହୋଇଛି।

**● ପୁଲିସ ପରିଚୟ ଦେଇ ଠକିଲେ**

## ୪ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ନେଇ ଫେରାର

**ବାରିପଦା, ୫।୫ (ସମିସ):** ନିଜକୁ ପୁଲିସ ପରିଚୟ ଦେଇ ଜଣେ ବ୍ୟବସାୟୀଙ୍କଠାରୁ ସେ ପିନ୍ଧିଥିବା ୪ ଲକ୍ଷ ଟଙ୍କା ମୂଲ୍ୟର ସୁନା ଚେନ୍ ଓ ସୁନା ମୁଦିକୁ ଠକକତା କରି ଲୁଟି ନେଇଥିବା ସମ୍ପର୍କରେ ସ୍ଥାନୀୟ ଟାଉନ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଛି। ଅଭିଯୋଗକାରୀ ବ୍ୟବସାୟୀ ଗୌରାଙ୍ଗ ଚନ୍ଦ୍ର ତ୍ରିପାଠୀଙ୍କ ବାରିପଦା ମୁଖ୍ୟ ମାର୍କେଟ୍ ଛକରେ ଏକ ପାନ ଦୋକାନ ରହିଛି। ସେ ଗତକାଲି ଅପରାହ୍ନ ପ୍ରାୟ ୨ଟା ସମୟରେ ତାଙ୍କ ଦୋକାନ ସନ୍ନିକଟ ଏକ ସାଇକଲ ଦୋକାନକୁ ସାଇକଲ ମରାମତି ପାଇଁ ନେଇଥିଲେ। ସାଇକଲ ଦୋକାନରେ ଥିବାବେଳେ ରାସ୍ତାର ଅପର ପାର୍ଶ୍ୱରେ ଥିବା ଜଣେ ଅଜଣା ବ୍ୟକ୍ତି ନିଜକୁ ପୁଲିସ ପରିଚୟ ଦେଇ ତାଙ୍କୁ ଡାକିବା ସହିତ ଲୁଟତରାଜ ବୃଦ୍ଧି ପାଉଥିବା ନେଇ ସତର୍କ କରାଇଥିଲେ। ଅଭିଯୋଗକାରୀ ବ୍ୟବସାୟ ପିନ୍ଧିଥିବା ୨୦ ଗ୍ରାମ ଓଜନର ସୁନାହାର ଓ ୧୦ଗ୍ରାମ ଓଜନର ସୁନାମୁଦି ଉଭୟକୁ ବ୍ୟକ୍ତି ଜଣଙ୍କ ଖୋଲି ଏକ କାଗଜରେ ଗୁଡାଇ ରଖିବାକୁ ପରାମର୍ଶ ଦେଇଥିଲେ। ସେହି ଅନୁଯାୟୀ ସେ ପିନ୍ଧିଥିବା ସୁନା ଚେନ୍ ଓ ମୁଦିକୁ ଖୋଲି ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଦେବାରୁ ସେ ତାହାକୁ କାଗଜରେ ଗୁଡ଼ାଇ ଅଭିଯୋଗକାରୀଙ୍କୁ ପକେଟରେ ରଖିବା ପାଇଁ କହିବା ସହ ଘରକୁ ଯାଇ ଖୋଲି ପାଇଁ କହିଥିଲେ। କିନ୍ତୁ ଘରେ ପହଞ୍ଚି କାଗଜ ଖୋଲିବାରୁ ମୁଦି ଓ ଚେନ୍ ବଦଳରେ ପଥର ଗୋଡ଼ି ଥିବା ଦେଖିବାକୁ ପାଇଥିଲେ। ଏପରି ଭାବେ ସେ ଠକାମିର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ଜନଶୁଣାଣି ଶିବିର

**ମହୁଲଡିହା/ଠାକୁରମୁଣ୍ଡା, ୫।୫ (ସମିସ):** ଠାକୁରମୁଣ୍ଡା ବ୍ଲକ ପରିସର ସଭା କକ୍ଷରେ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟର ଏହି ଜନଶୁଣାଣିରେ ମନରେଗା, ସମଗ୍ର ଶିକ୍ଷା ଓ ପିଏମ ପୋଷଣ ସ୍ଥାନ ପାଇଥିଲା। ଠାକୁରମୁଣ୍ଡା ବ୍ଲକର ୧୮ଟି ପଞ୍ଚାୟତ ଅଧୀନରେ କାର୍ଯ୍ୟକ୍ରମର ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ତେବେ



ବିନା ଜନସାଧାରଣରେ ଏହି ଶିବିର ଆୟୋଜିତ ହୋଇଥିବା ଅଭିଯୋଗ ହେଉଛି। ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମୀକ୍ଷାରେ ନୋଡାଲ ଅଧିକାରୀ ଭାବେ ସମ୍ନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସମେତ ମୃତ୍ତିକା ସଂରକ୍ଷଣ ବିଭାଗ, ଜଙ୍ଗଲ ବିଭାଗ, କୃଷି, ଉଦ୍ୟାନ କୃଷି ଆଦି ବିଭାଗର ଅଧିକାରୀ ସମୂହ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକଳ୍ପରେ ଡକ୍ୟୁମେଣ୍ଟ ଅଭାବ, ସ୍କୁଲମାନଙ୍କରେ ଭିତ୍ତିଭୂମି ଅଭାବ, ସ୍କୁଲରେ ଡ୍ରେନ ସମସ୍ୟା, ମନରେଗା କାମରେ ପୁରୁଣା ଫଳକରେ ରଙ୍ଗ ମାରି ଅର୍ଥ ନେବା ଆଦି ଆସିଥିବା ଅଭିଯୋଗର ଶୁଣାଣି ହୋଇଥିଲା। ମଜୁରୀ ସମସ୍ୟା ଥିଲେ ମଧ୍ୟ ବିଳମ୍ବରେ ଅର୍ଥ ମିଳୁଥିବା ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ପକ୍ଷରୁ ବିଶେଷ ଅଭିଯୋଗ ଆସି ନ ଥିଲା। ସରପଞ୍ଚ, ସମିତି ସଭ୍ୟସଭ୍ୟା ଏଥିରେ ଯୋଗ ଦେଇଥିଲେ।

## ପାଟଣା ରେଞ୍ଜରେ ହାତୀ ଉପଦ୍ରବ ଜାରି

**ତୁରୁମୁଙ୍ଗା, ୫।୫ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ୪ ଟିକିଆ ହାତୀପଲ ଅଟେଇ ଜଙ୍ଗଲରୁ ଆସି ମଲ୍ଲୀପଶି ଗାଁକୁ ଧସେଇ ପଶିବା ସହ ଦୁଇ ଦିନ ଧରି ଆତଙ୍କ ଖେଳାଇଥିଲେ। ବିଳମ୍ବିତ ରାତିରେ ରାମଚନ୍ଦ୍ରପୁର ଶୁଙ୍କମୁନି ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିବା ବେଳେ ଏବେ ହାତୀପଲ ମୂଷାଖୋରି ଗାଁ ନିକଟ ଜଙ୍ଗଲରେ ଡେରା ପକାଇଛନ୍ତି। ହାତୀପଲଙ୍କୁ ଟେକା ପଥର ମାରିବା ସହ ମାଡ଼ ମାରି ବିଚଳିତ କରୁଥିବା ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନ ବିଭାଗ।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା, ୫।୫ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା କେନ୍ଦୁଯୋଡା ଗ୍ରାମ ନିକଟସ୍ଥ ବୈତରଣୀ ନଦୀ କୂଳରୁ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କେନ୍ଦୁଯୋଡା ଗ୍ରାମର ପ୍ରମିଳା ମହାନ୍ତ। ପ୍ରମିଳା ଗତକାଲିଠାରୁ ନିଖୋଜ ଥିଲେ। ଆଜି ସକାଳେ ଗ୍ରାମବାସୀ ନଦୀ କୂଳରେ ଏକ ମୃତଦେହ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

**● ପଞ୍ଚମ ଜିପିଏଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

## ଖିଲାଡ଼ି ଆଭେଞ୍ଜରକୁ ହରାଇ ଡାଇନାମିକ ଇଲେଭେନ ଚାମ୍ପିଅନ୍

**ଉଦଳା, ୫।୫ (ସମିସ):** ଏଠାରେ ଚାଲିଥିବା ପଞ୍ଚମ ଜିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୦ ଦିନ ଧରି ୮ଟି ଟିମକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ଖଲାଡି ଆଭେଞ୍ଜର ଓ ଡାଇନାମିକ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଡାଇନାମିକ ଇଲେଭେନ ଟିମ୍ ୩ ୱିକେଟ୍‌ରେ ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଫାଇନାଲ୍ ମ୍ୟାଚ୍‌ରେ ଖଲାଡି ଆଭେଞ୍ଜର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭୩ ରନ କରିଥିଲା। ଏହାର ଜବାବରେ ଡାଇନାମିକ ଇଲେଭେନ ଟିମ ୯ ଓଭରରେ ୭ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶୁଭଙ୍କର ସିଂ ମ୍ୟାନ ଅଫ ଦି ମ୍ୟାଚ ଓ ରାହୁଲ ପାତ୍ର ବେଷ୍ଟ ପ୍ଲେୟର ଭାବେ ପୁରସ୍କୃତ ହୋଇଥିଲେ। ମୟୂରଭଞ୍ଜ ଆଦିବାସୀ ୟୁଥ ଆସୋସିଏସନର ଜିଲ୍ଲା ସମ୍ପାଦକ ସୌମ୍ୟରଞ୍ଜନ ବେଶ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣର ବାର୍ଷିକ ଉତ୍ସବ 'ପ୍ରତିଫଳନ-୨.୦'

**ବାରିପଦା, ୫।୫ (ସମିସ):** ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ପରିସରରେ ଥିବା ସଭା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହ ପ୍ରଧାପକ ଚିତ୍ରସେନ ସେଠୀ ଓ ମୁଖ୍ୟବକ୍ତା ଭାବେ ଉକ୍ତ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନ, କଟକର ଅଧ୍ୟକ୍ଷ ନିରଞ୍ଜନ ସାହୁ, ମୁଣ୍ଡାରୀ ସମ୍ପ୍ରଦାୟର ଭାଷା ସଂସ୍କୃତି ଉପରେ କାର୍ଯ୍ୟରତ ନନ୍ଦଲାଲ ସିଂ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବର ଆଭିମୁଖ୍ୟ, ଉପାଦେୟତା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଚମ୍ପାବତୀ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ମୟୂର ଗଡ଼ର ବାର୍ତ୍ତା' ଅତିଥିଙ୍କ ହାତରେ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ତତସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା, କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷିକା ରୂପାଲୀ ରଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



## ଟ୍ରକ୍ ଚାପାରେ ଶିଶୁକନ୍ୟା ମୃତ

**କରଞ୍ଜିଆ, ୫।୫ (ସମିସ):** କରଞ୍ଜିଆ କୁରୁଳିଆ ଅଞ୍ଚଳରେ ଆଜି ସନ୍ଧ୍ୟା ପ୍ରାୟ ୭.୩୦ ମିନିଟ ସମୟରେ ଦ୍ରୁତଗତିରେ ଆସୁଥିବା ବାରଚକିଆ ଟ୍ରକ୍ ଚାପି ଦେବା ଫଳରେ ୪ ବର୍ଷର ନାବାଳିକାର ମୃତ୍ୟୁ ଘଟିଛି। ମୃତକର ନାମ ପୂଜା ବୋଲି ଜଣାପଡିଛି। ସେ ରଘୁବୀର ଲୋଚନ ନାୟକଙ୍କ ଝିଅ। ପୂଜା ମାଆ ସହିତ ପାଣି ଆଣିବାକୁ ଯାଉଥିବାବେଳେ ଏହି ଘଟଣା ଘଟିଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଦ୍ରୁତଗତି ଯାନ ଚାଳନା ଉପରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର, ୫।୫ (ସମିସ):** ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ରରୁଆଁ ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଟ୍ରାକ୍ଟର ଜବତ ହୋଇଛି। ଭଣ୍ଡନ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଯାହାକୁ ନେଇ ରରୁଆଁ-ବେନିସାଗର ରାସ୍ତାରେ ଟ୍ରାକ୍ଟରକୁ ଅଟକାଇବାକୁ ପୁଲିସ ଚେଷ୍ଟା କରିଥିଲା। କିନ୍ତୁ ତାହା ପୁଲିସକୁ ଚକମା ଦେଇ ଜଙ୍ଗଲ ଆଡ଼କୁ ଫେରାର ହୋଇଥିଲା। କିଛି ବାଟ ପରେ ଟ୍ରାକ୍ଟର ଚାଳକ ଗାଡ଼ି ଛାଡି ଚମ୍ପଟ ମାରିଥିଲା। ଟ୍ରାକ୍ଟର ଯାଞ୍ଚ କରିବାରୁ ଗାଡ଼ି ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏ ନେଇ ରରୁଆଁ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

**● ଅଲଚିକି ଲିପି ଶିକ୍ଷାର ଶୁଭାରମ୍ଭ**

## ଲିପିର ପ୍ରଚାର ଓ ପ୍ରସାର ନିମନ୍ତେ ହେବ ତାଲିମ

**ରାଇରଙ୍ଗପୁର, ୫।୫ (ସମିସ):** ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ଶହୀଦ ନୁଦୁରାମ ମେମୋରିଆଲ ଟ୍ରଷ୍ଟ ଓ ଅଲ୍ ଇତୁନ ଆଶ୍ରା ଆନୁକୂଲ୍ୟରେ ଅଲଚିକି ଲିପି ଶିକ୍ଷା ଶୁଭାରମ୍ଭ ହୋଇଛି। ଅଧ୍ୟକ୍ଷ ସମାଜସେବୀ ମନରଞ୍ଜନ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଦିବାସୀ ସାନ୍ତାଳୀ ଲିପି ଅଲଚିକି ଭାଷାର ମୁକ୍ତ ଶିକ୍ଷାର ଗ୍ରୀଷ୍ମ ଅବକାସର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ଟ୍ରଷ୍ଟ ଅଧ୍ୟକ୍ଷ ମନୋରଞ୍ଜନ ହାଁସଦା, ମୋଚିରାମ ମାଝୀ, ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପଣ୍ଡିତ ରଘୁନାଥ ମୁର୍ମୁ, ଅଧ୍ୟକ୍ଷା ସଲମା ଟୁଡୁ, ବିଜେଡି କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ,



ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଅଧ୍ୟାପକ ବିଜୟରାମ, ଯୁବ ସମାଜସେବୀ ମାସାଂ ମୁର୍ମୁ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ ଓ ଶହୀଦ ନୁଦୁରାମ ସୋରେନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ରଞ୍ଜନ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ମାତୃଭାଷାର ଶିକ୍ଷା ହେଉଛି ପ୍ରତ୍ୟେକ ମାନବ ସମାଜର ମୌଳିକ ଅଧିକାର ଅଟେ। ଯେଉଁ ଦେଶର ଶିକ୍ଷାର ପ୍ରଗତି ଅଧିକ ସେହି ଦେଶର ପ୍ରଗତି ସେତେ ଅଧିକ ଅଟେ। ଅଲଚିକି ଲିପିର ପ୍ରସାର ଓ ପ୍ରଚାର ପାଇଁ ବିଶିଷ୍ଟ ଯୁବ ସମାଜସେବୀ ମନୋରଞ୍ଜନ ହାଁସଦା ପାଦେ ଆଗକୁ ବଢାଇଛନ୍ତି। ଏଥିପାଇଁ ଶହୀଦ ନୁଦୁରାମ ସୋରେନ ଟ୍ରଷ୍ଟ ତରଫରୁ ଗ୍ରୀଷ୍ମାବକାଶରେ ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ମୁକ୍ତ ସାନ୍ତାଳୀ ଭାଷା ଏବଂ ଲିପି 'ଅଲଚିକି' ଶିକ୍ଷାଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅଭିଜ୍ଞ ସାନ୍ତାଳୀ ତଥା ପ୍ରଶିକ୍ଷକ / ଶିକ୍ଷକ ବାଲାଇ ଟୁଡୁ, ବୁଦ୍ଧାନ ମୁର୍ମୁ, ଲକ୍ଷ୍ମୀପ୍ରିୟା ମାରାଣ୍ଡି, ପରେଶ ସୋରେନ ପ୍ରମୁଖ ଶିକ୍ଷାଦାନ କରାଇବେ।

# ଅଣା-ବରାଙ୍ଗ ରାସ୍ତା ପାଲଟିଛି ମରଣଯନ୍ତା

**ପ୍ରହସନ ପାଲଟିଛି ପୂର୍ତ୍ତବିଭାଗର ରାସ୍ତା ମରାମତି**



**ହାଟଡ଼ିହୀ, ୫।୫ (ସମିସ):** ହାଟଡ଼ିହୀ ବ୍ଲକ୍ ଅଧୀନସ୍ଥ ଅଣା-ବରାଙ୍ଗ ରାସ୍ତାଟି ଗତ କିଛିବର୍ଷ ପୂର୍ବରୁ ନବୀକରଣ କାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ଏହି ରାସ୍ତାରେ ବଡ଼ ବଡ଼ ଗାତ୍ସୃଷ୍ଟି ହୋଇ ବିପଦସଙ୍କୁଳ ହୋଇପଡ଼ିଛି। ସରକାରୀ ଚୁକ୍ତି ଅନୁସାରେ ରାସ୍ତାର ମରାମତି କାର୍ଯ୍ୟ ହେଉଥିଲେ ସୁଦ୍ଧା ନିମ୍ନମାନର ମରାମତି କାର୍ଯ୍ୟ ସକାଶେ ରାସ୍ତାଟି ବେଶିଦିନ ତିଷ୍ଠି ନରହି ଖୁବ୍ ଅଳ୍ପଦିନରେ ନଷ୍ଟ ହୋଇଯାଉଛି। ରାସ୍ତାର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଁ ଖାଲ ସୃଷ୍ଟି ହୋଇ ପଥଚାରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ବାଇକ୍ ଆରୋହୀମାନେ ଏହି ଖାଲଢ଼ିପ ରାସ୍ତାରେ ପଡ଼ି ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୁର୍ଘଟଣାର ଶିକାର ହୋଇ ଲୋକଙ୍କ ମୂଲ୍ୟବାନ ଜୀବନ ମଧ୍ୟ ବେଳେ ବେଳେ ଚାଲିଯାଉଛି। ବର୍ଷା ମାତ୍ରକେ ଉକ୍ତ ଗାତ୍‌ଗୁଡ଼ିକରେ ବର୍ଷାଜଳ ଜମି ମୁଖ୍ୟତଃ ବାଇକ୍ ଆରୋହୀଙ୍କୁ ସମସ୍ୟାରେ ପକାଇବା ସହ ଦୁର୍ଘଟଣା ଲାଗି ରହୁଛି। ଅଳ୍ପ ଉଚ୍ଚତା ବିଶିଷ୍ଟ ଛୋଟ ୩/୪ ଚକିଆ ଯାନଗୁଡ଼ିକ ରାସ୍ତାର କୃତ୍ରିମ ଗାତ୍‌ରେ ଭ୍ରମିତ ହୋଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରିକି ଏହି ରାସ୍ତାରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛି। ବିପର୍ଯ୍ୟସ୍ତ ରାସ୍ତା ପାଇଁ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯିବା କଷ୍ଟକର ବ୍ୟାପାର ହୋଇପଡୁଛି। ପ୍ରତିବର୍ଷ ଏହି ରାସ୍ତାର ମରାମତି ପାଇଁ ସରକାରୀ ଅନୁଦାନରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବା ବେଳେ ନିମ୍ନମାନର ମରାମତି କାର୍ଯ୍ୟ ଯୋଗୁଁ ଏହା ବେଶିଦିନ ତିଷ୍ଠି ରହୁନାହିଁ। ରାସ୍ତା ଫାଟି ଗାତ୍ ହୋଇ ପଥଚାରୀଙ୍କ ପାଇଁ ବିପଦ ବୃଦ୍ଧି କରୁଛି। ଏହି ରାସ୍ତାରେ ସ୍କୁଲ କଲେଜ ଛାତ୍ରଛାତ୍ରୀ ନିର୍ଭର କରୁଥିଲା ବେଳେ ସେମାନେ ମଧ୍ୟ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହି ଖାଲଢ଼ିପ ରାସ୍ତାରେ ପ୍ରତିଦିନ ସ୍ଥାନୀୟ ଲୋକପ୍ରତିନିଧିମାନେ ଯିବାଆସିବା କରୁଥିଲେ ମଧ୍ୟ ରାସ୍ତା ମରାମତି ଦିଗରେ ମନ ବଳାଉ ନାହାଁନ୍ତି। ବଡ଼ ବଡ଼ ଦୁର୍ଘଟଣା କିମ୍ବା ମୂଲ୍ୟବାନ ଜୀବନ ଯିବା ପୂର୍ବରୁ ତୁରନ୍ତ ଏହି ରାସ୍ତାର ମରାମତି ଦିଗରେ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## କୂଅରେ ପଡ଼ି ହରିଣ ମୃତ

**ତେଲକୋଇ, ୫।୫ (ସମିସ):** ତେଲକୋଇ ବନାଞ୍ଚଳ ଦେଉଲଡିହା ପଞ୍ଚାୟତ ଉଦୟଗିରି ଗ୍ରାମ ସ୍କୁଲ ନିକଟରେ ଥିବା କୂଅରୁ ଏକ ହରିଣକୁ ବନ ବିଭାଗ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ଉଦ୍ଧାର ବେଳେ ହରିଣର ଶିଙ୍ଗ ଓ ଗୋଡ ଆଘାତରେ ଅଗ୍ନିଶମ କର୍ମଚାରୀ ତଥା ଅଗ୍ନିବୀର ରମେଶ କୁଜୁର ଆହତ ହୋଇଥିବା ଜଣାପଡ଼ିଛି। ରମେଶଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ କୂଅରୁ ହରିଣ ଉଦ୍ଧାର ହେବା ପରେ ହରିଣର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ହରିଣର ବୟସ ୪ରୁ ୫ ବର୍ଷ ହେବ। ମଙ୍ଗଳବାର ଅପରାହ୍ନରେ ଉଦୟଗିରି ସଂରକ୍ଷିତ ଜଙ୍ଗଲରେ ବୁଲା କୁକୁରମାନେ ହରିଣକୁ ଆକ୍ରମଣ କରିଥିଲେ। ହରିଣଟି ଗାଁ ଭିତରକୁ ଦୌଡି ଆସି ସ୍କୁଲ ନିକଟରେ ଥିବା ଏକ କୂଅ ଭିତରେ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀର ସହାୟତା ନେଇଥିଲେ। ତେଲକୋଇ ଅଗ୍ନିଶମ ବାହିନୀ ହରିଣକୁ ଉଦ୍ଧାର କରିଥିଲେ। ମୃତ ହରିଣକୁ ବନ ବିଭାଗ ଜବତ କରିଥିବା ବେଳେ ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ବନ ଅଧିକାରୀ ଶ୍ରୀ ମାଝୀ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ଅଚାନକ ଖୁସି ଖବର ପାଇବେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ।

**ବୃଷ:** ଦିନଟି ବ୍ୟସ୍ତ ଭିତରେ ବିତିବ। ଦୀର୍ଘ ଦିନର ଅପେକ୍ଷାର ଫଳ ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବ। ନୂତନ ଯାନବାହନ କିଣିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଉଧାର ଟଙ୍କା ଫେରି ପାଇବେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରି ପାରନ୍ତି। ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ମାନସମ୍ମାନ ବୃଦ୍ଧି ପାଇବ। ଦାନ ଧର୍ମ କରନ୍ତୁ।

**ତୁଳା:** ଆଜି ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିପାରେ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିପାରେ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିପାରେ। ଭାଇ-ଭାଇ ମଧ୍ୟରେ କଳହ ଦେଖାଦେବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। ବିବାହ ସମସ୍ୟାର ସମାଧାନ ହେବ। ଭାବି ଚିନ୍ତି ଖର୍ଚ୍ଚ କରନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଉଧାର ଟଙ୍କା ଫେରିପାଇବେ।

## ଆଜିର ଇତିହାସ

- ୧୮୬୧- ମୋତିଲାଲ୍ ନେହରୁଙ୍କ ଜନ୍ମ।
- ୧୯୪୪- ପୁନେସ୍ଥିତ ଆଗା ଖାଁ ପ୍ୟାଲେସ୍‌ରୁ ଗାନ୍ଧିଜୀଙ୍କୁ ମୁକ୍ତ କରାଗଲା।
- ୧୯୭୬- ଉତ୍ତର ପୂର୍ବ ଇଟାଲୀରେ ଭୂମିକମ୍ପ ଯୋଗୁ ୧୦୦୦ ଲୋକଙ୍କ ପ୍ରାଣହାନି।
- ୨୦୦୭-ଫ୍ରାନ୍ସ ରାଷ୍ଟ୍ରପତି ନିର୍ବାଚନରେ ନିକୋଲାସ୍ ସାରକୋଜି ଜିତିଲେ।
- ୨୦୧୦- ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାରେ ଅଜମଲ କସାବକୁ ମୃତ୍ୟୁଦଣ୍ଡ ଶୁଣାଗଲା।

# କେଉଁମାନଙ୍କ ପାଇଁ ଭଲ ନୁହେଁ ଆଖୁରସ

ଖରାଦିନେ ଆଇସ୍‌କ୍ରିମ୍, ଲସି, ଜୁସ୍‌ର ଚାହିଦା ବେଶି। ଏହିଦିନେ ରାସ୍ତାକଡ଼ଗୁଡ଼ିକରେ ଆଖୁରସ ମଧ୍ୟ ବିକ୍ରି ହୋଇଥାଏ। ଆଖୁ ରସରେ କ୍ୟାଲସିୟମ୍, ଆଇରନ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଫସ୍‌ଫରସ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଆଦି ତତ୍ତ୍ୱ ରହିଛି । ଏହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଆଖୁ ରସ ଶରୀରକୁ ହାଇଡ୍ରେଟ୍ ରଖିବା ସହ ତତକ୍ଷଣାତ୍ ଶକ୍ତି ମଧ୍ୟ ଯୋଗାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନୁସାରେ, କିଛି ଲୋକଙ୍କ ପାଇଁ ଆଖୁ ରସ କ୍ଷତିକାରକ ହୋଇପାରେ। ଆଖୁ ପ୍ରାକୃତିକ ଭାବେ ମିଠା, କିନ୍ତୁ ଏହାକୁ ରସ ଭାବେ ପିଇଲେ ଏଥିରେ ଶର୍କରା ପରିମାଣ ଅଧିକ ଥାଏ। କାରଣ ଆଖୁ ରସ କାଢ଼ିବା ସମୟରେ ଏଥିରେ ଥିବା ପ୍ରାୟ ସମସ୍ତ ଫାଇବର ଅଲଗା ହୋଇଯାଏ। ତେଣୁ ଆଖୁରସ ପିଇବା ଦ୍ୱାରା ରକ୍ତରେ ଶର୍କରା ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ। ଏଥିପାଇଁ ଏହା ମଧୁମେହ ରୋଗୀଙ୍କ କ୍ଷତିକାରକ ହୋଇଥାଏ। ତେଣୁ ମଧୁମେହ ରୋଗୀ ଏହାକୁ ପିଇବାରୁ ଦୂରେଇ ରହିବା ଉଚିତ। ଫ୍ୟାଟି ଲିଭର, ମେଦବହୁଳତାରେ ଆକ୍ରାନ୍ତ ଲୋକେ ଆଖୁ ରସ ପିଇବା ଅନୁଚିତ। ସେହିପରି ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ବି ଆଖୁ ରସ ଭଲ ନୁହେଁ। କାରଣ ୨୫୦ ମିଲିଲିଟର ଆଖୁ ରସରେ ପ୍ରାୟ ୧୫୦-୧୮୦ କ୍ୟାଲୋରି ଥାଏ। ଏହାକୁ ପିଇବା ଦ୍ୱାରା ଶରୀରରେ ଅତିରିକ୍ତ ଚର୍ବି ଜମା ହୋଇଯାଏ। ଅନ୍ୟପଟେ ଆଖୁରସ ସହ ଜଡ଼ିତ ଅନ୍ୟ ଏକ ବିପଦ ହେଉଛି ସ୍ୱଚ୍ଛତା। ସାଧାରଣତଃ ଆମ ଦେଶରେ ରାସ୍ତା କଡ଼ରେ ଏହା ମିଳିଥାଏ। ଆଖୁ ପେଡ଼ା ଯାଉଥିବା ମେସିନ୍, ଗ୍ଲାସ୍, ବରଫ, ପାଣି ଆଦି ପରିଷ୍କାର ହୋଇ ନ ଥାଏ। ଏଥିରୁ ଜୀବାଣୁ ବୃଦ୍ଧି ପାଇବା ଆଶଙ୍କା ଥାଏ। ଏଭଳି ସ୍ଥିତିରେ ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍, ସେମାନେ ଶୀଘ୍ର ରୋଗାକ୍ରାନ୍ତ ହୋଇପାରନ୍ତି। ତା'ସହ ଏଥିଯୋଗୁ ଟାଇଫଏଡ୍, ହଇଜା ଏବଂ ହେପାଟାଇଟିସ୍ ଭଳି ରୋଗର ଆଶଙ୍କା ବଢ଼ିପାରେ।



# 'କ୍ୱିନ୍-୨' ସୁଟିଂ ଆରମ୍ଭ କଲେ କଙ୍ଗନା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କଙ୍ଗନା ରାଣାୱତ ଏବେ 'କ୍ୱିନ୍-୨' ସିନେମାର ସୁଟିଂ ଆରମ୍ଭ କରିଛନ୍ତି। ୨୦୧୩ ମସିହାରେ ମୁକ୍ତିଲାଭ କରିଥିବା 'କ୍ୱିନ୍' ସିନେମାର ଏହା ହେଉଛି ଦ୍ୱିତୀୟ ଭାଗ। ସିନେମାର ପ୍ରଥମ ଭାଗରେ ବି କଙ୍ଗନା ମୁଖ୍ୟ ଅଭିନେତ୍ରୀ ଭାବେ ନଜର ଆସିଥିଲେ। ଏଥିରେ ତାଙ୍କର ନିଖୁଣ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏବେ ସେ ଏହାର ସିକ୍ୱେଲର ସୁଟିଂ ଦକ୍ଷିଣ ମୁମ୍ବାଇରେ ଆରମ୍ଭ କରିଛନ୍ତି। 'ଭାରତ ଭାଗ୍ୟ ବିଧାତା'ର ସୁଟିଂ ଶେଷ ହେବା ମାତ୍ରେ କଙ୍ଗନା 'କ୍ୱିନ୍ ୨'ର ସୁଟିଂ ଆରମ୍ଭ କରି ଦେଇଥିଲେ। ଏବେ ଏହାର ସୁଟିଂ ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ହେବ। ବିକାଶ ବହଲ ଏହାର ନିର୍ଦ୍ଦେଶନା ଦେବା ସହ କାହାଣୀ ଓ ସହ ପ୍ରଯୋଜନା ଦାୟିତ୍ୱରେ ରହିବେ। ଏହାର ନାମ 'କ୍ୱିନ୍ ୨' ବଦଳରେ 'କ୍ୱିନ୍: ଫର୍‌ଏଭର୍' ରଖାଯିବା ଉପରେ ଚର୍ଚ୍ଚା ହେଉଛି। 'କ୍ୱିନ୍ ୨'ର କାହାଣୀ ଏହାର ମୂଳ ଫିଲ୍ମର କାହାଣୀକୁ ଆଗକୁ ବଢାଇବ ନାହିଁ ବରଂ ଏଥିରେ ରାନୀର ଚରିତ୍ର ବୁଦ୍ଧିମାନ, ସଶକ୍ତ ଏବଂ ନିଆରା ହେବ। ତା'ସହ ଏଥିରେ ବି ପ୍ରଥମ ସିନେମା ଭଳି ଆତ୍ମ-ସନ୍ଧାନ ଏବଂ ଆତ୍ମନିର୍ଭରଶୀଳତାର ପ୍ରସଙ୍ଗ ରହିବ। ଏହି ସିନେମାରେ ବି ରାନୀ ଉତ୍ତର ଭାରତର ଏକ ଛୋଟ ସହରର ମହିଳା ହୋଇଥିଲେ ହେଁ ତାଙ୍କ ରୂପ-ରଙ୍ଗ ସମ୍ପୂର୍ଣ୍ଣ ଅଲଗା ରହିବ ବୋଲି କୁହାଯାଇଛି।



# କାର୍ଡବୋର୍ଡ ଘରେ ବିତୁଛି ଜୀବନ

ବିଶ୍ୱର ଧନୀ ସହର ମଧ୍ୟରୁ ଅନ୍ୟତମ ହଂକଂ। ଏହି ସହରକୁ ନେଇ ଏମିତି ଏକ ଭିଡିଓ ଭାଇରାଲ ହେଉଛି ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଭିଡିଓରେ ଘରୋଇ ସହାୟିକାମାନଙ୍କ ଜୀବନ କାର୍ଡବୋର୍ଡ ଘରେ ବିତୁଥିବାର ଦେଖା ଯାଇଛି। ସେମାନେ ପୋଲ ଏବଂ ଅଣ୍ଡରପାସ୍ ତଳେ ଅସ୍ଥାୟୀ କାର୍ଡବୋର୍ଡ 'ଘରେ' ବସି ବିଶ୍ରାମ ନେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଭିଡିଓଟିକୁ ଇନ୍‌ଷ୍ଟାଗ୍ରାମ୍‌ରେ କଣ୍ଟେଣ୍ଟ କ୍ରିଏଟର ରାଫା ସେୟାର୍ କରିଛନ୍ତି। ସେ କହିଛନ୍ତି, ହଂକଂରେ 'ଲାଇଭ୍ ଇନ୍' ନିୟମ ପ୍ରଚଳିତ। ଏହି ନିୟମ ଅନୁସାରେ, ବିଦେଶୀ ଘରୋଇ କର୍ମଚାରୀଙ୍କୁ ନିଯୁକ୍ତିଦାତାଙ୍କ ଘରେ ହିଁ ରହିବାକୁ ହୋଇଥାଏ। ଏଭଳି ସ୍ଥିତିରେ ସେମାନଙ୍କର ନିଜର ଅଲଗା ଘର ନ ଥାଏ। ଇଣ୍ଡୋନେସିଆ ତଥା ଫିଲିପାଇନ୍ସରୁ ଆସିଥିବା ଏହି ମହିଳାମାନଙ୍କୁ ସପ୍ତାହକୁ ଥରେ ଛୁଟି ମିଳିଥାଏ। ଏହି ସମୟରେ ସେମାନଙ୍କୁ ସର୍ବସାଧାରଣ ସ୍ଥାନରେ ସମୟ ଅତିବାହିତ କରିବାକୁ ପଡ଼େ। ଏପରିକି ଏହି ସମୟରେ ସେମାନେ କାର୍ଡବୋର୍ଡ ବାକ୍ସରେ ଛୋଟ ଛୋଟ ଘର ତିଆରି କରନ୍ତି। ଏହାଦ୍ୱାରା ସେମାନଙ୍କୁ ନିଜସ୍ୱ ଗୋପନୀୟତା ମିଳିଥିବା କହନ୍ତି। ଭିଡିଓରେ ଅନେକ ମହିଳା ଏହି ଅସ୍ଥାୟୀ ଘରେ ବସିବା, ଖାଇବା ତଥା ବିଶ୍ରାମ କରୁଥିବାର ଦେଖାଯାଇଛି। ସେହିପରି ରାଫା ଏହି ସ୍ଥିତିକୁ ଇନଭିଜିବଲ ଲେବର କ୍ରାଇସିସ୍ ବୋଲି କହିଛନ୍ତି। ତାଙ୍କ ମତରେ, ଏହି ସହର ସେହି ଲୋକଙ୍କ ଶ୍ରମରେ ଚାଲେ, ଯେଉଁମାନଙ୍କୁ ରହିବାକୁ ସ୍ଥାନ ମିଳି ନ ଥାଏ। ପ୍ରତି ରବିବାର ମହିଳାମାନେ ମାଲିକମାନଙ୍କ ଘରୁ ବାହାରନ୍ତି ଏବଂ ଦିନରେ ବାହାରେ ସର୍ବସାଧାରଣ ସ୍ଥାନରେ ରହିବାକୁ ବାଧ୍ୟ ହୁଅନ୍ତି। ତେବେ ଏହି ଭିଡିଓ ଧନୀ ତଥା ଗରିବ ମଧ୍ୟରେ ଥିବା ପାର୍ଥକ୍ୟକୁ ସୂଚାଉଥିବା ଅନେକ କହିଛନ୍ତି।



## ସମ୍ଭାବନା



# ମନ୍ଦ ନୁହେଁ କ୍ୟାରିୟର ବ୍ରେକ୍

**କ୍ୟାରିୟରରେ ବ୍ରେକ୍ ନେବା ଆଦୌ ଚିନ୍ତାଜନକ ବିଷୟ ନୁହେଁ। କେତେବେଳେ ପିଲାଙ୍କ ଦେଖାଶୁଣା କରିବା ଲାଗି ମହିଳାମାନେ କ୍ୟାରିୟର୍‌ରୁ ବ୍ରେକ୍ ନିଅନ୍ତି ତ ଆଉ କେତେକଙ୍କ ଅଚାନକ ଚାକିରି ଚାଲିଗଲେ ବ୍ରେକ୍‌ରେ ରହିବାକୁ ପଡ଼େ। ଅନ୍ୟପଟେ କେହି ଚାକିରିରେ ଥାଇ ନିଜ କାମକୁ ନେଇ ସନ୍ତୁଷ୍ଟ ନ ଥିଲେ ବି ବ୍ରେକ୍ ନେଇଥାନ୍ତି। ଏହାର କାରଣ ଯାହା ବି ହେଉ ନା କାହିଁ, ବ୍ରେକ୍‌କୁ ନେଇ ଚିନ୍ତା କରିବା ପରିବର୍ତ୍ତେ ଏହିଠୁ ନୂଆ ଏକ ଆରମ୍ଭ କରିପାରିବେ।**


- ନିଜ ରୁଚିକୁ ଗୁରୁତ୍ୱ ଦିଅନ୍ତୁ। ଯେଉଁ କାମ ପାଇଁ ପୂର୍ବରୁ ସମୟ ମିଳୁ ନ ଥିଲା ସେହି କାମ କରନ୍ତୁ।
- ବ୍ରେକ୍‌ର ଅର୍ଥ ନୁହେଁ ପୁରୁଣା ସମ୍ପର୍କ ସବୁ ତୁଟାଇ ଦେବା। ନିଜ ପୁରୁଣା ସହକର୍ମୀଙ୍କ ସହ ଯୋଗାଯୋଗରେ ରୁହନ୍ତୁ।
- ସେହିପରି ସାମାଜିକ ଗଣମାଧ୍ୟମରେ ମଧ୍ୟ ନିଜକୁ ଅପଡେଟ୍ ରଖନ୍ତୁ।
- ପୁଣି ଥରେ ନିଜକୁ ପ୍ରସ୍ତୁତ କରିବାର ସୁଯୋଗ ମିଳେ। ପୁରୁଣା ଅଫିସ୍‌କୁ ପୁଣି ଥରେ ଫେରିବା ହେଉ କି ନୂଆ କମ୍ପାନିରେ ଚାକିରି କରିବା ହେଉ ଅବା ଚାକିରି କ୍ଷେତ୍ର ବଦଳାଇବା ନିର୍ଣ୍ଣୟ ନିଅନ୍ତୁ।
- ଚାକିରିରୁ ବ୍ରେକ୍ ନେବା ନିଷ୍ପତ୍ତିରେ ଅସହଜ ଅନୁଭବ ନ କରି ପରିବାରକୁ ସମୟ ଦିଅନ୍ତୁ।
- ତ'ସହ ଆଉ କ'ଣ ନୂଆ ହୋଇପାରିବ ତାହା ଉପରେ ଚିନ୍ତା କରନ୍ତୁ।



# ପରୀକ୍ଷା ଛୁଟିରେ କ'ଣ କରିବେ


**ପରୀକ୍ଷା ଛୁଟିରେ ଅନେକ ବିଦ୍ୟାର୍ଥୀ ଏହି ସମୟକୁ ଖେଳକୁଦ, ନାଚଗୀତ, ବୁଲାବୁଲିରେ ଅତିବାହିତ କରିଥାନ୍ତି। ତେବେ ଏଭଳି ନ କରି ନିଜକୁ ପଢ଼ା ତଥା ପରୀକ୍ଷା ଲାଗି ପ୍ରସ୍ତୁତ କରିବା ଉଚିତ। ମେଡିକାଲ, ଇଂଜିନିୟରିଂ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଯିବାକୁ ଚାହୁଁଥିଲେ ଦଶମ ପଢ଼ା ପରେ ପରେ ନିଜ ରୁଚି ଅନୁସାରେ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଦରକାର।**

- ନିଜକୁ କୌଣସି ଏକ କୋଚିଂ ସେଣ୍ଟରରେ ସାମିଲ କରନ୍ତୁ।
- ମ୍ୟାଥର୍ ଆପ୍ଟିଚ୍ୟୁଡ୍ ଏବଂ ରିଜନିଂ, ଇଂରାଜି ବ୍ୟାକରଣ ଆଦି ଉପରେ ଗୁରୁତ୍ୱ ଦେବା ଜରୁରି।
- ସିଲାବସ୍ ପାଠ୍ୟକ୍ରମ ସହ ପ୍ରବେଶିକା ପାଠ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେବା ଜରୁରି।
- ସମୟପରିଚାଳନା କରିବା ସବୁଠୁ ମୂଲ୍ୟବାନ। ତା'ସହ ନିଜ ଉପରେ ଆତ୍ମବିଶ୍ୱାସ ରହିବା ଦରକାର।
- କୋଚିଂ କ୍ଲାସରେ ସାପ୍ତାହିକ, ମାସିକ ପରୀକ୍ଷା ହୋଇଥାଏ। ଏହାଦ୍ୱାରା ଛାତ୍ରଛାତ୍ରୀ ନିଜର ଦକ୍ଷତା କ'ଣ ରହିଛି ଜାଣିବାର ସୁଯୋଗ ମିଳେ।
- ଦୁର୍ବଳ ବିଷୟ ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ।



# ୟୁଟ୍ୟୁବ୍‌ର ନୂଆ ଫିଚର୍

**ୟୁଟ୍ୟୁବ୍ ପିକ୍‌ଚର-ଇନ୍ ପିକଚର୍ ନାଁରେ ଏକ ନୂଆ ଫିଚରକୁ ସମସ୍ତ ବ୍ୟବହାରକାରୀଙ୍କ ଲାଗି ମାଗଣାରେ ଉପଲବ୍ଧ କରାଇବ। ଏବେ ସୁଦ୍ଧା ଏହି ବିଶେଷ ଫିଚର୍ କେବଳ ଆମେରିକାରେ ସମସ୍ତଙ୍କ ପାଇଁ ଉପଲବ୍ଧ ଥିଲା। ଭାରତ ସମେତ ଅନ୍ୟ ଦେଶ ଲାଗି ଏ ଲାଗି ୟୁଟ୍ୟୁବ୍ ପ୍ରିମିୟମ ସବସ୍କ୍ରିପସନ୍ ନେବାକୁ ପଡୁଥିଲା। ହେଲେ ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ଭାବେ ରୋଲଆଉଟ୍ କରାଯିବ।**





ଏହି ଫିଚର ମଲଟିଟାସ୍କିଂ କରୁଥିବା ବ୍ୟବହାରକାରୀଙ୍କ ଲାଗି ଉପଯୋଗୀ। ଏହି ଫିଚର୍ ମାଧ୍ୟମରେ ୟୁଟ୍ୟୁବ୍‌ରେ ଭିଡ଼ିଓ ଦେଖିବା ବେଳେ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭଳି ଅନ୍ୟ ଆପ୍‌କୁ ବ୍ୟବହାର କରାଯାଇପାରିବ। ସେହିପରି ଏହି ଫିଚର୍‌କୁ ଅନ୍- ଅଫ୍ କରିବାର ପ୍ରକ୍ରିୟା ମଧ୍ୟ ଖୁବ୍ ସହଜ। ଫୋନ୍ ସେଟିଂକୁ ଯାଇ ଆପ୍‌କୁ ଚୟନ କରନ୍ତୁ। ଏହାପରେ ୟୁଟ୍ୟୁବ୍‌କୁ ଯିବାକୁ ପଡ଼ିବ। ଆଡଭାନ୍ସ ଇନ୍‌ରେ ପିକ୍‌ଚର୍ ଇନ୍ ପିକଚର୍‌ରେ ଅନୁମତି ପ୍ରଦାନ କରନ୍ତୁ। ସେହିପରି ୟୁଟ୍ୟୁବ୍‌ର ଏହି ଫିଚର୍‌କୁ ବ୍ୟବହାର କରିବାର ନ ଥିଲେ, ଏହାକୁ ବନ୍ଦ କରିବାର ବିକଳ୍ପ ଅଛି।

# ସହଜ ନୁହେଁ ନୂଆ ଚାକିରି

**ସାଧାରଣତଃ କୌଣସି ସଂସ୍ଥାରେ ନୂଆ ଚାକିରିଟିଏ ମିଳିଲେ ଯେତିକି ମନରେ ଉତ୍ସାହ ଆସେ, ସେତିକି ଉଦ୍‌ବେଗ ମଧ୍ୟ ଦେଖାଦିଏ। ନୂଆ ଲୋକ, ନୂଆ କାମ ଓ ନୂଆ ପରିବେଶ ସହ ଖାପ ଖାଇ ଚଳିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଏଭଳି କିଛି ସମସ୍ୟା ଥିଲେ, ତାହାକୁ ସାମ୍ନା କରିବା ଦରକାର।**

ପ୍ରଥମେ ଏକଥା ଜାଣିବା ଜରୁରି, ସମସ୍ତଙ୍କୁ ନୂଆ ଚାକିରିରେ ଭୟ, ଚିନ୍ତା ଆଦି ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥାଏ। ସେଥିପାଇଁ ଏ ବାବଦରେ ବେଶି ଚିନ୍ତା କରିବା ଅନୁଚିତ। ସେହିପରି ନିଜ ଭିତରେ ଦକ୍ଷତା ଥିବାରୁ କମ୍ପାନି ଚାକିରି ଲାଗି ମନୋନୀତ କରିଛି, ଏକଥା ଜାଣିବା ଉଚିତ। ସେଥିପାଇଁ ସବୁବେଳେ ସକାରାତ୍ମକ ଚିନ୍ତାଧାରା ରଖିବା ଉଚିତ। ପ୍ରାରମ୍ଭିକ ପର୍ଯ୍ୟାୟରେ କାମ ଶିଖିବା ଓ ବୁଝିବା ଦରକାର। ଏହି ସମୟକୁ ଉପଯୋଗ କରି ଯେତେ ଆବଶ୍ୟକ ସେତେ ଶିଖିବା ଦରକାର। ପ୍ରଶ୍ନ ଦ୍ୱାରା ମଧ୍ୟ ନୂଆ କଥା ଜାଣିପାରିବେ। ସେଥିପାଇଁ କାମରେ କୌଣସି ଦ୍ୱନ୍ଦ୍ୱ ଆସିଲେ ପ୍ରଶ୍ନ ପଚାରନ୍ତୁ। ବସ୍‌ଙ୍କ ସହ କଥାବର୍ତ୍ତା ଜାରି ରଖନ୍ତୁ। କାମରେ ଆସୁଥିବା ସମସ୍ୟା ବାବଦରେ ଅଗବତ କରାନ୍ତୁ। ନିଜ ଟିମ୍‌ରେ ଖରାପ ପରିବେଶ ସୃଷ୍ଟି ନ କରିବା ପାଇଁ ନିଜକୁ ଦଳରୁ ଦୂରେଇ ରଖନ୍ତୁ। ଅଫିସ୍ ରାଜନୀତିରେ ସାମିଲ ହୁଅନ୍ତୁ ନାହିଁ।



# ରାଜସ୍ଥାନ ଟିମ୍ ମାଲିକାନା ହାସଲ କରି ନ ଥିବାରୁ ସୋମାନି ଗ୍ରୁପ୍ ନିରାଶ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ମାଲିକାନା ହାସଲ କରିପାରି ନ ଥିବାରୁ କାଲ ସୋମାନି ଗ୍ରୁପ୍ ନିରାଶ ହୋଇଛି। ଆଜି ଗ୍ରୁପ୍ ପକ୍ଷରୁ ଏକ ବିଜ୍ଞପ୍ତିରେ ଏ ସମ୍ପର୍କରେ ସୂଚନା ଦେଇ ନିରାଶ ପ୍ରକାଶ କରାଯାଇଛି। ଟିମ୍ ମାଲିକାନା ହସ୍ତାନ୍ତରକୁ ନେଇ ଖେଳପଡ଼ିଆରେ ଯେପରି ସଚ୍ଚୋଟତା, ସାଧୁତା, ବୃତ୍ତିଗତତା, ସ୍ୱଚ୍ଛତା ଓ ସମାନ ସୁଯୋଗ ରହିବା କଥା ତାହା ହୋଇ ନ ଥିଲା। ଦୁର୍ଭାଗ୍ୟଜନକ ଭାବେ ମାଲିକାନା ହାସଲ କରିବା ଲାଗି ଏହା ଯଥାର୍ଥ ନୁହେଁ ବୋଲି ଗ୍ରୁପ୍ ପକ୍ଷରୁ ପ୍ରଥମ ପ୍ରତିକ୍ରିୟାରେ ପ୍ରକାଶ କରାଯାଇଛି। କାଲ ସୋମାନି, ରବ୍ ୱାଲଟନ, ଜୋର୍ଡାନ ୱାଲଟନ ଓ ମାଇକେଲ ହାମ୍ପ ଏହି ବିବୃତିରେ ମିଳିତଭାବେ ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ ରାଜସ୍ଥାନ ରୟାଲ୍ସ ଟିମ୍ କିଣିବାକୁ କାଲ୍ ସୋମାନିଙ୍କ ନେତୃତ୍ୱରେ ଗଠିତ କନ୍‌ସୋର୍ଟିୟମ ନିକଟତର ହୋଇଥିଲା। କିନ୍ତୁ ଲକ୍ଷ୍ମୀ ମିତ୍ତଲଙ୍କ ନେତୃତ୍ୱରେ ଗଠିକ କନ୍‌ସୋର୍ଟିୟମ ୧୫,୬୬୦ କୋଟି ଟଙ୍କା ବିନିମୟରେ ରାଜସ୍ଥାନ ରୟାଲ୍ସର ମାଲିକାନା ହାସଲ କରିଥିଲାବୋଲି ଗତକାଲି ଘୋଷଣା କରାଯାଇଥିଲା। ଏହି ଘଟଣାରେ କାଲ ସୋମାନି କନ୍‌ସୋର୍ଟିୟମ କାହିଁକି ଟିମ୍ କିଣି ପାରିଲା ନାହିଁ ତାହାର ପ୍ରକୃତ କାରଣ କେହି ଜଣାଇନାହାନ୍ତି।

■ ବିଶ୍ୱ ସ୍ନୁକର ଚାମ୍ପିଅନସିପ୍

## ଉ' ଦ୍ୱିତୀୟ ସର୍ବକନିଷ୍ଠ ଚାମ୍ପିଅନ



ଶେଫିଲ୍ଡ,୫।୫(ଏଜେନ୍ସି): ଚୀନ୍‌ର ୨୨ ବର୍ଷୀୟ ଉ ୟିଜେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ସ୍ନୁକର ଚାମ୍ପିଅନସିପ୍ ଟାଇଟଲ କବ୍‌ଜା କରିଛନ୍ତି। ସୋମବାର ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ଉ' ୧୮-୧୭ ପଏଣ୍ଟରେ ବ୍ରିଟେନର ଭେଟେରାନ ଖେଳାଳି ଶନ୍ ମର୍ଫିଙ୍କୁ ପରାସ୍ତ କରି ଟାଇଲ ଜିତିଥିଲେ। ୨୨ ବର୍ଷରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଟାଇଟଲ ବିଜୟୀ ହୋଇଛନ୍ତି। ପୂର୍ବରୁ ବ୍ରିଟେନର ଷ୍ଟିଫେନ ହେଣ୍ଡ୍ରି ମାତ୍ର ୨୧ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ଏହି ଟାଇଟଲ ବିଜୟୀ ହେବାର ରେକର୍ଡର ଅଧିକାରୀ ହୋଇଥିଲେ। ୧୯୯୦ରେ ହେଣ୍ଡ୍ରି ଏହି ରେକର୍ଡ କରିଥିଲେ। ଉ' ମଧ ଝାଓ ଜିଣ୍ଟଙ୍ଗଙ୍କ ପରେ ଚୀନ୍‌ର ଦ୍ୱିତୀୟ ଖେଳାଳି ଭାବେ ବିଶ୍ୱ ସ୍ନୁକର ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ମର୍ଫିଙ୍କଠାରୁ ଝାଓ ପରାଜିତ ହୋଇଥିଲେ। ମର୍ଫିଙ୍କୁ ହରାଇ ଉ' ଏହି ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛନ୍ତି।

■ ବିଡବ୍ଲ୍ୟୁଏଫ୍ ର୍ୟାଙ୍କିଙ୍ଗ୍

## ପ୍ରଥମଥର ଲାଗି ଟପ୍-୨୦ରେ ଉନ୍ନତି



ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଉନ୍ନତି ହୁଡା କ୍ୟାରିୟରରେ ପ୍ରଥମଥର ଲାଗି ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ଟପ୍-୨୦ରେ ପ୍ରବେଶ କରିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ୩ଟି ପାହାଚ ଉପରକୁ ଉଠି ୧୯ତମ ସ୍ଥାନରେ ରହିଛନ୍ତି। ୧୮ ବର୍ଷୀୟା ଉନ୍ନତିଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ମାନ୍ୟତା। ନିକଟରେ ଶେଷ ହୋଇଥିବା ଉବର କପ୍‌ରୁ ସେ ୫,୨୪୦ ପଏଣ୍ଟ ହାସଲ କରିଥିଲେ। ଫଳରେ ବର୍ତ୍ତମାନ ତାଙ୍କର ମୋଟ୍ ପଏଣ୍ଟ ସଂଖ୍ୟା ୫୧,୦୮୦ରେ ପହଞ୍ଚିଛି। ବର୍ତ୍ତମାନ ର୍ୟାଙ୍କିଙ୍ଗର ଟପ୍-୨୦ରେ ଦ୍ୱିତୀୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ପିଭି ସିନ୍ଧୁ ୧୨ତମ ସ୍ଥାନରେ ରହିଛନ୍ତି। ଫଳରେ ୪ ବର୍ଷ ପରେ ଦୁଇଜଣ ଭାରତୀୟ ମହିଳା ସଟଲର୍ ର୍ୟାଙ୍କିଙ୍ଗ୍‌ର ଟପ୍-୨୦ରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସାଇନା ନେହୱାଲ ଓ ସିନ୍ଧୁଙ୍କ ପରେ ତୃତୀୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଉନ୍ନତି ର୍ୟାଙ୍କିଙ୍ଗ୍‌ର ଟପ୍-୨୦ରେ ପ୍ରବେଶ କରିଛନ୍ତି।

■ ସ୍ୱାମୀ ବିବେକାନନ୍ଦ ଟ୍ରଫି

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୫।୫ (ସମିସ): ଛତିଶଗଡ଼ର ନାରିନପୁରରେ ଚାଲିଥିବା ସ୍ୱାମୀ ବିବେକାନନ୍ଦ ୨୦ ବର୍ଷରୁ କମ୍ ଜାତୀୟ ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ବାଳକ ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଗତକାଲି ଅନୁଷ୍ଠିତ ମ୍ୟାଚରେ କର୍ଣ୍ଣାଟକ ୪-୨ ଗୋଲ୍‌ରେ ଓଡ଼ିଶାକୁ ହରାଇଛି। ଓଡ଼ିଶା ପକ୍ଷରୁ ଅଧିନାୟକ ରୋନିକ ମାଝୀ ଓ ପଙ୍କଜ ତନ୍ତୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ ମଧ ଏହା ଯଥେଷ୍ଟ ହୋଇ ନ ଥିଲା। ଲାକ୍ଷାଦୀପ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ସହ ଓଡ଼ିଶା ଗ୍ରୁପ୍-ଇ'ରେ ସ୍ଥାନ ପାଇଛି।

ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିବାକୁ ଉଭୟ ଦଳର କଡ଼ା ସଂଘର୍ଷ

# ଦିଲ୍ଲୀର ସମ୍ମାନ ରଖିଲେ ସମୀର-ଷ୍ଟବ୍ସ



ନୂଆଦିଲ୍ଲୀ,୫।୫(ଏଜେନ୍ସି)

ଚେନ୍ନଇ ସୁପର କିଙ୍ଗ୍‌ସର ଶାଣିତ ବୋଲିଂ ଆଗରେ ଫେଲ୍ ମାରିଛି ଘରୋଇ ମାଟିରେ ଖେଳୁଥିବା ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟିଂ। ଏଠାରେ ଆଜି ଆଇପିଏଲ୍‌ର ୪୮ତମ ଲିଗ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ୱିକେଟ ହରାଇ ୧୫୫ରନ୍ କରିଛି। ଦଳ ପକ୍ଷରୁ ସମୀର ରିଜଭୀ ସର୍ବାଧିକ ୪୦, ଟ୍ରିଷ୍ଟାନ ଷ୍ଟବ୍ସ ୩୮ ରନ୍ କରି ସମ୍ମାନ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଥୁମ ନିଶାଙ୍କା ୧୯, ଲୋକେଶ ରାହୁଲ ୧୨, ନୀତୀଶ ରାଣା ୧୫, କରୁଣ ନାୟାର ୧୩, ଆଶୁତୋଷ ଶର୍ମା ୫ଟିବଲ୍‌ରେ ୧୪ ଓ ଅଧିନାୟକ ଅକ୍ଷର ପଟେଲ ୨ ରନ୍ କରିଥିଲେ। ଚେନ୍ନଇ ପକ୍ଷରୁ ଆଫଗାନ ସ୍ପିନର ନୁର ଅହମ୍ମଦ୍‌ଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା। ଆକିଲ ହୋସେନ, ମୁକେଶ ଚୌଧୁରୀ, ଜାମି ଓଭରଟନ୍ ଓ ଗୁରଜାପନୀତ ସିଂହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବାରେ ସଫଳ ହୋଇଥିଲେ। ଏହି ମୁକାବିଲା ପୂର୍ବରୁ ଉଭୟ ଦଳ ୯ଟି ଲେଖାଏଁ ମ୍ୟାଚ୍ ଖେଳି ୪ଟି ଲେଖାଏଁ ବିଜୟ ହାସଲ କରିଛନ୍ତି। ଉଭୟଙ୍କ ପଏଣ୍ଟ ସମାନ ଥିଲେ ମଧ ଉନ୍ନତ ନେଟ୍ ରନ୍ ରେଟ୍‌ରେ ଚେନ୍ନଇ ୬ଷ୍ଠ ଓ ଦିଲ୍ଲୀ ୭ମ ସ୍ଥାନରେ ରହିଛି। ଏହି ମୁକାବିଲାରେ ବିଜୟୀ ଦଳ ପ୍ଲେଅଫ୍ ଦୌଡ଼ରେ ତିଷ୍ଠି ରହିବ। ପରାଜିତ ଦଳ ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି।


### ବିଜୟ ଧାରାକୁ ଫେରିଲା ମୁମ୍ବଇ ଇଣ୍ଡିଆନ୍ସ

ମୁମ୍ବଇ : ଦୁଇ ଓପନର ରିୟାନ ରିକେଲଟନ ଓ ରୋହିତ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଏମାନଙ୍କ ପ୍ରଥମ ୱିକେଟ ଭାଗୀଦାରିରୁ ୬୫ବଲ୍‌ରୁ ୧୪୩ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ସୋମବାର ଖେଳାଯାଇଥିବା ଆଇପିଏଲ୍‌ର ୪୭ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ ୬ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହା ଫଳରେ ମୁମ୍ବଇ ପୁଣିଥରେ ବିଜୟ ଧାରାକୁ ଫେରିଛି। ଏହି ମ୍ୟାଚ୍‌ରେ ବିସ୍ଫୋରକ ଅର୍ଦ୍ଧଶତକ ସହ ଫର୍ମକୁ ଫେରିଥିବା ୱେଷ୍ଟଇଣ୍ଡିଆନ୍ ବ୍ୟାଟର ନିକୋଲସ ପୂରନ ୨୧ଟି ବଲ୍‌ରୁ ଗୋଟିଏ ଚୌକା ଓ ୮ଟି ଛକା ସହ ୬୩ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୨୮ରନ୍ କରିଥିଲା। ଜବାବରେ ରିକେଲଟନ ୩୨ବଲ୍‌ରୁ ୬ଚୌକା ଓ ୮ଛକା ସହ ୮୩ ଏବଂ ରୋହିତ ୪୪ବଲ୍‌ରୁ ୬ଚୌକା ଓ ୭ଛକା ସହ ୮୪ରନ୍ କରିବା ଫଳରେ ମୁମ୍ବଇ ୧୮.୪ ଓଭରରେ ୪ୱିକେଟ ହରାଇ ୨୨୯ରନ୍ କରିବା ସହ ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୧୨ବଲ୍‌ରୁ ଅପରାଜିତ ୨୩ ଏବଂ ଛକା ମାରି ଦଳକୁ ଜିତାଇଥିବା ୱିଲ ଜ୍ୟାକ୍ସ ୪ବଲ୍‌ରୁ ୧୦ରନ୍ କରି ଅପରାଜିତ ରହିଥିଲେ।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ହାଇଦରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ | ୯ | ୪ | ୫ | ୦ | ୮ | -୦.୮୯୫ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ | ୯ | ୨ | ୭ | ୦ | ୪ | -୧.୦୭୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ



### ଆଜିର ଆଇପିଏଲ୍ ମ୍ୟାଚ୍

ହାଇଦରାବାଦ୍ ବନାମ ପଞ୍ଜାବ
ଭେନ୍ୟୁ - ହାଇଦରାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

ଆଇସିସି ବାର୍ଷିକ ଅପଡେଟ୍

## ଟି-୨୦ରେ ଶୀର୍ଷ ସ୍ଥାନ ବଜାୟ ରଖିଲା ଭାରତ

ଦୁବାଇ, ୫।୫ (ଏଜେନ୍ସି): ଆଇସିସି ପକ୍ଷରୁ ବାର୍ଷିକ ଅପଡେଟ୍ ପରେ ସଦ୍ୟ ପ୍ରକାଶିତ ଟି-୨୦ ର୍ୟାଙ୍କିଙ୍ଗରେ ଭାରତ ଶୀର୍ଷ ସ୍ଥାନ ବଜାୟ ରଖିଛି। ବିଶ୍ୱର ପ୍ରଥମ ଦଳ ଭାବେ ଟି-୨୦ ବିଶ୍ୱକପ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଥିବା ଭାରତ ୨୭୫ ରେଟିଂ ପଏଣ୍ଟ ପାଇଛି। ୨୬୨ ରେଟିଂ ପଏଣ୍ଟ ସହ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ (୨୫୮), ନ୍ୟୁଜିଲାଣ୍ଡ (୨୪୭), ଦକ୍ଷିଣ ଆଫ୍ରିକା (୨୪୪), ପାକିସ୍ତାନ (୨୪୦), ୱେଷ୍ଟଇଣ୍ଡିଜ (୨୩୩), ବାଂଲାଦେଶ (୨୨୫), ଶ୍ରୀଲଙ୍କା (୨୨୧) ଓ ଆଫଗାନିସ୍ତାନ (୨୨୦) ମାନ୍ୟତାରେ କ୍ରମାନ୍ୱୟରେ ପଛକୁ ପଛ ୩ୟରୁ ଦଶମ ସ୍ଥାନ ମଧ୍ୟରେ ରହିଛନ୍ତି। ସଦ୍ୟତମ ଆଇସିସି ର୍ୟାଙ୍କିଙ୍ଗ ହେଉଛି ଏକ ବାର୍ଷିକ ଅପଡେଟ୍। ଯାହା ମେ ୨୦୨୫ ପରଠାରୁ ଖେଳାଯାଇଥିବା ସମସ୍ତ ଟି-୨୦ ମ୍ୟାଚ୍ ୧୦୦ ପ୍ରତିଶତ ଏବଂ ପୂର୍ବ ଦୁଇ ବର୍ଷର ମ୍ୟାଚ୍ ୫୦ ପ୍ରତିଶତ ମୂଲ୍ୟାଙ୍କନ କରାଯାଇଛି। ଗତ ୧୨ ମାସ ମଧ୍ୟରେ ଭାରତୀୟ ଦଳ ଟି-୨୦ ବିଶ୍ୱକପ୍, ଏସିଆ କପ୍‌ରେ ଚାମ୍ପିଅନ ହୋଇଥିଲା। ସେହିଭଳି ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସିରିଜ ଜିତିଥିଲା।

ଅପରପକ୍ଷରେ ମହିଳା ଟି-୨୦ ର୍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ଦଳ ମଧ ଶୀର୍ଷ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛି। ଇଂଲଣ୍ଡ ଓ ଭାରତ ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ରହିଛନ୍ତି।

## ଜିମ୍ନାଷ୍ଟିକ୍ ଏଚ୍‌ପିସିକୁ ୩ ସ୍ୱର୍ଣ୍ଣ ସହ ୫ ପଦକ



ଭୁବନେଶ୍ୱର, ୫।୫ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ (ଏଚପିସି) ପକ୍ଷରୁ ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଜିମ୍ନାଷ୍ଟିକ ଏଚ୍‌ପିସିର ଆଥଲେଟମାନେ ଉଲ୍ଲେଖନୀୟ ପ୍ରଦର୍ଶନ ମୋଟ୍ ୫ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ସାମିଲ ରହିଛି। ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରୁଥିବା ତପନ ମହାନ୍ତି ସିନିଅର ବିଭାଗରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ରେଳବାଇରୁ ପ୍ରତିନିଧିତ୍ୱ କରି ତାପେଶ୍ୱରନାଥ ଦାସ ଭଲ୍ଟ ଇଭେଣ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ଅପରପକ୍ଷରେ ସିନିଅର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବର୍ଗରେ ଓଡ଼ିଶା ଦଳରୁ ତନୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଅନଇଭିନ ବାର୍ସରେ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଆର୍‌ଏସପିବିରୁ ଭାଗନେଇ କରିସ୍ମା ଉଭୟ ସିନିଅର ଫ୍ଲୋର ଏକ୍ସରସାଇଜ ଓ ଟିମ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ଟିମ୍ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ଦଳ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମରୁ ବଞ୍ଚିତ ହୋଇଥିଲା। କିନ୍ତୁ ଉଭୟ ଦଳରେ ସ୍ଥାନ ପାଇଥିବା ଏଚ୍‌ପିସିର ଜିମ୍ନାଷ୍ଟମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫଳରେ ଓଡ଼ିଶା ଏଏମ/ଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚପିସି ଦେଶର ସର୍ବଶ୍ରେଷ୍ଠ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଆଥଲେଟମାନଙ୍କୁ ଏକତ୍ରିତ କରିବା ସହିତ ପୁନର୍ବାର ଏହାକୁ ଏକ ପ୍ରମୁଖ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରମାଣିତ କରିଛି।

## ଓଡ଼ିଶା ନାଭାଲ ଟାଟା ହକି ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର

ଭୁବନେଶ୍ୱର,୫।୫(ସମିସ): ଉଦୀୟମାନ ଖେଳାଳିଙ୍କ ଲାଗି ସୁବର୍ଣ୍ଣ ସୁଯୋଗ। ଓଡ଼ିଶା ନାଭାଲ ଟାଟା ହକି ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ଗ୍ରୀଷ୍ମକାଳୀନ ଶିବିର। ଏଥିରେ ୬ରୁ ୧୬ ବର୍ଷ ବୟସର ବାଳକ ଓ ବାଳିକାମାନେ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ୮୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ମେ ୨୧ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏହି ଶିବିରକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦିଆଯାଇଛି। ଉଦ୍‌ଘାଟନୀ ସମାରୋହରେ ବିଭାଗୀୟ ଅଧିକାରୀ ସୌମ୍ୟସାର୍ଥକ ମିଶ୍ର, ଆଶିଷ କୁମାର ରାଉତ ଓ ଡାକ୍ତର ଶାଶ୍ୱତ କୁମାର ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ହକି ଖେଳିବା ପ୍ରତି ତୃଣମୂଳ ସ୍ତରରେ ଆକୃଷ୍ଟ କରିବା, ପିଲାମାନଙ୍କର ଫିଟ୍‌ନେସ ସୃଷ୍ଟି କରିବା ଏହି ଶିବିରର ମଳ ଲକ୍ଷ୍ୟ ବୋଲି ଟାଟା ଷ୍ଟିଲ ପକ୍ଷରୁ ଦିଆଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ଜଣାଯାଇଛି।





ମହିଳା ଗୋଲକିପର ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ମାଧୁରୀ କିଣ୍ଡୋ (ବାମରୁ ପ୍ରଥମ)

# କ୍ରିକେଟ ଖେଳାଳିରୁ ସଫଳ ରାଜନେତା



ନୂଆଦିଲ୍ଲୀ, ୫।୫ (ଏଜେନ୍ସି)

କ୍ରିକେଟ ଜଗତରେ ନିଜର ପରିଚୟ ସୃଷ୍ଟି କରି ଅବସର ନେବାପରେ କ୍ରିକେଟର୍‌ମାନେ ପ୍ରାୟତଃ ଅନ୍ୟ ବୃତ୍ତି ଖୋଜନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଶିକ୍ଷକ କିମ୍ବା ଭାଷ୍ୟକାର ହୋଇ କ୍ରିକେଟ୍ ସହିତ ପରୋକ୍ଷରେ ଜଡ଼ିତ ହୋଇରହିଥାନ୍ତି। ଅନ୍ୟକେତେକ କ୍ରିକେଟର୍ ବ୍ୟବସାୟ କିମ୍ବା ପରିବାର ସହିତ ସମୟ ବିତାଇବାକୁ ପସନ୍ଦ କରିଥାନ୍ତି। ତଥାପି, ଦେଶର ଲୋକଙ୍କ ସେବା କରିବା ପାଇଁ ଏକାଧିକ କ୍ରିକେଟର ଅବସର ପରେ ରାଜନୀତିରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି କିଛି ଭାରତୀୟ କ୍ରିକେଟର୍‌ଙ୍କ ଉପରେ ନଜର ପକାଇବା ଯେଉଁମାନେ ଅବସର ପରେ ରାଜନୀତି ମଇଦାନରେ ବିଜୟ ଟୀକା ପିନ୍ଧିଛନ୍ତି। ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ନିର୍ବାଚନରେ ଜରେ ଅନ୍ତର୍ଜାତୀୟ କ୍ରିକେଟର ଅଶୋକ ଦିଣ୍ଡା ବିଜେପି ଟିକଟରେ ଲଢ଼ି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ୪୨ବର୍ଷୀୟ ଅଶୋକ ଜଣେ ଫାଷ୍ଟ ବୋଲର ଓ ସେ ଦ୍ୱିତୀୟଥର ଲାଗି ବିଧାୟକ ଭାବେ ନିର୍ବାଚନ ରଣକ୍ଷେତ୍ରରେ ବିଜୟୀ ହୋଇଥିଲେ। ଦିଣ୍ଡା ଭାରତ ପାଇଁ ୧୩ ଦିନିକିଆ ଓ ୯ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ଉପରେ ୨୯ଟି ୱିକେଟ୍ ନେଇଛନ୍ତି। ଏହା ପୂର୍ବରୁ ଭାରତ ପକ୍ଷରୁ ଖେଳିଥିବା ୩ଜଣ କ୍ରିକେଟ ଖେଳାଳି ଟିଏମ୍‌ସି ଟିକଟରେ ନିର୍ବାଚନ ବୈତରଣୀ ପାର୍ ହୋଇଥିଲେ। ସେମାନେ ହେଲେ ଲକ୍ଷ୍ମୀ ରତନ ଶୁକ୍ଲା, ମନୋଜ ତିୱାରୀ ଓ ୟୁସୁଫ୍ ପଠାନ। ଗତ ଦୁଇଟି ନିର୍ବାଚନରେ ଲକ୍ଷ୍ମୀରତନ ଓ ମନୋଜ ଟିଏମ୍‌ସି ଟିକଟରେ ବିଧାୟକ ଭାବେ ନିର୍ବାଚିତ ହୋଇ ପଶ୍ଚିମବଙ୍ଗର କ୍ରୀଡ଼ାମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସେମାନଙ୍କ କାର୍ଯ୍ୟକାଳ ପୂରିଯିବା ପରେ ଟିଏମ୍‌ସି ଆଉ ତାଙ୍କୁ ଟିକଟ ଦେଇ ନଥିଲା। ମନୋଜଙ୍କ ସ୍ଥାନରେ ନିର୍ବାଚନ ଲଢ଼ିଥିବା ରାଣା ଚାଟାର୍ଜୀ ଏଥର ପରାଜିତ ହୋଇଛନ୍ତି। ତୃତୀୟ ଖେଳାଳି ଜଣଙ୍କ ହେଲେ ବରୋଦାର ୟୁସୁଫ୍ ପଠାନ। ପଶ୍ଚିମବଙ୍ଗ ତାଙ୍କ ରାଜ୍ୟ ହୋଇ ନ ଥିଲେ ମଧ ଟିଏମ୍‌ସି ତାଙ୍କୁ ୨୦୨୪ ଲୋକସଭା ନିର୍ବାଚନରେ ପ୍ରାର୍ଥୀ କରାଇଥିଲା। ଏଥିରେ ସେ ବିଜୟୀ ହୋଇ ଏବେ ସାଂସଦ ରହିଛନ୍ତି। ଅବଶ୍ୟ ଟିଏମ୍‌ସି ନିର୍ବାଚନ ହାରିଯିବା ପରେ ୟୁସୁଫ୍ ଆଉ ରାଜନୀତିରେ ରହିବେ କି ନା ତାହାକୁ ନେଇ ସନ୍ଦେହ ରହିଛି।

ଅଶୋକ ଦିଣ୍ଡା



### ଚୌହାନଙ୍କଠାରୁ ଗମ୍ଭୀରଙ୍କ ଯାଏ

ଭାରତୀୟ କ୍ରିକେଟ ଦଳର ଦୁଇଜଣ ଦମ୍‌ଦାର ଓପନର ଚେତନ ଚୌହାନ ଓ ଗୌତମ ଗମ୍ଭୀର ବିଜେପି ଟିକଟରେ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ଏପରିକି ଚେତନ ୟୁପିରେ ମନ୍ତ୍ରୀ ପଦ ମଧ ଅଳଙ୍କୃତ କରିଥିଲେ। ଦିଲ୍ଲୀର ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦେଲେ କୀର୍ତ୍ତୀ ଆଜାଦ୍ ମଧ ଲୋକସଭାରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଆଜାଦ ନିଜ ରାଜ୍ୟ ବିହାରରେ ବେଶ ପ୍ରଭାବଶାଳୀ ହୋଇଥିଲେ।

ଅନ୍ୟ ପ୍ରଭାବଶାଳୀ କ୍ରିକେଟ ଖେଳାଳିଙ୍କ ମଧ୍ୟରେ ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ ଓ ଓପନର ନଭଜ୍ୟୋତ ସିଂ ସିଦ୍ଧୁ ବେଶ୍ କିଛିଦିନ ରାଜନୀତିରେ ରହିଥିଲେ। ସିଦ୍ଧୁ ୨୦୦୪ରେ ସେ ବିଜେପି ଟିକଟରୁ ଅମ୍ରିତସରରୁ ଲଢ଼ି ସାଂସଦ ହୋଇଥିଲେ। ଏହାପରେ ସେ ୨୦୧୭ରେ କଂଗ୍ରେସରେ ଯୋଗ ଦେଇ ବିଧାୟକ ଭାବେ ଜିତି ମନ୍ତ୍ରୀ ହୋଇଥିଲେ। ସେହିପରି ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ କଂଗ୍ରେସ ଟିକଟରେ ଏମପି ହୋଇଥିଲେ ଏବଂ ତେଲଙ୍ଗାନା କଂଗ୍ରେସର କାର୍ଯ୍ୟକାରୀ ସଭାପତି ମଧ ଥିଲେ। ଏବେ ସେ ତେଲେଙ୍ଗାନାର ସଂଖ୍ୟାଲଘୁ କଲ୍ୟାଣ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ରହିଛନ୍ତି।

## ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଭୁବନେଶ୍ୱର,୫।୫(ସମିସ): ଅଲଓଡ଼ିଶା ଚେସ୍ ସଂଘ ଏବଂ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ମିଳିତ ସହଯୋଗରେ ରାଜ୍ୟ ଶିଶୁ ବା ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ପ୍ରୋ-ଚେସ୍-ଟା ପରିସରରେ ୭୫ଜଣ ଖେଳାଳିଙ୍କୁ ନେଇ ରାଜନେତା ସିମାଞ୍ଚଳ ଖଟେଇଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଓ ଟୁର୍ଣ୍ଣାମେଣ୍ଟ ସଂଯୋଜକ ଲଲାଟ କେଶରୀ ସାମଲ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଉଭୟ ଓପନ ଓ ବାଳିକା କାଟାଗୋରୀରେ ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ୩ ଦିନ ଧରି ୭ ରାଉଣ୍ଡ ବିଶିଷ୍ଟ ଖେଳାଯିବ। ଆଜି ପ୍ରଥମ ଦିନରେ ୨ ରାଉଣ୍ଡ ଖେଳାଯାଇଛି। ତାହା ମଧ୍ୟରୁ ଓପନ କାଟାଗୋରୀରେ ୧୨ଜଣ ଓ ବାଳିକା ବିଭାଗରେ ୨ଜଣ ଖେଳାଳି ୨ ରାଉଣ୍ଡରୁ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଆସନ୍ତାକାଲି ୩ ରାଉଣ୍ଡ ଓ ଗୁରୁବାର ତୃତୀୟଦିନରେ ଆଉ ୨ ରାଉଣ୍ଡ ଖେଳ ପରେ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ ବୋଲି ଆୟୋଜକ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS